


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୮ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 28 OCTOBER 2022
Vol.No. 33 ■ No. 279 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆମେରିକାକୁ ପୁଣି ରୁଷର ଚେତାବନୀ

# ସାଟେଲାଇଟ୍ ଉଡ଼ାଇ ଦେବାକୁ ଧମକ



ନୂଆଦିଲ୍ଲୀ, ୨୭/୧୦ : ୟୁକ୍ରେନ୍ ଉପରେ ପରମାଣୁ ଆକ୍ରମଣ ନେଇ ରୁଷ୍ ବାରମ୍ବାର ଧମକ ଦେଇ ଆସୁଛି । ରୁଷର ଏହି ଧମକକୁ ଗୁରୁତ୍ୱର ସହ ନେଇଥିବା ଆମେରିକା ଜବାବ ଦେବାକୁ ପଛାଇବ ନାହିଁ ବୋଲି କହିଆସୁଛି । ଆଉ ଏହାରି ଭିତରେ ରୁଷ୍, ଆମେରିକାକୁ ଆଉ ଏକ ବଡ଼ ଧମକ ଦେଇଛି । ଯଦି ଆମେରିକା ଓ ତା'ର ସହଯୋଗୀ ରାଷ୍ଟ୍ରମାନେ ୟୁକ୍ରେନ୍ ଯୁଦ୍ଧରେ ସାମିଲ୍ ହୁଅନ୍ତି, ତେବେ ସେସବୁ ଦେଶମାନଙ୍କ ବେସାମରିକ ସାଟେଲାଇଟକୁ ଉଡ଼ାଇ ଦିଆଯିବ ବୋଲି ରୁଷ ଧମକ ଦେଇଛି । ରୁଷ୍ ବୈଦେଶିକ ମନ୍ତ୍ରାଳୟର ନିରସ୍ତ୍ରୀକରଣ ଓ ଅସ୍ତ୍ରଶସ୍ତ୍ର ବିଭାଗର ନିର୍ଦ୍ଦେଶକ କନଷ୍ଟାଂଟିନ୍ ଭୋରୋନଷ୍ଟୋଭ ଏହା କହିଛନ୍ତି । ସେ କହିଛନ୍ତି, ୟୁକ୍ରେନ୍ ଯୁଦ୍ଧରେ ସହାୟତା ପାଇଁ ପାଶ୍ଚାତ୍ୟ ସାଟେଲାଇଟ୍ର ବ୍ୟବହାର ଅତ୍ୟନ୍ତ ବିପଜ୍ଜନକ ହୋଇପାରେ । ଆଉ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ରୁଷ୍, କ୍ୱାସି-ସିଭିଲିଆନ୍ ବା ଅର୍ଦ୍ଧବେସାମରିକ ସାଟେଲାଇଟ୍ ଗୁଡ଼ିକୁ ଟାର୍ଗେଟ୍ କରିବ । ଏପରିକି ଆବଶ୍ୟକ ପଡ଼ିଲେ, ବ୍ୟବସାୟିକ ସାଟେଲାଇଟକୁ ବି ଟାର୍ଗେଟ୍ କରାଯିବ ବୋଲି ସେ କହିଛନ୍ତି । ସେପଟେ ୟୁକ୍ରେନ ଉପରେ ପରମାଣୁ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି ରୁଷ । ପରମାଣୁ ଆକ୍ରମଣ ଲାଗି ବଡ଼ ଧରଣର ଅଭ୍ୟାସ ଆରମ୍ଭ କରିଛି ରୁଷିଆ ସେନା । କ୍ରେମଲିନ୍ ପକ୍ଷରୁ କୁହାଯାଇଛି, ରାଷ୍ଟ୍ରପତି ପୁଟିନଙ୍କ ନେତୃତ୍ୱରେ ବାଲାଷ୍ଟିକ୍ ଓ କ୍ରୁଜ୍ ମିସାଇଲ୍ ଅଭ୍ୟାସ ଆରମ୍ଭ କରିଛି ରୁଷ ସେନା । ପରମାଣୁ ଅସ୍ତ୍ର ବହନ କରୁଥିବା ମିସାଇଲ ବ୍ୟବହାର ପାଇଁ ଅଭ୍ୟାସ କରାଯାଇଛି । କ୍ଷେପଣାସ୍ତ୍ରଗୁଡ଼ିକ ପରୀକ୍ଷଣ ମଧ୍ୟ କରାଯାଇଛି । ବଡ଼ କଥା ହେଉଛି, କଂଟ୍ରୋଲ ରୁମ୍ରେ ବସି ଟିଭିରେ ଏହି ଯୁଦ୍ଧାଭ୍ୟାସର ଅନୁଧ୍ୟାନ କରିଛନ୍ତି ପୁଟିନ୍ । ବୁଡାଜାହାଜରୁ ମିସାଇଲ ପରୀକ୍ଷଣର ଫଟୋଚିତ୍ର ରୁଷିଆ ସରକାରଙ୍କ ଦ୍ୱାରା ପରିଚାଳିତ ଗଣମାଧ୍ୟମ ପକ୍ଷରୁ ଜାରି କରାଯାଇଛି । ୟୁକ୍ରେନ ଉପରେ ପ୍ରଥମେ ପରମାଣୁ ଆକ୍ରମଣ ଧମକ । ଆଉ ଏବେ ସାଟେଲାଇଟ୍ ଉଡାଇବାକୁ ଧମକ ଦେବା ପରେ ରୁଷ୍ ଆଗକୁ ଆହୁରି ଆକ୍ରମଣାତ୍ମକ ହେବ ବୋଲି କୁହାଯାଉଛି ।

## ଟିଆରଏସ ବିଧାୟକଙ୍କୁ ବିଜେପିରେ ସାମିଲ ହେବାକୁ ଅଫର



ନୂଆଦିଲ୍ଲୀ, ୨୭/୧୦ : ଟିଆରଏସ ବିଧାୟକଙ୍କୁ ଦଳ ପରିବର୍ତ୍ତନ କରି ବିଜେପିରେ ସାମିଲ କରିବାକୁ ବିଜେପି ଉଦ୍ୟମ କରିଛି । ଏହାକୁ ବିରୋଧ କରି ତେଲେଙ୍ଗାନାର ବିଭିନ୍ନ ସ୍ଥାନରେ ମନ୍ତ୍ରୀ ଓ ନେତା ମାନେ ପ୍ରତିବାଦ କରିଛନ୍ତି । ଏହି ବୁଝାମଣା କରୁଥିବା ୩ ଜଣଙ୍କୁ ଗୋଟାଏ ଫାର୍ମ ହାଉସରୁ ଧରାଯାଇ ଅଟକ ରଖାଯାଇଛି । ଟାର୍ଗେଟରେ ଥିବା ଟିଆରଏସର ୪ଜଣ ବିଧାୟକ ଏନେଇ ପୁଲିସକୁ ସୂଚନା ଦେଇଥିବା କହିଛନ୍ତି ତେଲେଙ୍ଗାନା ପୁଲିସ ମୁଖ୍ୟ ଷ୍ଟିଫେନ ରବିନ୍ଦ୍ରନ୍ । ବିଧାୟକଙ୍କୁ କିଣିବା ନିମନ୍ତେ ୧୦୦ କୋଟିରୁ ଅଧିକ ଟଙ୍କା କାରବାର ହୋଇଥିବା ଜଣାପଡ଼ିଛି । ମୁଖ୍ୟ ସୂତ୍ରଧରଙ୍କୁ ୧୦୦ କୋଟି ଟଙ୍କା ଓ ଏହା ସହ ପ୍ରତ୍ୟେକ ବିଧାୟକଙ୍କୁ ୫୦ କୋଟି ଲେଖାଏଁ ଅଫର ଦିଆଯାଇଛି ।

## ବିଜେପି ବିରୋଧରେ ନିର୍ବାଚନ ଆୟୋଗଙ୍କୁ ଫେରାଦ ହେଲା ବିଜେଡି

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୭/୧୦(ନି.ପ୍ର): ବିଜେପି ବିରୁଦ୍ଧରେ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିକଟରେ ଫେରାଦ ହୋଇଛି ବିଜେଡି । ଦିଲ୍ଲୀରେ ନିର୍ବାଚନ କମିଶନରଙ୍କୁ ବିଜେଡିର ଏକ ପ୍ରତିନିଧି ଦଳ ଭେଟି ଅଭିଯୋଗ କରିଛି ଯେ ଧାମନଗର ଉପନିର୍ବାଚନ ପାଇଁ ପ୍ରଚାର ଚାଲିଥିବା ବେଳେ ବିଜେପି କର୍ମକର୍ତ୍ତା ଅର୍ଥବଳରେ ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛି । ସେହିପରି ବିଜେପି ଏସଏଚଜି ମହିଳାଙ୍କୁ ଅପମାନିତ କରୁଛି । ଏପରିକି ରାଜ୍ୟ ବିଜେପି ନେତା ଓ କର୍ମୀ ସ୍ଥାନୀୟ ପ୍ରଶାସନ ଉପରେ ମଧ୍ୟ ଚାପ ସୃଷ୍ଟି କରୁଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି । ଗୁରୁବାର ଦିନ ସାଂସଦ ସସ୍ମିତ ପାତ୍ରଙ୍କ ନେତୃତ୍ୱରେ ସାଂସଦ ନିରଞ୍ଜନ ବିଶି, ମୁନ୍ନା ଖାଁ ଓ ଚନ୍ଦ୍ରଶେଖର ସାହୁ ପ୍ରମୁଖ ନିର୍ବାଚନ କମିଶନରଙ୍କୁ ଭେଟି ଦାବିପତ୍ର ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି । ରାଜ୍ୟ ବିଜେପି ନେତାଙ୍କୁ ଏହି ସବୁ ଅନୈତିକ କାମରୁ ନିବୃତ କରିବାକୁ ଦାବି କରିଛି ବିଜେଡି ।

## ଧର୍ମକୁ ନେଇ ରାଜନୀତି ! ଟାର୍ଗେଟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ, ୨୭/୧୦ : ଭାରତୀୟ ନୋଟକୁ ନେଇ ଏବେ ରାଜନୀତି ସରଗରମ ରହିଛି । ନୋଟ୍ ଉପରେ ଗଣେଶ ଓ ଲକ୍ଷ୍ମୀଙ୍କ ଫଟୋ ରଖିବା ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରସ୍ତାବ ପରେ ଏବେ ରାଜନୈତିକ ଦଳ ପ୍ରତିକ୍ରିୟା ଦେଉଛନ୍ତି । ରାଜନୈତିକ ଦଳ ଏବେ ବାବା ସାହେବ ଆମ୍ବେଦକର ଏବଂ ଛତ୍ରପତିଙ୍କ ଫଟୋ ଲଗାଇବାକୁ ଦାବି କରିଛନ୍ତି । ବିଜେପି ନେତା ନୀତେଶ ରାଣେ ନିଜ ଟ୍ୱିଟରରେ ଏକ ଫଟୋ ସେୟାର କରିଛନ୍ତି, ଯେଉଁଥିରେ ୨ଶହ ଟଙ୍କିଆ ନୋଟ ଉପରେ ଛତ୍ରପତି ଶିବାଜୀଙ୍କ ଫଟୋ ରହିଛି । ତେବେ ନୀତେଶ ରାଣେଙ୍କ ପରେ ଏହି ନୋଟ ରାଜନୀତିରେ କଂଗ୍ରେସ ମଧ୍ୟ ପଛଘୁଂଚା ଦେଇ ନାହିଁ । କଂଗ୍ରେସ ନେତା ମନୀଷ ତିୱାରୀ କହିଛନ୍ତି ଭାରତୀୟ ନୋଟ ଉପରେ ମହାତ୍ମା ଗାନ୍ଧୀଙ୍କ ସହ ବାବା ସାହେବ ଆମ୍ବେଦକରଙ୍କ ଫଟୋ ଲଗାଇବା ଉଚିତ । ଏମାନେ ଅହିଂସା ଓ ଲୋକତନ୍ତ୍ରର ସ୍ୱତନ୍ତ୍ର ପ୍ରତୀକ ବୋଲି ମନୀଷ ତିୱାରୀ କହିଛନ୍ତି । ନୋଟ ଉପରେ ଭଗବାନ ଗଣେଶ ଓ ଲକ୍ଷ୍ମୀଙ୍କ ଫଟୋ ଲଗାଇବା ଦାବି ପରେ ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, କେଜ୍ରିୱାଲଙ୍କ ଉପରେ ବର୍ଷିଛନ୍ତି । ସମ୍ବିତ ପାତ୍ରଙ୍କ ବ୍ୟତୀତ ବିଜେପି ସାଂସଦ ମନୋଜ ତିୱାରୀ ଏବଂ କଂଗ୍ରେସ ନେତା ସନ୍ଦୀପ ଦିକ୍ଷୀତ କେଜ୍ରିୱାଲଙ୍କୁ ଟାର୍ଗେଟ କରିଛନ୍ତି । ଅନ୍ୟପକ୍ଷରେ ସିପିଆଇଏମ୍ ▶▶ପୃଷ୍ଠା ୭

## ଜାମ୍ମୁ ରେଲୱେ ଷ୍ଟେସନରୁ ମିଳିଲା ଆଇଇଡ଼ି : ବୋମା ନିଷ୍କ୍ରିୟ ସ୍କ୍ୱାର୍ଡ଼ ଦ୍ୱାରା ନିଷ୍କ୍ରିୟ କରାଯାଇଛି

ଜମ୍ମୁ, ୨୭/୧୦(ନି.ପ୍ର): ଶାନ୍ତ ଜାମ୍ମୁକୁ ଦୋହଲାଇବା ପାଇଁ ଆଉ ଏକ ପ୍ରମୁଖ ଷଡ଼ଯନ୍ତ୍ର ସୁରକ୍ଷାବାହିନୀ ଦ୍ୱାରା ବିଫଳ ହୋଇଛି । ଗୁରୁବାର ଦିନ ଜାମ୍ମୁ ରେଳ ଷ୍ଟେସନରୁ ଆଇଇଡ଼ି ମିଳିବା ପରେ ଆତଙ୍କ ଖେଳିଯାଇଥିଲା, କିନ୍ତୁ ଏହାକୁ ବମ୍ ଡିସପୋଜାଲ ସ୍କ୍ୱାର୍ଡ଼ ଟିମ୍ ଦ୍ୱାରା ନିଷ୍କ୍ରିୟ କରାଯାଇଥିଲା । ରେଲୱେ ଷ୍ଟେସନ ସ୍ଥିତ ଟ୍ୟାକ୍ସି ରୋଡ଼ରେ ଆଜି କିଛି ଲୋକ ଆଇଇଡ଼ି ଦେଖିବାକୁ ପାଇଥିଲେ । ସେମାନେ ତୁରନ୍ତ ଏହି ସୂଚନା ପୋଲିସକୁ ଦେଇଥିଲେ । ପୋଲିସ ଏବଂ ସେନା ଘଟଣାସ୍ଥଳରେ ପହଂଚି ସେହି ଆଇଇଡ଼ିକୁ ଜବତ କରି ବମ୍ ନିଷ୍କ୍ରିୟ ଦଳକୁ ଡକାଇଥିଲେ । ଆଇଇଡ଼ି ମିଳିବାର ସୂଚନା ପାଇ କିଛି ସମୟ ପାଇଁ ଷ୍ଟେସନ ପରିସରରେ ଆତଙ୍କ ଖେଳିଯାଇଥିଲା । ବମ୍ ନିଷ୍କ୍ରିୟ ଦଳ ଠିକଣା ସମୟରେ ପହଂଚି ଆଇଇଡ଼ିକୁ ନିଷ୍କ୍ରିୟ କରିଦେଇଥିଲେ । ବହୁସଂଖ୍ୟାରେ ସୁରକ୍ଷକା ବଳକୁ ଦେଖି ଲୋକମାନେ ଆତଙ୍କିତ ହୋଇଥିଲେ କିନ୍ତୁ ସମୟ ପୂର୍ବରୁ ଏହି ଅଘଟଣକୁ ଆୟତ କରିନିଆଯାଇଥିଲା ।

## ଲାତେହାରରେ ପାଂଚଲକ୍ଷ ଟଙ୍କାର ପୁରସ୍କାର ଥିବା ସବଜୋନାଲ କମାଣ୍ଡର ସହିତ ୩ ଉଗ୍ରବାଦୀ ଗିରଫ

ଲାତେହାର, ୨୭/୧୦(ନି.ପ୍ର): ଲାତେହାର ଏସପି ଅଂଜନି ଅଂଜନାଙ୍କ ଦ୍ୱାରା ପ୍ରାପ୍ତ ଗୁପ୍ତ ସୂଚନା ଆଧାରରେ ପୋଲିସ ବାଲୁମାଥ ଥାନା ଅଂଚଳର ଡାକାଦାରୀ ଜଙ୍ଗଲରେ ଚଢ଼ାଉ କରି ଟିଏସପିସି ଆତଙ୍କବାଦୀ ସଂଗଠନର ତିନିଜଣ ଆତଙ୍କବାଦୀଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଗିରଫ ହୋଇଥିବା ଉଗ୍ରବାଦୀ ମାନଙ୍କ ଉପରେ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ସେମାନେ ହେଲେ ଉଗ୍ରବାଦୀ ସବ ଜୋନଲ କମାଣ୍ଡର ବିରାଜ ଗଂଝୁ (କାରିମାଡ଼ର, ଚତରା), ଏରିଆ କମାଣ୍ଡର ନଥୁନୀ ସିଂହ (ଉରାଓ ଟୋଲୀ, ମଟଲୋଙ୍ଗ ମନିକା) ତଥା ବିଜୟ ଭୂୟାଁ (ରୁଦ, ବାଲୁମାଥ) । ପୋଲିସ ଏମାନଙ୍କ ଠାରୁ ଗୋଟିଏ କେ-୪୭ ରାଇଫଲ, ଗୋଟିଏ ଦେଶୀ ରିଭଲଭର, ୮୭ ଗୁଳି, ବହୁମାତ୍ରାରେ ଉଗ୍ରବାଦୀଙ୍କ ଲିଫଲେଟ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି ।

## ଅର୍ଚ୍ଚନା ନାଗ ମାମଲାରେ ଇଡିକୁ ଏଫଆଇଆର କପି ହସ୍ତାନ୍ତର କଲା କମିଶନରେଟ୍ ପୋଲିସ୍



ଭୁବନେଶ୍ୱର, ୨୭/୧୦(ନି.ପ୍ର): ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ମାମଲାରେ ତଦନ୍ତ କରିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । କମିଶନରେଟ ପୋଲିସ ପକ୍ଷରୁ ୨ଟି ଏତଲାର କପି ଇଡିକୁ ହସ୍ତାନ୍ତର କରାଯାଇଛି । ଅର୍ଚ୍ଚନାଙ୍କ ନାଁରେ ଖଣ୍ଡଗିରି ଓ ନୟାପଲ୍ଲୀ ଥାନାରେ ହୋଇଥିବା ଏତଲାର କପି ଇଡିକୁ ଦିଆଯାଇଛି । ଏତଲା କପି ପାଇବା ପରେ ଇଡି ଏହି ମାମଲାରେ ତଦନ୍ତ କରିପାରେ । ସୂଚନାଯୋଗ୍ୟ ଯେ ନାମିଦାମୀ ଲୋକମାନଙ୍କୁ ବ୍ଲାକମେଲ କରିବା ଅଭିଯୋଗରେ ଗତ ୭ ତାରିଖରେ ଅର୍ଚ୍ଚନା ନାଗଙ୍କୁ କମିଶନରେଟ୍ ପୋଲିସ୍ ଗିରଫ କରିଥିଲା । ଏହାର ୧୫ ଦିନ ପରେ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ପୁଲିସ ଗିରଫ କରିଥିଲା । ବର୍ତ୍ତମାନ ଉଭୟ ସ୍ୱାମୀ ଓ ସ୍ତ୍ରୀ ଏବେ ସେକ୍ସଟୋର୍ସନ ମାମଲାରେ ଗିରଫ ହୋଇ ଝାରପଡ଼ା ଜେଲରେ ଅଛନ୍ତି ।

## ଟାଟା ସମୂହ ବନାଇବେ ୪୦ ପରିବହନ ବିମାନ



ନୂଆଦିଲ୍ଲୀ, ୨୭/୧୦ : ମେକ ଇନ୍ ଇଣ୍ଡିଆର ଏକ ଅଂଶ ଭାବରେ ଟାଟା ଗୋଷ୍ଠୀ ଭଦୋଦରାସ୍ଥିତ ବାୟୁସେନା ପାଇଁ ଫ୍ରାନସ ପରିବହନ ବିମାନ ସି-୨୯୫ ପ୍ରସ୍ତୁତ କରିବ । ପ୍ରଥମ ୧୬ ବିମାନ ସ୍ପେନରେ ଉତ୍ପାଦିତ ହେବ ଏବଂ ୟୁରୋପୀୟ କମ୍ପାନୀ ଏୟାରବସ୍ ଚାରି ବର୍ଷ ମଧ୍ୟରେ ଭାରତକୁ ଫ୍ଲାଇଙ୍ଗ ମୋଡ଼ରେ ପହଂଚାଇବ । ଅବଶିଷ୍ଟ ୪୦ ବିମାନ ଉତ୍ପାଦନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅକ୍ଟୋବର ୩୦ରେ ଗୁଜୁରାଟର ଭଦୋଦରା ଠାରେ ଏକ ଉତ୍ପାଦନ କାରଖାନାର ମୂଳଦୁଆ ପକାଇବେ । ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ରଙ୍କ ଅନୁଯାୟୀ ଟାଟା ଗ୍ରୁପ୍ ଭଦୋଦରାସ୍ଥିତ ବାୟୁସେନା ପାଇଁ ୪୦ଟି ଫ୍ରାନ୍ସ ପରିବହନ ବିମାନ ସି-୨୯୫ ଉତ୍ପାଦନ କରିବ । ସ୍ପେନର କମ୍ପାନୀ ଏୟାରବସ୍ ଡିଫେନ୍ସ ଏବଂ ସ୍ପେସ୍ ସହିତ ୫୬ ସି-୨୯୫ ପରିବହନ ସାମରିକ ବିମାନ କିଣିବା ପାଇଁ ଚୁକ୍ତିନାମା ଗତ ବର୍ଷ ୨୪ ସେପ୍ଟେମ୍ବରରେ ଚୂଡ଼ାନ୍ତ ହୋଇଥିଲା ।

## ୧୯୯୩ ଏପ୍ରିଲ ୧୨ ପରେ ନିଯୁକ୍ତ ଅସ୍ଥାୟୀ କର୍ମଚାରୀଙ୍କ ଆନ୍ଦୋଳନର ବ୍ୟାପକ ପ୍ରସ୍ତୁତି

ବାଲେଶ୍ୱର, ୨୭/୧୦(ନି.ପ୍ର): ୧୯୯୩ ଏପ୍ରିଲ ୧୨ ପରେ ନିଯୁକ୍ତ 'ଓଡ଼ିଆ ଅସ୍ଥାୟୀ କର୍ମଚାରୀ ମିଳିତ ମଂଚର ଆହ୍ୱାନକ୍ରମେ ରାଜ୍ୟ ସରକାରଙ୍କ ଅଧୀନସ୍ଥ ବିଭିନ୍ନ ବିଭାଗ ଓ ସଂସ୍ଥାମାନଙ୍କରେ ନିଯୁକ୍ତି ପାଇଥିବା ଓ ସରକାରଙ୍କ ବିଭିନ୍ନ ବିଭାଗ ଓ ସଂସ୍ଥାମାନଙ୍କରୁ ସିଧାସଳଖ ଦରମା/ମଜୁରି ପାଇଥିବା ବିଭିନ୍ନ ବର୍ଗରେ ଆଜି ପର୍ଯ୍ୟନ୍ତ କାମ କରି ଆସୁଥିବା କର୍ମଚାରୀମାନଙ୍କର ଦାବି ହାସଲ ପାଇଁ ଏକ ପ୍ରସ୍ତୁତି ବୈଠକ ଗତ ୨୩ ତାରିଖ ଦିନ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି ।

ଏହି ପ୍ରସ୍ତୁତି ବୈଠକରେ ସର୍ବସମ୍ମତିକ୍ରମେ ୧୯୯୩ ଏପ୍ରିଲ ୧୨ ତାରିଖ ପରେ ନିଯୁକ୍ତିପ୍ରାପ୍ତ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀ ଭାବେ ଘୋଷଣା କରିବାକୁ ସରକାରଙ୍କ ପାଖେ ଏକକ ଦାବି ଉପସ୍ଥାପନ କରାଯିବାକୁ ପ୍ରସ୍ତାବ ନିଆଯାଇଥିଲା । ଏହି ବୈଠକରେ ସଭାପତିତ୍ୱ କରିଥିଲେ କରୁଣାକର ବେହେରା, ଉପସଭାପତି ସୁଜିତ୍ ବେହେରା, ସାଧାରଣ ସମ୍ପାଦକ ଭାବେ ତପନ କୁମାର ଜେନା, ସଞ୍ଜୀବ କୁମାର ପାଣିଗ୍ରାହୀ, ସୁଦୀପ ବେହେରା, ଅଶୋକ ଲେଙ୍କା, ବିପ୍ଳବ ସିଂ ଓ ବିଷ୍ଣୁ ପ୍ରମୁଖ ଯୋଗଦାନ କରିଥିଲେ । ଦାବି ହାସଲ ପାଇଁ ଦାବିପତ୍ର ପ୍ରଦାନ ସହ ପ୍ରତିବାଦ ଓ ଆବଶ୍ୟକ ହେଲେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

ଏହାଛଡ଼ା ଜିଲ୍ଲାରୁ ଦୁଇଜଣ ଲେଖାଏଁ କର୍ମଚାରୀ ପ୍ରତିନିଧିଙ୍କୁ କର୍ମକର୍ତ୍ତା ଭାବେ ବଛାଯାଇ ଏକ କୋର କମିଟି ଗଠନ କରାଯାଇଥିଲା । ଏହି ବୈଠକରେ ଜିଲ୍ଲାର ଉପାନ୍ତ ଅଂଚଳମାନଙ୍କରେ ଥିବା ପିଏଚଡି, ମ୍ୟୁନିସିପାଲଟି, ଏନ୍ଏସି, ଇରିଗେସନ, ଆରଡି, ଆରଡବ୍ଲୁଏସସ, ଗୃହ ନିର୍ମାଣ ସଂସ୍ଥା, ଷ୍ଟେରେଜ ବୋର୍ଡ଼, ଓୟୁଏଟି ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘମାନଙ୍କର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ସମସ୍ତ କର୍ମଚାରୀଙ୍କୁ ରେଗୁଲାର କରିବାପାଇଁ ଜୋରଦାର କାର୍ଯ୍ୟକ୍ରମ ଗ୍ରହଣ କରାଯିବାକୁ ସିଦ୍ଧାନ୍ତ ନିଆଯାଇଛି ।

## ସୂର୍ଯ୍ୟବଂଶୀ ସୂରଜଙ୍କ ପାଇଁ ୨ ଦିନ ପଦଯାତ୍ରା କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ଭଦ୍ରକ/ଭୁବନେଶ୍ୱର, ୨୭ ଅକ୍ଟୋବର - ଆସନ୍ତାକାଲି ଧାମନଗର ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜଙ୍କ ପାଇଁ ଧାମନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଂଚାୟତରେ ପ୍ରଚାର କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଅକ୍ଟୋବର ୨୮ ଓ ୨୯ତାରିଖ ଦୁଇ ଦିନ ଧାମନଗରରେ ଘରକୁ ଘର ବୁଲି ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ସହିତ ସାଧାରଣ ଲୋକଙ୍କୁ ବିଜେପି ପାଇଁ ସମର୍ଥନ ଲୋଡିବେ ବୋଲି ଗୁରୁବାର ବିଜେପି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଶ୍ରୀ ହରିଚନ୍ଦନ କହିଛନ୍ତି ଆଗାମୀ ଦିନମାନଙ୍କରେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡ୍ଡୁ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ସାଂସଦ ଜୁଏଲ ଓରାମ ଓ ଅନ୍ୟ ବରିଷ୍ଠ ନେତାମାନେ ପ୍ରଚାରରେ ଆସିବେ । ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଯାଜପୁର ଜିଲ୍ଲାର ବିଜୁ ଜନତା ଦଳର ଯେଉଁ ନେତାମାନେ ଚକ୍ରାନ୍ତ କରି ଭଦ୍ରକରେ ହେବାକୁ ଥିବା ମେଡିକାଲ କଲେଜକୁ ଯାଜପୁରକୁ ନେଇ ଯାଇଥିଲେ ଆଜି ସେହି ନେତାମାନେ ଧାମନଗରରେ ବିଜୁ ଜନତା ଦଳର ନିର୍ବାଚନ ପରିଚାଳନା କରୁଛନ୍ତି । ▶▶ପୃଷ୍ଠା ୭

## ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ଅଭିଯୋଗ ହେଲେ ୧୦୦ ମିନିଟ୍ରେ କାର୍ଯ୍ୟାନୁଷ୍ଠାନ : ସିଇଓ

ଭୁବନେଶ୍ୱର, ୨୭/୧୦(ନି.ପ୍ର): ଆଗକୁ ଧାମନଗର ଉପନିର୍ବାଚନ ଥିବା ବେଳେ ଆଦର୍ଶ ଆଚରଣ ବିଧିର କଡାକଡି ପାଳନ ଉପରେ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ । ଏହାର ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ । ନିର୍ବାଚନବେଳେ ▶▶ପୃଷ୍ଠା ୭

## ସାହିତ୍ୟିକ ବନ୍ଧୁଙ୍କୁ ସାଦର ନିମନ୍ତ୍ରଣ

ଆସନ୍ତା ୩୧/୧୦/୨୨ରିଖ ସୋମବାର ସଂଧ୍ୟା ୬ ଘଟିକାରେ ଡକ୍ଟର ଭାଗବତ ବେହେରାଙ୍କ ଲିଖିତ ଦୁଇଗୋଟି ଉପନ୍ୟାସ 'ଇମିତି ହୁଏ' (ସାମାଜିକ) ଓ 'ଗୋପୀ' (ପୌରାଣିକ) ଟାଉନ୍ହଲ୍ ନିକଟସ୍ଥ ନୃତ୍ୟ ସଂଗୀତ କଳାମନ୍ଦିର ଠାରେ ଲୋକାର୍ପିତ ହେବ । ଉକ୍ତ ଉତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ସାହିତ୍ୟିକ ବନ୍ଧୁମାନଙ୍କୁ ସାଦର ନିମନ୍ତ୍ରଣ ।

ଡକ୍ଟର ଭାଗବତ ବେହେରା (ଲେଖକ)

# ଜୟପୁରକୁ ଗଡ଼ିଲା ଭିଷ୍ଟାଡୋମ କୋଚ୍

ଜୟପୁର ,୨୭/୧୦ (ନି.ପ୍ର): ଜୟପୁର ରେଳ ଷ୍ଟେସନ ଦେଇ ଆଜି ଠାରୁ ଭିଷ୍ଟାଡୋମ କୋଚ୍ ସେବା ଆରମ୍ଭ ହୋଇଛି। ଏହି ସେବା ଜୟପୁର ଦେଇ ଯାଉଥିବା କିରଣ୍ଡୁଲ- ବିଶାଖାପାଟଣା ଏବଂ ବିଶାଖାପାଟଣା-କିରଣ୍ଡୁଲ ଏକ୍ସପ୍ରେସ ଟ୍ରେନରେ ଆରମ୍ଭ କରିଛି। ଭାରତରେ ପ୍ରଥମ କରି ଯେତେବେଳେ ଏହି ସେବା ଆରମ୍ଭ ହୋଇଥିଲା ସେତେବେଳେ ହିଁ ଏହି ଟ୍ରେନରେ ଏହି ସେବା ଆରମ୍ଭ ହୋଇଥିଲା। କିନ୍ତୁ ଆନ୍ଧ୍ରପ୍ରଦେଶ ପର୍ଯ୍ୟଟନ ବିଭାଗ ଏବଂ ରେଳ ବିଭାଗ ମିଳିତ ଉଦ୍ୟମରେ ଏହା ଆରମ୍ଭ ହୋଇଥିବାରୁ ଏହା ଓଡ଼ିଶା ଆସି ପାରିନଥିଲା। କେବଳ ଆରାକୁ ଯାଏଁ ଆସିବା ପରେ ଏହି ଟ୍ରେନରୁ କୋଚ୍ ଗୁଡିକୁ ସେଠାରୁ ଅଟକ ରଖି ପୁଣି ବିଶାଖାପାଟଣା ଅଭିମୁଖେ ଡାଉନ ଟ୍ରେନରେ ଫେରିବା ବ୍ୟବସ୍ଥା କରାଯାଇଥିଲା। ଏହାକୁ ନେଇ ଗତବର୍ଷ ଅଗଷ୍ଟ ୨୨ ତାରିଖରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ଜୟପୁର ମୁଖ୍ୟ ଡାକଘର ଠାରେ ଯେତେବେଳେ ସେ ଜୟପୁର ଗସ୍ତରେ ଆସିଥିଲେ। ପରେ କୋରାପୁଟ ସାଂସଦ ଏନେଇ ଏକ ଚିଠି ମଧ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ସେ ଯାହା ହେଉ ୨୦୧୭ରୁ ଆରାକୁ ଯାଏଁ ଆସୁଥିବା ଏହି କୋଚ୍ ଗୁଡିକୁ ଛତିଶଗଡ଼ର କିରଣ୍ଡୁଲ ଯାଏଁ ସେବା ସଂପ୍ରସାରିତ ହୋଇ ଥିବାରୁ ସ୍ଥାନୀୟ ଅଂଚଳରେ ଖୁସି ପ୍ରକାଶ ପାଇଛି। କେବଳ ଯେ, କୋରାପୁଟ କିମ୍ବା ଜୟପୁର ନୁହେଁ ଏହି କୋଚ୍ ଏବେ ତିନି ରାଜ୍ୟର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଯାଉଥିବାରୁ ସବୁଠି ଖୁସି। ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଛତିଶଗଡ଼ରେ ଗଡୁଥିବା ଏହି ବିଶାଖାପାଟଣା-କିରଣ୍ଡୁଲ ଏକ୍ସପ୍ରେସ ଟ୍ରେନରେ ଦୁଇଟି ଭିଷ୍ଟାଡୋମ କୋଚ୍ ଲାଗିଛି। ଗୋଟିଏ ଗୋଟିଏ କୋଚ୍ରର ସିଟ ସଂଖ୍ୟା ୪୨। ଏହାଦ୍ୱାରା ଆନ୍ଧ୍ରପ୍ରଦେଶର ସିମାଞ୍ଚଳ, ଆରାକୁବୋରା, ଓଡ଼ିଶାର ମାଛକୁଣ୍ଡ, ଶାବର ଶ୍ରୀକ୍ଷେତ୍ରକୋରାପୁଟ, ମାଳିଗୁଡା, ଜୟପୁର, ଛତିଶଗଡ଼ର ତୀରଥଗଡ, ଚିତ୍ରକୁଟ ଭଳି ପର୍ଯ୍ୟଟନ କ୍ଷେତ୍ରକୁ ଯେଉଁ ପର୍ଯ୍ୟଟକ ମାନେ ଆସୁଥିଲେ ସେମାନେ ଏବେ ଏହାର ମଜା ନେଇ ପାରିବେ। ଏହି କୋଚ୍ ରେ ଯେଭଳି ଭାବେ ୩୬୦ ଡିଗ୍ରୀ ରୋଟ୍ୱାଲ ସିଟ ସହ ଗ୍ଲାସ ରୁଫେଡ ଛାତ ଏବଂ ବଡ଼ ବଡ଼ ଝରକା ଲାଗିଛି ତାହା ସମସ୍ତଙ୍କୁ ଚକିତ କରିବା ନିଶ୍ଚିତ। ମାଓବାଦୀଙ୍କ ପ୍ରଭାବ ଥିବା ଏହି ଅଂଚଳରେ ପୂର୍ବରୁ ଦ୍ୱିତୀୟ ଟ୍ରେନ ଚଳାଇବାକୁ ସରକାର ସାହସ କରୁନଥିବା ବେଳେ କେନ୍ଦ୍ର ସରକାରଙ୍କ ରେଳ ବିଭାଗ ଏବେ ଏହି ରାସ୍ତାରେ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆଣିବାକୁ ଏହି କୋଚ୍ ଚଳାଇଛି। ଏହାକୁ ସ୍ଥାନୀୟ ଲୋକମାନେ ସ୍ୱାଗତ କରିଛନ୍ତି କାରଣ ଏହା ଓଡ଼ିଶା, ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶର ଏକ ମାତ୍ର ଟ୍ରେନ ଯହିଁରେ ଏହି ସେବା ଅଛି। ଦେଶର କିଛି ନିର୍ଦ୍ଦିଷ୍ଟ ପର୍ଯ୍ୟଟନ କ୍ଷେତ୍ରର ଟ୍ରେନରେ ଏହି କୋଚ୍ ସୁବିଧା ଥିବା ବେଳେ ଆମ ଆଖପାଖ ରାଜ୍ୟରେ ଏହା ପ୍ରାୟ ନ ଥିଲା। କାଶ୍ମୀର ଘାଟି, ସିଲିଗୁଡି, ବାଙ୍ଗାଲୋର, ମୁମ୍ବାଇ, ପୁନେ ଭଳି ଅଂଚଳର କିଛି ନିର୍ଦ୍ଦିଷ୍ଟ ଟ୍ରେନରେ ଏହି ସୁବିଧା ଥିବା ବେଳେ ଦେଶରେ କେବଳ ୨୦ଟି ଟ୍ରେନରେ ଏହା ଉପଲବ୍ଧ କୁହାଯାଉଛି। ଏଭଳି କ୍ଷେତ୍ରରେ କୋରାପୁଟ ଭଳି ଆକାଂକ୍ଷା ଜିଲ୍ଲାର କୋଟପାଡ଼, କୁଣ୍ଡୁମୀ, ମାନବାର, ଛତ୍ରିପୁଟ, ଧନପୁର ଭଳି ଷ୍ଟେସନ ଥିବା ଛୋଟ ଗାଁ ଲୋକେ ବି ଏହାର ମଜା ନେଇପାରିବେ।

# ବାଟବଣା 'ଅନ୍ୱେଷା' ଯୋଜନା : ପିଲାଙ୍କ ପଢ଼ା ଖର୍ଚ୍ଚ ୪.୧୯ କୋଟି, ମାର୍କ ରଖୁଛନ୍ତି ୧୨ରୁ ୨୦ ପ୍ରତିଶତ

ରାଉରକେଲା ,୨୭/୧୦ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲାରେ ସଂପୂର୍ଣ୍ଣ ବିଫଳ ହୋଇଛି ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଇଂରାଜି ସ୍କୁଲରେ ପଢ଼ାଇବାର ଯୋଜନା 'ଅନ୍ୱେଷା'। ଏହି ଯୋଜନାରେ ୪ର୍ଥରୁ ୧୦ ଶ୍ରେଣୀ ପର୍ଯ୍ୟନ୍ତ ଜିଲ୍ଲାର ମୋଟ୍ ୨୨୬୪ ପିଲା ୧୭ଟି ଇଂରାଜୀ ମାଧ୍ୟମ ସ୍କୁଲରେ ପାଠ ପଢୁଥିବା ହିସାବ ଦିଆ ଯାଉଛି। ଯାତାୟତ, ରହିବା ଓ ଖାଇବାକୁ ଛାଡି, ପାଠପାଇଁ ଜଣେ ପିଲା ପାଇଁ ବାର୍ଷିକ ୨୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏପରି ଭାବେ ପାଠପଢ଼ା ବାବଦରେ ବର୍ଷକୁ ସରକାରୀ ପାଣ୍ଠିରୁ ଖର୍ଚ୍ଚ ହେଉଛି ୪ କୋଟି ୧୯ ଲକ୍ଷ ୩୧ ହଜାର ୫୭୦ ଟଙ୍କା। ଏହା ବାହାରେ ଖାଇବା, ରହିବା, ପୋଷାକପତ୍ର, ଯାତାୟତ ଆଦି ବାବଦରେ ଜଣେ ପିଲା ପିଛା ବର୍ଷକୁ ଖର୍ଚ୍ଚ କରା ଯାଉଛି ୧୮ ହଜାର। ଏମିତି ଭାବେ ଜଣେ ପିଲା ପିଛା ସରକାରଙ୍କ ପାଣ୍ଠିରୁ ବର୍ଷକୁ ୩୮ ହଜାର ଟଙ୍କା ଖର୍ଚ୍ଚ ହେଉଛି। କେବଳ ଏତିକି ନୁହେଁ, ହଷ୍ଟେଲରେ ଏମାନଙ୍କୁ ପାଠ ପଢ଼ାଇବାକୁ ସୁନ୍ଦରଗଡ଼ କେନ୍ଦ୍ରରେ ୨୨ ଓ ରାଉରକେଲା କେନ୍ଦ୍ରରେ ୧୮, ଏମିତି ମୋଟ୍ ୪୦ ଜଣ ଟ୍ୟୁଟରଙ୍କୁ ନିଯୁକ୍ତି ଦିଆଯାଇଛି। ଟ୍ୟୁଟର ପିଛା ମାସିକ ୮୦୦୦ ଟଙ୍କା ଖର୍ଚ୍ଚ ହେଉଛି। ମୋଟ୍ ଉପରେ ଏହି ଯୋଜନାରେ ଆକର୍ଷଣୀୟ ଖର୍ଚ୍ଚ କରା ଯାଉଛି। କିନ୍ତୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ଫଳ ଶୂନ। କାରଣ ଏଥିରେ ସାମିଲ ପିଲାଙ୍କ ଭିତରୁ ପ୍ରାୟ ୮୦%ଙ୍କ ପାଠପଢ଼ାର ଫଳାଫଳ ସମ୍ପୂର୍ଣ୍ଣ ନୈରାଶ୍ୟଜନକ। ଗତ ବାର୍ଷିକ ପରୀକ୍ଷାରେ ଏଥିରୁ ଅଧିକାଂଶ ପିଲା ୧୨-୨୦ ପ୍ରତିଶତ ମାର୍କ ରଖିଛନ୍ତି। ପ୍ରାୟ ସବୁ ଇଂରାଜି ମାଧ୍ୟମ ସ୍କୁଲରେ ପାଠ ପଢୁଥିବା ଅନ୍ୱେଷା ଯୋଜନାର ପିଲାଙ୍କ ମାର୍କ ଏପରି ରହିଛି। ବର୍ଷ ବର୍ଷ ଧରି ଏହି ସ୍ଥିତି ଜାରି ରହିଛି। ଏଥିପ୍ରତି ଦାୟିତ୍ୱରେ ଥିବା ଅଧିକାରୀ ଓ ଜିଲ୍ଲା ପ୍ରଶାସନ କିନ୍ତୁ ଆଖି ବୁଜି ଦେଇଛନ୍ତି। କାହିଁକି ଓ କ'ଣ ପାଇଁ ପିଲାମାନେ ପରୀକ୍ଷାରେ ଏମିତି ମାର୍କ ରଖୁଛନ୍ତି, ଥରୁଟିଏ ତଦାରଖ କରାଯାଉ ନାହିଁ। ବର୍ଷ ବର୍ଷ ଧରି ଚିରାଚରିତ ଭାବେ ଏଭଳି ପାଠ ପଢ଼ା ଚାଲିଛି। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ଏମିତି ସାଂଘାତିକ ତଥ୍ୟ, ସୁନ୍ଦରଗଡ଼ରେ 'ଅନ୍ୱେଷା' ଯୋଜନାର ବାସ୍ତବତାକୁ ପଦାରେ ପକାଇଛି।

ଏହା ସହିତ ଯୋଜନାକୁ ପରିଚାଳନା କରୁଥିବା ଅଧିକାରୀମାନଙ୍କ ନିଷ୍ଠା ଓ ପାରିବା ପଣିଆ ଉପରେ ମଧ ପ୍ରଶ୍ନବାଚୀ ଛିଡା କରିଛି। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲାରେ ଅନ୍ୱେଷା ଯୋଜନାରେ ଥିବା ୨୨୬୪ ପିଲାଙ୍କ ପାଇଁ ସୁନ୍ଦରଗଡ଼ର ଦୁଇଟି ହଷ୍ଟେଲରେ ୧୧୪୩ ଓ ରାଉରକେଲାର ୩ଟି ହଷ୍ଟେଲରେ ୧୧୨୧ ପିଲା ରହୁଛନ୍ତି। ସେଠାରେ ରହି ସେମାନେ ସୁନ୍ଦରଗଡ଼ର ରିଭରଷ୍ଟୋନ୍ ଇଣ୍ଟରନ୍ୟାସନାଲ ସ୍କୁଲ, ଓଡ଼ିଶା ପବ୍ଲିକ ସ୍କୁଲ, ଗୁଡ୍ ସେଫାଡ ପବ୍ଲିକ ସ୍କୁଲ, ଦର୍ଶନ ଏକାଡେମି, ସୁନ୍ଦରଗଡ଼ ପବ୍ଲିକ ସ୍କୁଲ, ଦ ଆସେମ୍ବିଲ ଅଫ୍ ଗଡ୍ ସ୍କୁଲ, ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲ, ଏସ୍.ବି. ଜାଭିୟର ସ୍କୁଲରେ ପଢୁଛନ୍ତି। ରାଉରକେଲାର ପିଲାମାନେ ସାଇଭ୍ୟାଲି ୱାଲର୍ଡ ସ୍କୁଲ, ସରସ୍ୱତୀ ବିଦ୍ୟାମନ୍ଦିର, ଶ୍ରୀ ଅରୋବିନ୍ଦ ସ୍କୁଲ, ଇଣ୍ଡୋ ଇଂରାଜୀ ମାଧ୍ୟମ ସ୍କୁଲ, କଳିଙ୍ଗ ପବ୍ଲିକ ସ୍କୁଲ, ଦୀପିକା ଇଂରାଜୀ ମାଧ୍ୟମ ସ୍କୁଲ, ଚିନ୍ମୟ ପବ୍ଲିକ ସ୍କୁଲ ଛେଣ୍ଡ କଲୋନି, ଷ୍ଟେସନନିକଟ ସିଟି ଇଂରାଜୀ ସ୍କୁଲ, ସତ୍ୟସାଇ ବିଦ୍ୟାମନ୍ଦିରରେ ପଢୁଛନ୍ତି। କଳିଙ୍ଗ ପବ୍ଲିକ ସ୍କୁଲକୁ ବାର୍ଷିକ ୩୮ ଲକ୍ଷ ୪୦ ହଜାର, ଚିନ୍ମୟ ପବ୍ଲିକ ସ୍କୁଲକୁ ୩୪ ଲକ୍ଷ ୫୪ ହଜାର ୨୫୦ ଟଙ୍କା, ସିଟି ଇଂରାଜୀ ସ୍କୁଲକୁ ୨୭ ଲକ୍ଷ୪୩ ହଜାର ୨୦୦ ଟଙ୍କା, ଶ୍ରୀ ଅରୋବିନ୍ଦ ସ୍କୁଲ ୩୩ ଲକ୍ଷ ୧୬ ହଜାର ୬୦୦ ଟଙ୍କା, ସୁନ୍ଦରଗଡ଼ର ଦର୍ଶନ ଏକାଡେମୀକୁ ବାର୍ଷିକ ୫୧ ଲକ୍ଷ, ସୁନ୍ଦରଗଡ଼ ପବ୍ଲିକ ସ୍କୁଲକୁ ୩୨ ଲକ୍ଷ ୮୦ ହଜାର ଟଙ୍କା ଦିଆଯାଉଛି। ଅନୁରୂପ ଭାବେ ଇଣ୍ଡୋ ଇଂରାଜୀ ସ୍କୁଲକୁ ବାର୍ଷିକ ୩୦ ଲକ୍ଷ ୨୦ ହଜାର, ସାଇଭ୍ୟାଲି ୱାର୍ଲଡ ସ୍କୁଲକୁ ୧୮ ଲକ୍ଷ ୧୧ ହଜାର ଓ ସତ୍ୟସାଇ ବିଦ୍ୟା ମନ୍ଦିରକୁ ବାର୍ଷିକ ୧୩ ଲକ୍ଷ ୩୩ ହଜାର୭୦୦ କେବଳ ସ୍କୁଲ ଫି' ବାବଦରେ ଦିଆଯାଉଛି। ତେବେ ଏହି ଘରୋଇ ଇଂରାଜୀ ସ୍କୁଲଗୁଡ଼ିକ ସରକାରଙ୍କଠାରୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ନେଉଥିଲେ ହେଁ ଯୋଜନାରେ ଯାଉଥିବା ପିଲାଙ୍କ ପାଠ ପଢ଼ାକୁ ସେତେଟା ଗୁରୁତ୍ୱ ଦେଉ ନାହାନ୍ତି ବୋଲି ଅଭିଯୋଗ ହେଉଛି। କିନ୍ତୁ ବିଭାଗୀୟ ଅଧିକାରୀମାନେ ନିରବ ରହୁଛନ୍ତି। କିଛି ସ୍କୁଲ କର୍ତ୍ତୃପକ୍ଷ ଅଧିକାରୀମାନଙ୍କ ସହିତ ଭିତିରି ସଲାସୁତୁରା କରି ପିଲାଙ୍କୁ ନେଉଛନ୍ତି, ତେଣୁ ଅଧିକାରୀମାନେ ସ୍ଥିତିର ପରିବର୍ତ୍ତନ ପାଇଁ କିଛି ଉଦ୍ୟମ କରୁନାହାନ୍ତି ବୋଲି ସାଧାରଣରେ ଅଭିଯୋଗ ଉଠୁଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ କେବଳ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବ, କିନ୍ତୁ ଆଦିବାସୀ ପିଲାଙ୍କୁ ଇଂରାଜୀ ମାଧ୍ୟମ ସ୍କୁଲରେ ପଢ଼ାଇବାର ଲକ୍ଷ୍ୟ ଆଦୌ ପୂରଣ ହେବନାହିଁ।

## ଏସଓଜିର ଦମଦାର ବିଜୟ ପ୍ରେସ ଇଲେଭେନ ପରାସ୍ତ

କନ୍ଧମାଳ ,୨୭/୧୦ (ନି.ପ୍ର): ଫୁଲବାଣୀ ସ୍ଥିତ ରିଜର୍ଭ ପଡ଼ିଆଠାରେ ସପ୍ତମ ସହୀଦ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଟୋଣ୍ଟି ଟୋଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ। ଜିଲ୍ଲାର ବଛା ବଛା ୧୬ଟି କ୍ରିକେଟ ଟିମ ଅଂଶ ଗ୍ରହଣ କରିଥିବା ବେଳେ ବୁଧବାର ଦିନ ଅନୁଷ୍ଠିତ ହୋଇଥିବା ଗ୍ରାଉଣ୍ଡ ୧ରେ ଏସଓଜି ଇଲେଭେନ ଓ ପ୍ରେସ ଇଲେଭେନ ମଧ୍ୟରେ ଏସଓଜି ଇଲେଭେନ ୧୦ ଉଇକେଟରେ ଅର୍ଥାତ କୌଣସି ଉଇକେଟ ନ ହରାଇ ମାତ୍ର ୬ ଓଭର ଦୁଇଟି ବଲରେ ଜିତି ସେମି ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚ ପ୍ରେସ ଇଲେଭେନ ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୮ ଓଭରରେ ୧୧୭ ରନ ସଂଗ୍ରହ କରିଥିବା ବେଳେ ଏସ ଓ ଜି ଇଲେଭେନ କୌଣସି ଉଇକେଟ ନ ହରାଇ ୧୧୮ ରନ କରି ବିଜୟୀ ହୋଇଥିଲା। ଏସଓଜି ଦଳର ବିକାଶ ୩୧ ରନ କରିଥିବା ବେଳେ ମଣ୍ଟୁ ୮୨ ରନ କରି ମ୍ୟାନ ଅଫ ଦ ମ୍ୟାଚ ରୂପେ ଘୋଷିତ ହୋଇଥିଲେ କ୍ଷ ସେହିପରି ପ୍ରେସ ଇଲେ ଭେନର ରୁପେଶ ୨୧ ବଲରେ ୨୯ ରନ କରିଥିବା ବେଳେ ରାମ ୧୪ ବଲରେ ୨୨, ଅମିୟ କୁମାର ୧୩ ବଲରେ ୦୪ ରନ, ବିଭୂତି ୫ ବଲରେ ୧୨ ରନ, ଶ୍ରୀକାନ୍ତ ନନ୍ଦ ଡକ ଆଉଟ, ଅଜୟ ୧୪ ବଲରେ ୧୭ ରନ, ଟୁକୁ ୫ ବଲରେ ୩ ରନ, କାର୍ଜୀ ୩ ବଲରେ ୨ ରନ, ବାଳ କୃଷ୍ଣ ଚର୍ଚ୍ଚି୪ ବଲରେ ୨ ରନ, ଶିବ ୧୩ ବଲରେ ୮ ରନ ସୁଧୀର ଅପରାଜିତ ରହିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ରିଜର୍ଭ ଇନସ୍ପେକ୍ଟର ଧର୍ମେନ୍ଦ୍ର ପ୍ରଧାନ ଓ ସର୍ଜେଣ୍ଟ ସରୋଜ କୁମାର ବେହେରା ଙ୍କ ଆଗ୍ରହ ଓ ଉଦ୍ୟମରେ ଏହି ମ୍ୟାଚ ଆୟୋଜନ କରାଯାଇଛି। ଏଥିରେ ପୋଲିସ ସଂଘର ସକ୍ରୀୟ ସହଯୋଗ ରହିଛି। ଚମ୍ପିୟାନ ଦଳ ଓ ରନର୍ସ ଦଳକୁ ଆର୍ଥୀକ ପୁରସ୍କାର ସହ ଟ୍ରଫି ରହିଛି।

## କାପୁଡିଆ ସମାଜ ତରଫରୁ ବାସୁଦେବ ବେହେରାଙ୍କ ଶୋକସଭା ଅନୁଷ୍ଠିତ

ଭୁବନ ,୨୭/୧୦ (ନି.ପ୍ର): ଭୁବନ ସହର ସଂଗଠନ ସଭାପତି ତଥା କାପୁଡିଆ ସମାଜ ରାଜ୍ୟ ସଭାପତି ବାସୁଦେବ ବେହେରା ଓରଫ ବୁଲା ବେହେରାଙ୍କ ଏକ ଶୋକସଭା ସ୍ଥାନୀୟ ବେହେରା ସାହି ସ୍ଥିତ ବଳଦେବ ଜୀୟୁ ମନ୍ଦିର(ଷାଠିଘର) ଠାରେ ଅନୁଷ୍ଠିତ ହୋଇଯାଇଛି। କାପୁଡିଆ ସମାଜ ରାଜ୍ୟ ସଂଗଠନ ସଂପାଦକ ଅଧ୍ୟାପକ ଦିଲ୍ଲୀପ କୁମାର ଦାସଙ୍କ ଅଧ୍ୟକ୍ଷତା ଓ ଯୁବ ନେତା ବିପିନ ବିହାରୀ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଶୋକସଭାରେ ଉପସଭାପତି ଖଗେଶ୍ୱର ନାୟକ, ସଂପାଦକ ବିଦ୍ୟାଧର ବିହାରୀ, ପୂର୍ବତନ ସଂପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଙ୍କ ସମେତ ବରିଷ୍ଠ ସଭ୍ୟ ଦୁଷ୍ମନ୍ତ କୁମାର ପୃଷ୍ଟି, ରାମଚନ୍ଦ୍ର ନାୟକ, ସନାତନ ପାତ୍ର, ବାସୁଦେବ ଗୁରୁ, ଭାଗବତ ନାୟକ, ସନ୍ତୋଷ ବିହାରୀ, ନିରଂଜନ ଗୁରୁ, ବ୍ରଜବନ୍ଧୁ ରାଉତ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବୁଲା ବେହେରା ଭୁବନ ମାଟିର ସୁଯୋଗ୍ୟ ସନ୍ତାନ ତଥା ବରପୁତ୍ର ଥିଲେ ଓ ଭୁବନର ମୁକୁଟ ବିହୀନ ସମ୍ରାଟ ଥିଲେ।

## ପଦ୍ମଗିରିଠାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ମାଲକାନଗିରି ,୨୭/୧୦ (ନି.ପ୍ର): ମାଲକାନଗିରି ବ୍ଲକ ପଦ୍ମଗିରି ଜୋନ ର ୭ଟି ଗ୍ରାମ ଫଂଚାୟତ କୁ ନେଇ ପଦ୍ମଗିରି ଗ୍ରାମ ଫଂଚାୟତ ରେ ବିଜେଡି ତରଫରୁ ଜନ ସମ୍ପର୍କ ପଦ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ଆରମ୍ଭ ହୋଇଛି ବିଜୁ ଜନତା ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ କ୍ରମେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା ଙ୍କ ନେତୃତ୍ୱରେ ଲୋକଙ୍କ ପାଖରେ ବିଭିନ୍ନ ଲୋକାଭିମୁଖୀ ଯୋଜନା ପହଂଚାଇବା ପାଇଁ ଏହି ପଦ ଯାତ୍ରା କୁ ମାଲକାନଗିରି ବିଜୁଜନତା ଦଳ ପକ୍ଷରୁ ମଧ ଆରମ୍ଭ କରାଯାଇଛି। ଏହି ପଦ ଯାତ୍ରା ରେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ବିଧାୟକ ମାନସ ମାଡକାମୀ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଆଗେଇ ନେଇଥିଲେ। ପଦଯାତ୍ରା ସମୟରେ ରାଜ୍ୟ ସରକାର ଙ୍କ ସଫଳତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ପଦ ଯାତ୍ରାରେ ଫଂଚାୟତ ର ଅନେକ ମହିଳା ଓ ଯୁବକ ମାନେ ଯୋଗଦାନ ଦେଇଥିଲେ। ଏହି ପଦଯାତ୍ରାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ତଥା ଜିଲ୍ଲା ଯୁବ ସଭାପତି ଆଡ଼ମା ରାବା, ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲ, ଜିଲ୍ଲା ବିଜେଡି ମହିଳା ଜନତା ଦଳ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ଯୋଗ ଦେଇ ବିଜେଡି ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକ ମାନଙ୍କୁ ଅବଗତ କରିବା ପଦଯାତ୍ରାରେ ମୂଳ ଉଦ୍ଦେଶ୍ୟ ଲୋକଙ୍କୁ ବୁଝେଇଥିଲେ। କାର୍ଯ୍ୟକ୍ରମ ରେ ମାଲକାନଗିରି ବିଜେଡି ନେତୃ ମଣ୍ଡଳୀ ମାନଙ୍କ ମଧ୍ୟରୁ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା, ମାଲକାନଗିରି ଜିଲ୍ଲା ବିଜୁ ମହିଳା କୋରାପୁଟ ଜୋନାଲ କମି ଟି ମହିଳା ଉପ ସଭାନେତ୍ରୀ ସୁକାନ୍ତି ବୁରୁଦା, ମାଲକାନଗିରି ବିଜୁ ମହିଳା ଉପ ସଭାନେତ୍ରୀ ସୁନିତା ଜେନା, ମାଲକାନଗିରି ସଦର ବ୍ଲକ ଅଧକ୍ଷା ଗୌରୀ ପଡ଼ିଆମୀ ମାଲକାନଗିରି ବ୍ଲକ ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିଆ, ଜିଲ୍ଲା ପରିଷଦ ସଭ୍ୟ ମୁକା ମାଡକାମୀ, ବିଜେଡି ବରିଷ୍ଠ ନେତା ପ୍ରଫୁଲ ପଣ୍ଡା, କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ଼ ଜୟପୁର, ମାଲକାନଗିରି ନିର୍ବାଚନ ମଣ୍ଡଳୀ ଡ଼ାଇରେକ୍ଟର ଉଦୟ ନାଥ ମାଦ୍ରୀ, ଯୁବ ଉପ ସଭାପତି କଣ୍ଟେସ ପୋଟଲା, ପୂର୍ବତନ ବ୍ଲକ ସଭାପତି ସର୍ବ ବିଶୋଇ, ସାଂସଦ ପ୍ରତିନିଧି କାମେଶ୍ୱର ରାଓ, ପୌର ପରିଷଦ ଛାତ୍ର ସଭାପତି ଏ କେ ରାଜୁ, ପୂର୍ବତନ ବ୍ଲକ ଅଧକ୍ଷ ଅକ୍ଷୟ କୁମାର ନାୟକ, ବ୍ଲକ ସଭାପତି ବିଭାଂଶୁ ସାମଲ, ଜିଲ୍ଲା ଆଦିବାସୀ ନେତା ଘନଶ୍ୟାମ ମାଡକାମୀ ବିଜେଡି ନେତା ଅଖିଳ ମଣ୍ଡଳ, ବିଜେଡି ନେତା ସୁବାସ ବାନାର୍ଜୀ, ସମିତି ସଭ୍ୟ ନରସିଂହ ମାଡି, ସମିତି ସଭ୍ୟ ସୁନ୍ଦର ରାୟ ସେଡା, ସମିତି ସଭ୍ୟ ସଞ୍ଜିତ ପେଡା, ସରପଂଚ ଘାସି ନାୟକ, ସରପଂଚ ସୁଦର୍ଶନ କୋପେ, ସରପଂଚ ଗଙ୍ଗାଧର ମାଡକାମୀ, ସରପଂଚ ସୁନା ଧର ମାଡକାମୀ, ସରପଂଚ ବିମଳା ପଡ଼ିଆମୀ, ବିଜେଡି ଯୁବ ନେତା ସଦାନନ୍ଦ ଖରା, ବିଜେଡି ନେତା ଫନି ଭୂଷଣ ରାୟ, ଯୁବ ନେତା ଗାନ୍ଧୀ ପଣ୍ଡା, ବିଜେଡି ନେତା ପୂର୍ଣ ଚନ୍ଦ୍ର ରାଜୁ ପ୍ରମୁଖଙ୍କ ସହ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ବହୁ କର୍ମକର୍ତା ଯୋଗ ଦେଇ ଥିଲେ।

## ବଲାଙ୍ଗିରରେ ଚତୁର୍ଥ ଲୋକ ଅଦାଲତ ଆଗାମୀ ନଭେମ୍ବର ୧୨ ରେ

ବଲାଙ୍ଗିର ,୨୭/୧୦ (ନି.ପ୍ର): ଆସନ୍ତା ନଭେମ୍ବର ମାସ ୧୨ ତାରିଖ ଶନିବାର ଦିନ ବଲାଙ୍ଗିର, ପାଟଣାଗଡ ଟିଟିଲାଗଡ, କଣ୍ଟାବାଞ୍ଜି, ଲୋଇସିଂହା, ସଇଁତଲା, ମୁରିବାହାଲ ଏବଂ ବଙ୍ଗୋମୁଣ୍ଡା ଅଦାଲତ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୁରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଏହାସହ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲା ତଥା ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ସମାଧାନ ମଧ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମକଦ୍ଦମା, ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ କରିବାକୁ ପଡେନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ। ଦୀର୍ଘଦିନ ଧରି ଚାଲୁଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁଯୋଗ। ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିର ଓ ତାଲୁକ ଆଇନ ସେବା କମିଟି ପାଟଣାଗଡ, ଟିଟିଲାଗଡ, କଣ୍ଟାବାଞ୍ଜି, ଲୋଇସିଂହା, ସଇଁତଲା ଏବଂ ମୁରିବାହାଲ ସହିତ ଯୋଗାଯୋଗ କରିବା ପାଇଁ ସୂଚନା ଦିଆଯାଇଛି।

## ବାର୍ଷିକ ମରାମତି ପାଇଁ ବିଦ୍ୟୁତ ସରବରାହ ବନ୍ଦ ରହିବ

ଜୟପୁର ,୨୭/୧୦ (ନି.ପ୍ର): ବାର୍ଷିକ ମରାମତି ପାଇ ଗୁରୁବାର ବିଦ୍ୟୁତ ସରବରାହ ସକାଳ ୮ ଠାରୁ ସଂନ୍ଧ୍ୟା ୫ ଘଂଟା ପର୍ଯ୍ୟନ୍ତ ବନ୍ଦ ରହିବ। ଜୟପୁର ଜୟନଗର ସ୍ଥିତ ମାଛକୁଣ୍ଡରୁ ପ୍ରବାହିତ ବିଦ୍ୟୁତ ସଂଗ୍ରହ ଗ୍ରୀଡ କେନ୍ଦ୍ରରେ ବାର୍ଷିକ ମରାମତି ନିମନ୍ତେ ଗୁରୁବାର ସକାଳ ୮ ଘଂଟାରୁ ସଂନ୍ଧ୍ୟା ୫ ଘଂଟା ଯାଏ ଜୟପୁର ସହର ଓ ବ୍ଲକ, ବୋରିଗୁମ୍ମା, କୋଟପାଡ, ବୈପାରିଗୁଡା, କୁନ୍ଦୁରା ବ୍ଲକ ରେ ବିଦ୍ୟୁତ ସରବରାହ ବନ୍ଦ ରହିବ। ଏନେଇ ବିଦ୍ୟୁତ ବିଭାଗ ତରଫରୁ ସୂଚନା ଦିଆଯାଇଛି।

## କାଳୀପୂଜା ପାଇଁ ଭୁବନ, ନୂଆହାଟ, ମଣିପୁର ଉତ୍ସବମୁଖର

ଭୁବନ ,୨୭/୧୦ (ନି.ପ୍ର): ଶକ୍ତିସ୍ୱରୂପିଣୀ, ଅଭୟଦାୟିନୀ, ଦୁଷ୍ଟନିବାରିଣୀ ମା କାଳୀଙ୍କ ଆବାହନ ପାଇଁ ସମଗ୍ର ଭୁବନ ଅଂଚଳ ଉତ୍ସବମୁଖର ହୋଇପଡିଛି। ଚଳିତବର୍ଷ ଭୁବନ କାଳୀବଜାର ପୂଜା ପ୍ରତିଷ୍ଠାନ ୪୩ ବର୍ଷରେ ପଦାର୍ପଣ କରିଥିବା ବେଳେ ସିନେମାହଲ ଛକ ୩୬ ତମ ବାର୍ଷିକ କାଳୀ ପୂଜା ପାଳନ କରୁଛି। ଭୁବନ ବ୍ଲକ ଅନ୍ତର୍ଗତ ମୁର୍ଦ୍ଦଙ୍ଗା ଫଂଚାୟତର ନୂଆହାଟ ସ୍ଥିତ ମହାବୀର ବ୍ୟବସାୟୀ ସଂଘ ତରଫରୁ ୩୪ ତମ ବାର୍ଷିକ କାଳୀ ପୂଜା ଅତ୍ୟନ୍ତ ଉତ୍ସାହ ଉଦ୍ଦିପନା ଶ୍ରଦ୍ଧା ଭକ୍ତିର ସହ ପାଳନ ହେଉଛି ଓ ଏକତାଳି ଫଂଚାୟତ ର ପୁରୁଷୋତମପୁର (ମଣିପୁର) ଗ୍ରାମରେ ୧୭ ତମ ବାର୍ଷିକ କାଳୀପୂଜା ପାଳନ ହେଉଛି। କାଳୀବଜାର-୧୯୭୯ ମସିହାରେ ସ୍ୱର୍ଗତ କେଶବ ଚନ୍ଦ୍ର ସାହୁ, ସ୍ୱର୍ଗତ ବେଣୁଧର ପୃଷ୍ଟି ଙ୍କ ଉଦ୍ୟମ ଓ ବ୍ୟବସାୟୀ ଭାଇ ମାନଙ୍କ ସହଯୋଗରେ ପ୍ରଥମେ କାଳୀବଜାର ଠାରେ କାଳୀପୂଜା ଆରମ୍ଭ ହୋଇଥିଲା। କାଳୀବଜାର ବଣିକ ସଂଘ ୨୦୦୪ ମସିହାରେ ରୌପ୍ୟଜୟନ୍ତୀ ପାଳନ କରିଛି। ଚଳିତବର୍ଷ ୪୩ ତମ ବାର୍ଷିକ କାଳୀପୂଜା ପାଳନ ହେଉଛି। ସଭାପତି ସମୀର କୁମାର ସାହୁଙ୍କ ନେତୃତ୍ୱରେ ବଣିକ ସଂଘର ସମସ୍ତ ଭାଇ ମାନଙ୍କ ସହଯୋଗରେ କାଳୀପୂଜା ଅନୁଷ୍ଠିତ ହେଉଛି। ୨୦୦୪ ମସିହା ରୌପ୍ୟଜୟନ୍ତୀ ବର୍ଷଠାରୁ ପ୍ରତିବର୍ଷ ମାଙ୍କ ବଡପୂଜାରେ ସାମୁହିକ ପ୍ରସାଦସେବନ କାର୍ଯ୍ୟକ୍ରମ କାଳୀବଜାର ବଣିକ ସଂଘର ଏକ ମହାନ ପରମ୍ପରା ତଥା ଭାଇଚାରାର ପ୍ରତୀକ ପାଲଟିଛି। କାଳୀବଜାର ବଣିକ ସଂଘ ତରଫରୁ ଆସନ୍ତା ଶୁକ୍ରବାର ଠାରୁ ରବିବାର ପର୍ଯ୍ୟନ୍ତ ୩ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସ୍ଥିର ହୋଇଛି। ସିନେମାହଲ-୧୯୮୬ ମସିହାରେ ଭୁବନ ଏନ.ଏ.ସି ଅନ୍ତର୍ଗତ ୧ ନମ୍ବର ବ୍ୱାର୍ଡ ସିନେମାହଲ ନିକଟ ବାସିନ୍ଦାଙ୍କ ପ୍ରଚେଷ୍ଟାରେ ଙ୍କ ଆରମ୍ଭ ହୋଇଥିବା କାଳୀପୂଜା ଚଳିତବର୍ଷ ୩୬ ବର୍ଷରେ ପଦାର୍ପଣ କରିଛି। ସଭାପତି ସନ୍ତୋଷ କୁମାର ପୋଥାଲଙ୍କ ନେତୃତ୍ୱ ଓ ସାହିବାସିନ୍ଦାଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହେଉଛି। ନୂଆହାଟ- ଭୁବନ ବ୍ଲକ ଅନ୍ତର୍ଗତ ମୁର୍ଦ୍ଦଙ୍ଗା ଫଂଚାୟତ ର ନୂଆହାଟ ଠାରେ ମହାବୀର ବ୍ୟବସାୟୀ ସଂଘ ତରଫରୁ ୧୯୮୯ ମସିହାରେ ଆରମ୍ଭ ହୋଇଥିବା କାଳୀପୂଜା ଗତ ୨୦୧୩ ମସିହାରେ ରୌପ୍ୟ ଜୟନ୍ତୀ ପାଳନ କରି ଚଳିତ ବର୍ଷ ୩୪ ବର୍ଷରେ ପଦାର୍ପଣ କରିଛି। ଯାତ୍ରାପାର୍ଟି ସହିତ ମୀନାବଜାର, ଉଠାଦୋକାନୀ, ଚାଟ, ଦୋସା, ଦହିବରା, ଆଳୁଦମ, ଠୁଙ୍କାପୁରୀ ଓ ମନୋହରୀ ଦୋକାନର ପସରା ମେଲିଛି। ସମସ୍ତ ବ୍ୟବସାୟୀ ଭାଇମାନେ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରୁଛନ୍ତି। ମଣିପୁର- ୨୦୦୫ ମସିହାରେ ଭୁବନ ବ୍ଲକ ଅନ୍ତର୍ଗତ ଏକତାଳି ଫଂଚାୟତ ର ପୁରୁଷୋତମପୁର ଶାସନ (ମଣିପୁର)ରେ ଗ୍ରାମବାସୀଙ୍କ ସହଯୋଗରେ ପ୍ରଥମେ କାଳୀପୂଜା ଆରମ୍ଭ ହୋଇଥିଲା। ଚଳିତବର୍ଷ ୧୭ ତମ ବାର୍ଷିକ ପୂଜା ଅନୁଷ୍ଠିତ ହେଉଛି। ଅତ୍ୟନ୍ତ ଉତ୍ସାହର ସହ ଗ୍ରାମବାସୀ ପୂଜା ପାଳନ କରୁଛନ୍ତି। ମଣିପୁର ଗ୍ରାମରେ କାଳୀପୂଜା ଗଣପର୍ବର ମାନ୍ୟତା ପାଇଛି। ସେଥିପାଇଁ ସମସ୍ତଙ୍କ ଘରେ କୁଣିଆଙ୍କ ଭିଡ ଜମୁଛି। ଆସନ୍ତା ଶନିବାର ମା କାଳୀଙ୍କ ବଡ ପୂଜା ଓ ସାମୁହିକ ପ୍ରସାଦସେବନ ହେବ ବୋଲି ପୂଜା କମିଟି ସୂତ୍ରରୁ ଜଣାପଡିଛି।

ଅନୁରୂପ ଭାବେ ଭୁବନ ବ୍ଲକର ମଠକରଗୋଳା ଓ ଜିରାଳରେ ମଧ୍ୟ କାଳୀପୂଜା ଧୁମଧାମରେ ପାଳନ କରାଯାଉଛି।

## ସେବାଶ୍ରମ ସଂସ୍କୃତ ବିଦ୍ୟାପୀଠରେ ବେଦାନ୍ତ କେଶରୀ ସ୍ୱାମୀ ନିରଞ୍ଜନ ମହାରାଜଜୀଙ୍କ ପ୍ରବଚନ କାର୍ଯ୍ୟକ୍ରମ

କନ୍ଧମାଳ ,୨୭/୧୦ (ନି.ପ୍ର): ବେଦାନ୍ତ କେଶରୀ ସ୍ୱାମୀ ନିରଞ୍ଜନ ମହାରାଜ ଫୁଲବାଣୀଠାରେ ତାଙ୍କର ଅନନ୍ୟ ପ୍ରବଚନ କାର୍ଯ୍ୟକ୍ରମ ଜାରି ରଖିଥିବା ଅବସରରେ ସ୍ଥାନୀୟ ସେବାଶ୍ରମ ସଂସ୍କୃତ ବିଦ୍ୟାପୀଠ ରେ ଥିବା ଅନ୍ତେବାସୀ ଙ୍କୁ ଅଂହିସା ପରମ ଧର୍ମ, ଜୀବେ ଦୟା, ଶାକାହାରି ସାଧନ ଆଦି ବେଦାନ୍ତର ଗୁଢ ତତ୍ତ୍ୱ ଉପରେ ପ୍ରବଚନ ରଖିଥିଲେ। ଶାକାହାରି ଓ ମାଂସାହାରୀ ପ୍ରାଣୀ ଭିତରେ ଥିବା ଦେବ ଓ ଦାନବୀୟ ଗୁଣ କିପରି ମାନବ ଉପରେ ପ୍ରଭାବ ପକାଇ ଥାଏ ତାହାର ସବିଶେଷ ଉଦାହରଣ ମାଧ୍ୟମରେ ଆଲୋଚନା କରିଥିଲେ। ବିଦ୍ୟାପୀଠର ସଭାପତି ଅଶୋକ କୁମାର ବେହେରାଙ୍କ ଅଧକ୍ଷତା ଓ ପ୍ରଧାନ ପଣ୍ଡିତ ଶ୍ରୀ ଧୀରେନ୍ଦ୍ର କୁମାର ସ୍ୱାଇଁ ଙ୍କ ସଂଯୋଜନାରେ ଆୟୋଜିତ ଏହି ବେଦାନ୍ତ ଦର୍ଶନ ସମ୍ବନ୍ଧୀୟ ଅନନ୍ୟ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସଂଗୀତ ଭାବେ ସୁଶ୍ରୀ ଜ୍ୟୋତିର୍ମୟୀ ମହାପାତ୍ରଙ୍କ ଅହିଂସା ଅଟଇ ପରମ ଧର୍ମ ହିଂସା ଅଟେ ମହା ପାପ ରେ ସଂଗୀତ ଟି ସମସ୍ତ ଙ୍କ ହୃଦୟକୁ ଛୁଇଁଥିଲା। ଶିକ୍ଷୟିତ୍ରୀ ପ୍ରଣତି ତ୍ରିପାଠୀ, ପଣ୍ଡିତ ମନୋଜ କୁମାର କାଠ, ବେଦାନ୍ତ ସମିତିର କୁମାର କୁନ୍ଦନ ସିଂ, ବୁଦ୍ଧଦେବ ସାହାଣୀ, ଶ୍ୟାମସୁନ୍ଦର ପଣ୍ଡା, ଜ୍ୟୋତିରଞ୍ଜନ ତ୍ରିପାଠୀ, କେଶବ ଚନ୍ଦ୍ର ଶର୍ମା, ଉମାକାନ୍ତ ଉଦଗାତା, ଶରତ କୁମାର ଖୁଣ୍ଟିଆ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

## ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି ,୨୭/୧୦ (ନି.ପ୍ର): ମାଲକାନଗିରି ସଦର ବ୍ଲକ ସିନ୍ଧ୍ରିମାଳ ଗ୍ରାମ ପଞ୍ଚାୟତ ର ୫ଟି ସରକାରୀ ଉନ୍ନତି ଉଚ୍ଚ କସ୍ତୁରି ବା ବିଦ୍ୟାଳୟ ଠାରେ ଆଜି ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସହ ମାଲକାନଗିରି ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ ମାନସ କୁମାର ଜେନା ସହିଦ ଲକ୍ଷ୍ମଣ ନାୟକ ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ଅନ୍ୟତମ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ମଣ୍ଡଳ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥଧର ଓ ସିନ୍ଧ୍ରିମାଳ ଗ୍ରାମ ପଞ୍ଚାୟତ ସରପଞ୍ଚ ଘାସି ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## କଂକ୍ରିଟ ଉପରେ କଂକ୍ରିଟ ରାସ୍ତାକୁ ଗ୍ରାମବାସୀଙ୍କ ବିରୋଧ

ଧର୍ମଶାଳା ,୨୭/୧୦ (ନି.ପ୍ର): ସରକାର ଗ୍ରାମାଚଂଳ ରାସ୍ତାର ଉନ୍ନତି କରିଣ ନିମନ୍ତେ ଲକ୍ଷଲକ୍ଷ ଟଙ୍କା ବ୍ୟୟ ବରାଦ କରୁଛନ୍ତି। ହେଲେ ବାସ୍ତବରେ ତାହା କାର୍ଯ୍ୟରେ ପରିଣତ ହେଉ ନ ଥିବା ବେଳେ ଅନେକ ସ୍ଥାନରେ ନିମ୍ନମାନର କାର୍ଯ୍ୟକୁ ନେଇ ସମାଲୋଚନାର ଶିକାର ହେଉଛନ୍ତି ସରକାର। ନିମ୍ନମାନର କାର୍ଯ୍ୟକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ବନ୍ଧଡିହ ଫଂଚାୟତସ୍ଥ ମଠସାହି ଗ୍ରାମରେ। ଏଠାରେ କଂକ୍ରିଟ ରାସ୍ତା ଉପରେ ଆଉ ଏକ ନିମ୍ନମାନର କଂକ୍ରିଟ ନିର୍ମାଣକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଅଭିଯୋଗ ମୁତାବକ ମଠସାହି ଗ୍ରାମରୁ ବନ୍ଧଡିହ ଆରଡି ରାସ୍ତାକୁ ସଂଯୋଗ କରୁଛି କଂକ୍ରିଟ ରାସ୍ତା। ସ୍ଥାନୀୟ ୪ଗୋଟି ଫଂଚାୟତର ମୁଖ୍ୟ ରାସ୍ତା ଦେଇ ଶହଶହ ଲୋକେ ବିଭିନ୍ନ ସ୍ଥାନକୁ ଯାତାୟତ କରିଥାନ୍ତି। ଏହି ରାସ୍ତା ୭ମାସ ପୂର୍ବେ ଏଠାରେ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯାଇଥିଲା। ନିର୍ମାଣ ସମୟରେ ନିମ୍ନମାନର କାମ କରାଯାଉଥିବା ନେଇ ମଠସାହି ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ହେଲେ ଏହି କଥାକୁ କେହି ଗୁରୁତ୍ୱ ଦେଇ ନ ଥିଲେ। ଏଠାରେ ପୁନଃର୍ବାର କଂକ୍ରିଟ ରାସ୍ତ ଉପରେ କଂକ୍ରିଟ ରାସ୍ତା କରାଯିବା ନିମନ୍ତେ ରାସ୍ତା ଉପରେ ନିମ୍ନମାନର ଚିପ୍ସ ଓ ବାଲି ମହଜୁଦ ରଖି କାମ ଆରମ୍ଭ କରିବା ସମୟରେ ଏହି କମାକୁ ଗ୍ରାମର ମହିଳା ଓ ପୁରୁଷମାନେ ଘୋର ବିରୋଧ କରିଛନ୍ତି। ପୂର୍ବରୁ ଯେଉଁ ଠିକାଦାର କାମ କରିଥିଲେ, ପୁଣି ସେହି ଠିକାଦାର ଏହି କାର୍ଯ୍ୟକୁ ଘୋର ବିରୋଧ କରିଛନ୍ତି।

## ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ
# ଅଲୁଭା






କେରଳର କୋଚିସ୍ଥିତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ଅଲୁଭା । ସ୍ଥାନୀୟ ଅଂଚଳରେ ପ୍ରବାହିତ ହେଉଥିବା ପ୍ରସିଦ୍ଧ ପେରିୟାର୍ ନାମକ ନଦୀଠାରୁ ଏହା ପ୍ରାୟ ୧୫ କି.ମି. ଦୂରରେ ଅବସ୍ଥିତ । ତା'ଛଡ଼ା ଅଲୁଭାକୁ କେରଳର ଏକ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ରଭାବେ ମଧ୍ୟ ବିବେଚନା କରାଯାଇଥାଏ । ସେହିପରି ଏଠାରେ ଅନେକ ଲୋକପ୍ରିୟ ଦର୍ଶନୀୟ ସ୍ଥାନମାନ ବି ରହିଛି । ଖାସ୍ ସେଥିପାଇଁ ବର୍ଷର ସବୁ ସମୟରେ ଏଠାକୁ ପର୍ଯ୍ୟଟକଙ୍କର ସୁଅ ଛୁଟୁଛି ।

### କେବେ ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ଅନୁଯାୟୀ, ଅଲୁଭା ଯିବାପାଇଁ ସେପ୍ଟେମ୍ବରରୁ ମାର୍ଚ୍ଚ ହେଉଛି ସବୁଠୁ ଭଲ ସମୟ । କାରଣ ଏହି ସମୟରେ ପାଣିପାଗ ବୁଲାବୁଲି କରିବାପାଇଁ ବେଶ୍ ଅନୁକୂଳ ରହିଥାଏ ।

### କେମିତି ଯିବେ

ଏଠାକୁ ଯିବା ପାଇଁ ସଡ଼କପଥ, ରେଳପଥ ତଥା ଆକାଶପଥର ବେଶ୍ ଭଲ ସୁବିଧା ରହିଛି । କୋଚିନ୍ ଅନ୍ତର୍ଜାତୀୟ ବିମାନବନ୍ଦର ହେଉଛି ଏଠାକାର ନିକଟତମ ବିମାନବନ୍ଦର, ଯାହ ଅଲୁଭାଠାରୁ ପ୍ରାୟ ୧୫ କି.ମି. ଦୂରରେ ଅବସ୍ଥିତ । ସେହିପରି ଅଲୁଭା ରେଳଷ୍ଟେଶନ ହେଉଛି ସ୍ଥାନୀୟ ଏକ ପ୍ରମୁଖ ରେଳଷ୍ଟେଶନ । ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ । ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଏଠାରେ ପହଂଚି ପାରିବେ ।

### କ'ଣ ଦେଖିବେ


ଅଲୁଭାରେ ମୁଖ୍ୟତଃ ଶିବରାତ୍ରି ଉତ୍ସବକୁ ଖୁବ୍ ଧୁମଧାମରେ ପାଳନ କରାଯାଇଥାଏ । କାରଣ ଏଠାରେ ରହିଛି ଅଲୁଭା ମହାଦେବ ମନ୍ଦିର ନାମରେ ଏକ ଲୋକପ୍ରିୟ ଶୈବପୀଠ । ଉକ୍ତ ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗ ହେଉଛନ୍ତି ସ୍ୱୟଂମ୍ଭୁ ଓ ଖୁବ୍ ପ୍ରତ୍ୟକ୍ଷ । ଅଲୁଭା ମହାଦେବ ମନ୍ଦିର ବ୍ୟତୀତ ଏଠାକାର ନିକଟବର୍ତ୍ତୀ ଅଂଚଳରେ ପର୍ଯ୍ୟଟକ ଚିରକ୍କାଡ଼ା ମନ୍ଦିର, ଥୁରୁଭାଲୁର ଶ୍ରୀ ମହାଦେବ ମନ୍ଦିର, କଡୁଙ୍ଗାଲୁର୍ ଶ୍ରୀ ନରସିମ୍ହା ସ୍ୱାମୀ ମନ୍ଦିର, ଦେଶୋମ ଶ୍ରୀ ପଲ୍ଲିପ୍ପାଟ୍ଟୁନାଡ୍ଡୁ ଭଗବତୀ ମନ୍ଦିର, ଦେଶୋମ ଶ୍ରୀ ଅନଥାପୁରମ ମହାବିଷ୍ଣୁ ମନ୍ଦିର, ଦେଶୋମ ଶ୍ରୀ ଧତ୍ହା ଅଞ୍ଜନେୟ ମନ୍ଦିର, ଶ୍ରୀକ୍ରିଷ୍ଣା ମନ୍ଦିର, ଉଲିୟାନୁର ଶ୍ରୀ ମହାଦେବ ମନ୍ଦିର, ପୋଚ୍ଚଚିରା ଶ୍ରୀକ୍ରିଷ୍ଣା ମନ୍ଦିର, ଥେଭାରକାଡ୍ଡୁ ଶ୍ରୀ ମହାବିଷ୍ଣୁ ଦୁର୍ଗା ମନ୍ଦିର, ଥିରୁଭୈରାନିକୁଲମ୍ ଶ୍ରୀ ମହାଦେବ ମନ୍ଦିର ଇତ୍ୟାଦି ଧର୍ମସ୍ଥଳୀ ଦେଖିବାକୁ ପାଇପାରିବେ । ଏସବୁ ବ୍ୟତୀତ ମ୍ୟୁନିସିପାଲ୍ ପାର୍କ, ଅଦ୍ୱୈତ ଆଶ୍ରମ, ମାର୍ ଭାର୍ଗିଶୀ ପାୟାପ୍ପିଲି ପାଲାକ୍କାପ୍ପିଲି ମ୍ୟୁଜିୟମ ଇତ୍ୟାଦି ହେଉଛି ଏଠାକାର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ । ସେହିପରି ପର୍ଯ୍ୟଟକ ଚାହିଁଲେ ଏଠାରେ ଥିବା ଚର୍ଚ୍ଚ ଓ ମସଜିଦକୁ ମଧ୍ୟ ବୁଲି ଦେଖିପାରିବେ ।





### ପେରିୟାର ନଦୀର ଆକର୍ଷଣ

ସ୍ଥାନୀୟ ଅଂଚଳର ପ୍ରବାହିତ ହେଉଥିବା ପେରିୟାର ନଦୀର ଆକର୍ଷଣ ହିଁ କିଛି ନିଆରା । ଯେଉଁଥିପାଇଁ ଅନେକ ମାଲାୟାଲମ୍ ଚଳଚ୍ଚିତ୍ରରେ ଏଡି ପେରିୟାର ନଦୀର ସାମାନ୍ୟ ଝଲକ ମଧ୍ୟ ଦେଖିବାକୁ ମିଳିଥାଏ । ଶାନ୍ତ, ସିଗ୍ଧ ଏଠାକାର ବାତାବରଣ ପାଇଁ ପର୍ଯ୍ୟଟକ ଏହି ନଦୀ ନିକଟକୁ ଆସି କିଛି ସମୟ ବିତାଇବାକୁ ଇଚ୍ଛା କରିଥାନ୍ତି ।








# ସଜନା ଶାଗର ଉପକାରିତା

ଆମ ଓଡ଼ିଶାରେ ଗାଁ ଗହଳିଠାରୁ ଆରମ୍ଭ କରି ମହାନଗରୀ ପର୍ଯ୍ୟନ୍ତ ସଜନା ଶାଗ ଓ ଛୁଇଁର ଆଦର ଅଧିକ । ଦକ୍ଷିଣ ଭାରତୀୟ ବ୍ୟଞ୍ଜନରେ ମଧ୍ୟ ଏଇ ପରିବା ଓ ପତ୍ରର ଉପଯୋଗ ହୁଏ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ସହରୀ ଲୋକଙ୍କ ତୁଳନାରେ ଗାଁ ଲୋକଙ୍କ ରୋଗପ୍ରତିରୋଧକ ଶକ୍ତି ଅଧିକ ସେମାନେ ଦେଶୀ ଖାଦ୍ୟ ଖାଇବା ସହ ବିଭିନ୍ନ ପ୍ରକାରର ଶାଗ ନିୟମିତ ଭୋଜନରେ ଖାଇଥାନ୍ତି । ସିନେତାରକାଙ୍କ ଖାଦ୍ୟ ବିଶେଷଜ୍ଞ ଭାବେ ଜଣାଶୁଣା ରୁଜୁତା ଦିୱେକର୍ କହିଛନ୍ତି, ସଜନା ଶାଗ ଏକ ଚମତ୍କାରୀ ଖାଦ୍ୟ । କମଳା ଫଳଠାରୁ ୭ ଗୁଣ ଅଧିକ ଭିଟାମିନ୍ ସି ଏଇ ଶାଗରେ ମହଜୁଦ୍ । ଦୈନିକ ଅଳ୍ପ ପରିମାଣର ସଜନା ଶାଗ ଖାଇଲେ ଆମ ପାଚନ କ୍ଷମତା ବୃଦ୍ଧି ପାଏ ।



- ଭିଟାମିନ୍ ଏ'ର ଅଭାବ ଦୂର କରିବା ନିମନ୍ତେ ଅଧିକାଂଶ ଗାଜରକୁ ମଧ ନିୟମିତ ଖାଇଥାଉ । ସପ୍ତାହରେ ୨ ଥର ସଜନା ଶାଗ ଖାଇଲେ ଭିଟାମିନ୍ ଏ ଅଭାବଜନିତ ରୋଗରୁ ରକ୍ଷା ମିଳେ ।
- ପାଶ୍ଚାତ୍ୟ ରାଷ୍ଟ୍ରରେ ସଜନା ଶାଗ ଭିଟାମିନ୍ କ୍ୟାପ୍ସୁଲ୍ ମିଳିଥାଏ । ଅନେକ ଲୋକ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏଇ କ୍ୟାପସୁଲ୍ ଖାଉଥିବାର ପ୍ରକାଶ ।
- ଆଣ୍ଟିଅକ୍ସିଡାଣ୍ଟ ଭରପୂର ସଜନା ଶାଗ ଖାଇଲେ ରକ୍ତଚାପ ନିୟନ୍ତ୍ରଣରେ ରହିବା ସହ ତ୍ୱଚା ଭାଙ୍ଗ ସମସ୍ୟା ଦୂର ହୋଇଥାଏ ।
- କୋଲେଷ୍ଟରଲ୍ ସ୍ତରକୁ ନିୟନ୍ତ୍ରଣ କରୁଥିବା ଏହି ଶାଗର ପୋଷକ ତତ୍ତ୍ୱ ହୃଦ୍‌ଘାତର ଆଶଙ୍କା କମ୍ କରୁଥିବାର ଖାଦ୍ୟ ବିଶେଷଜ୍ଞଙ୍କ ମତ ।
- ନିଶାଗ୍ରସ୍ତ ବ୍ୟକ୍ତି ନିୟମିତ ସଜନା ଶାଗ ଖାଇଲେ ସେମାନଙ୍କ ଯକୃତକୁ ଶକ୍ତି ମିଳିବା ସହ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଇଥାଏ ।

# ଅମ୍ଳଜାନ ମାପିବ ସ୍ମାର୍ଟୱାଚ୍

ସ୍ୱାସ୍ଥ୍ୟ ପାଇଁ ଖୁବ୍ ସଚେତନ ରହୁଥିବା ମଣିଷଙ୍କ ଲାଗି ମେଭୋଫିଟ୍ ଏକ ସ୍ୱତନ୍ତ୍ର ସ୍ମାର୍ଟୱାଚ୍ ପ୍ରସ୍ତୁତ କରିଛି । ଏହା ଶରୀରରେ ଅମ୍ଳଜାନ ପରିମାଣ ଜଣାଇବା ଲାଗି ସେନ୍‌ସର ଭଳି କାମ କରିବ । ମେଭୋଫିଟ୍‌ର ଏହି ସ୍ମାର୍ଟୱାଚ୍ ମେଭୋଫିଟ୍ ଏହି ସ୍ମାର୍ଟୱାଚ୍ ମେଭୋଫିଟ୍ ରେସ୍‌ଡାଇଭ୍‌ର ମୂଲ୍ୟ ମାତ୍ର ୪୯୯୦ ଟଙ୍କା ରଖାଯାଇଥିବା କମ୍ପାନୀ ପକ୍ଷରୁ ଜଣାଯାଇଛି । ଏହାକୁ ପିନ୍ଧି ଜଣେ ସନ୍ତରଣ ମଧ କରିପାରିବେ । ଏହି ସ୍ମାର୍ଟୱାଚ୍‌ରେ କେତେ ପାଦ ଚାଲିଲେ, କେତେ କ୍ୟାଲେରୀ ମୁକ୍ତ ହେଲା, କେତେ ଦୂର ଦୌଡ଼ିଲେ, ଦିନସାରା କେତେ ଶାରୀରିକ କାର୍ଯ୍ୟକଳାପ କଲେ ଆଦି ଜାଣିବା ଲାଗି ଟ୍ରାକର ରହିଛି । ଏହା ମଧ ନିଦ ପରିମାଣ, ହୃତ୍‌ସ୍ପନ୍ଦନ, ରକ୍ତଚାପ, ଅମ୍ଳଜାନ ପରିମାଣ ଜଣାଇପାରିବ । ଅନ୍ୟ ସ୍ମାର୍ଟୱାଚ୍‌ଗୁଡ଼ିକ ପରି ଏଥିରେ ବି ବ୍ଲୁଟୁଥ୍ ସଂଯୋଗ ରହିଥିବାରୁ ଫୋନ୍‌କୁ ଆସୁଥିବା ସମସ୍ତ ନୋଟିଫିକେସନ୍, ଇନ୍‌କମିଂ କଲ୍, ମେସେଜ୍‌ର ସୂଚନା ପାଇପାରିବେ । ଫାଇଣ୍ଡ ପାଇଁ ଫୋନ୍ ସୁବିଧା ଥିବାରୁ ସ୍ମାର୍ଟୱାଚ୍‌କୁ ଟ୍ରାକ୍ କରିବା ସହଜ ହେବ । ଏଥିରେ କ୍ୟାଲେଣ୍ଡର ସହ ପାଣିପାଗର ସୂଚନା ଏବଂ କ୍ୟାମେରା ନିୟନ୍ତ୍ରଣ କରିବା ସୁବିଧା ରହିଛି । ଘଣ୍ଟାରୁ ହିଁ ମୋବାଇଲ୍‌ର କ୍ୟାମେରା ପରିଚାଳନା କରିପାରିବେ । ସାଇକଲ୍ ଚାଳନା, ସନ୍ତରଣ, ସ୍କିପିଙ୍ଗ, ବ୍ୟାଡମିଣ୍ଟନ, ବାସ୍କେଟବଲ୍, ଚାଲିବା, ଦୌଡ଼ିବା ଆଦି ବିଭିନ୍ନ କାର୍ଯ୍ୟ ପାଇଁ ଏହି ସ୍ମାର୍ଟୱାଚ୍‌ରେ ଏକାଧିକ ମୋଡ୍ ରହିଛି । ଏଥିରେ ଥିବା ୮୦ ଏମ୍‌ଏଏଚ୍ ବ୍ୟାଟେରି ଥରେ ଚାର୍ଜ ହେଲେ ୪ ରୁ ୬ ଦିନ କାମ କରିପାରେ । ଧୂଳି ଏବଂ ପାଣିରେ ଏହି ଘଣ୍ଟାର କିଛି କ୍ଷତି ହୋଇନଥାଏ । ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।




# ଖୁବ ଲାଭଦାୟକ ହୋଇଥାଏ ପାଣି ସିଙ୍ଗଡା : ଶରୀରର ଏହି ସବୁ ସମସ୍ୟାକୁ ଦୂର କରିଥାଏ ଦୁର୍ଲଭ ଫଳ

ପାଣି ସିଙ୍ଗଡା ସମ୍ପର୍କରେ ହୁଏତ ଖୁବ କମ୍ ଲୋକ ହିଁ ଜାଣିଥିବେ । ମଣିଷ ଶରୀର ପାଇଁ ପାଣି ସିଙ୍ଗଡା ବିଶେଷ ଲାଭଦାୟକ ହୋଇଥାଏ । ଆମ ଶରୀରର ଅନେକ ପ୍ରକାରର ହିତରେ ଲାଗିଥାଏ ପାଣି ଭିତରେ ଫଳୁଥିବା ଏହି ଦୁର୍ଲଭ ଫଳ । ଏହାକୁ ଆମେ ପ୍ରାୟତଃ ପାଣି ସିଙ୍ଗଡା ବୋଲି ଜାଣନ୍ତି । ଅନେକ ଲୋକ ଏହି ପାଣି ସିଙ୍ଗଡା ଖାଇବାକୁ ପସନ୍ଦ କରିଥାନ୍ତି । କିନ୍ତୁ ଆପଣ ଜାଣନ୍ତି କି, ଏହା ଆମକୁ କେତେ ରୋଗରୁ ରକ୍ଷା କରେ ? ଏହା ସହିତ ଆମ ଶରୀରକୁ ବିଭିନ୍ନ ପ୍ରକାରର ଫାଇଦା ମଧ ଦେଇଥାଏ । ପାଣିସିଙ୍ଗଡା ବିଶେଷ କରି ଥଣ୍ଡା ଦିନରେ ମିଳିଥାଏ । ଆମ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ଏହି ଫଳ । ଏହାର ଅଠାକୁ ଲୋକମାନେ ବ୍ରତ ଉପବାସରେ ବ୍ୟବହାର କରନ୍ତି । ଏହାକୁ ଖାଇବାର ଅନେକ ସ୍ୱାସ୍ଥ୍ୟଗତ ଉପକାର ରହିଛି, ଯାହା ବିଷୟରେ ଲୋକମାନେ ଖୁବ୍ କମ୍ ଲୋକ ଜାଣିଥାନ୍ତି । ପାଣି ସିଙ୍ଗଡାରେ ପର୍ଯ୍ୟାପ୍ତ ପରିମାଣର ଭିଟାମିନ୍ ଏ, ଭିଟାମିନ୍ ସି ସହିତ ମାଙ୍ଗାନିଜ୍, ଫାଇବର, ଫସଫରସ୍, ଆୟୋଡିନ୍ ଏବଂ ମ୍ୟାଗ୍ନେସିୟମ୍ ଇତ୍ୟାଦି ମିଳିଥାଏ । ଏହି ଫଳ ପାଣିରେ ହେଉଥିବାରୁ ଏହାକୁ ପାଣି ସିଙ୍ଗଡା କୁହାଯାଏ । ଏଥିରେ ଥିବା ପୋଷକ ତତ୍ତ୍ୱ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ଫର୍ଟିଲିଟି ଭଲ ହେବା ସହିତ ହରମୋନାଲ ସନ୍ତୁଳନ ମଧ ଠିକ୍ ହୋଇଥାଏ । ନିମ୍ନ ରକ୍ତଚାପରେ



ମଧ ପାଣି ସିଙ୍ଗଡା କୌଣସି ଔଷଧଠାରୁ କମ୍ ନୁହେଁ । ଏଥିରେ ଥିବା ସୋଡିୟମ୍ ରକ୍ତଚାପ ବଜାୟ ରଖିବାରେ ସହାୟକ ହୋଇଥାଏ । ଏହାର ବ୍ୟବହାର ହୃଦ୍ ରୋଗରେ ମଧ ଉପକାର କରିଥାଏ ।

ଚର୍ମ ପାଇଁ ପାଣି ସିଙ୍ଗଡା ବହୁତ ଭଲ ବୋଲି ବିବେଚନା କରାଯାଏ । ଏହାର ବ୍ୟବହାର ଚର୍ମର କୁଞ୍ଚନ, ବ୍ରଣକୁ ମଧ ଦୂର କରିଥାଏ । ଏଥିରେ ଥିବା ପୋଷକ ତତ୍ତ୍ୱ ଚେହେରାକୁ ଉଜ୍ଜ୍ୱଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ଏହା ବ୍ୟତୀତ ପାଣି ସିଙ୍ଗଡା ଖାଇବା ଦ୍ୱାରା ଗ୍ୟାସ, କୋଷ୍ଠକାଠିନ୍ୟ, ଅଦୃଶ୍ୟତା ମଧ ଦୂର ହୋଇଥାଏ । ଆପଣ ଏହାକୁ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ଜରୁରୀ । ଏହା ଶରୀରକୁ ଖୁବଶୀଘ୍ର ଆରାମ ଦେବ ।

# କେଉଁ ଖାଦ୍ୟ ଖାଇଲେ କମିବ ଓଜନ: ଭୋକ ନ ଲାଗିବା ପାଇଁ ଡାଏଟରେ ସାମିଲ କରନ୍ତୁ ଏହି ଜିନିଷ

ଭାରତରେ ଅନେକ ଲୋକ ମୋଟାପଣ ପାଇଁ ଚିନ୍ତିତ ରହୁଛନ୍ତି । କରୋନା ମାହାମାରୀ କାରଣରୁ ତାଲାବନ୍ଦରେ ୱାର୍କ ଫ୍ରମ ହୋମରେ କାମ କରିବାରୁ ଲୋକମାନଙ୍କର ଓଜନ ବହୁତ ବଢ଼ିଥିବା ଦେଖାଯାଇଛି । କିନ୍ତୁ ଏବେ ଲୋକମାନେ ଯେତେ ପତଳା ହେବା ପାଇଁ ଚେଷ୍ଟା କଲେ ମଧ ହୋଇ ପାରୁ ନାହାନ୍ତି । ପତଳା ହେବା ପାଇଁ ଶାରୀରିକ ବ୍ୟାୟାମ୍ କଲେ ଦେହରୁ ଝାଳ ବାହାରିବାରୁ ବହୁତ ଭୋକ ହୋଇଥାଏ । ଯାହାକୁ ଆୟତ୍ତ କରିବା ସହଜ ହୋଇନଥାଏ । ଆଜି ଆସନ୍ତୁ ଏପରି କିଛି ଖାଦ୍ୟ ବିଷୟରେ ଜାଣିବା ଯାହାକୁ ଖାଇଲେ ବହୁତ ସମୟ ପର୍ଯ୍ୟନ୍ତ ଭୋକ ଲାଗି ନଥାଏ ଓ ଓଜନ କମାଇବାରେ ସାହାଜ୍ୟ କରିଥାଏ, କାରଣ ମୋଟାପଣ ଆମର ଖାଦ୍ୟ ଖାଇବାର ଶୈଳୀ ନିର୍ଭର କରିଥାଏ ।

ଅଣ୍ଡା : ଯଦି ଆପଣ ସବୁବେଳେ ସକାଳ ଜଳଖିଆରେ ଅଣ୍ଡା ଖାଇବେ ତାହେଲେ ଦ୍ୱିପ୍ରହର ପର୍ଯ୍ୟନ୍ତ ଆପଣଙ୍କୁ ଭୋକ ଲାଗିବ ନାହିଁ । କାରଣ ଏହାଦ୍ୱାରା ଏପିଟାଇଟ ବୁଷ୍ଟ କରୁଥିବା ହରମୋନ୍ର କମଘ୍ଲେର ହୋଇଥାଏ । ଅଣ୍ଡା ଶରୀରର ଓଜନକୁ କମ୍ କରିବାରେ ସହାୟକ ହୋଇଥାଏ ।

ସେଓ : ଯଦି ଆପଣ ସବୁବେଳେ ଗୋଟିଏ ସେଓ ଖାଉଛନ୍ତି ତାହେଲେ ଆପଣଙ୍କୁ ଡାକ୍ତରଙ୍କ ପାଖକୁ ଯିବାର ଆବଶ୍ୟକତା ନାହିଁ । ଏଥିରେ ପ୍ରଚୁର ପରିମାଣରେ ସୋଲ୍ୟୁବଲ ଫାଇବାର ଓ ପେକ୍ଟିନ ଭରପୁର ମାତ୍ରାରେ ରହିଥାଏ । ଏହା



ଖାଇବା ଦ୍ୱାରା ମସ୍ତିଷ୍କକୁ ନିର୍ଦ୍ଦେଶ ଯାଏକି ପେଟ ପୁରି ଯାଇଛି ଆଉ ଖାଇବାର ଆବଶ୍ୟକତା ନାହିଁ ।

ଡାର୍କ ଚୋକୋଲେଟ : ଚୋକଲେଟ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ କାରଣ ଏଥିରେ ଶର୍କରାର ପରିମାଣ ବହୁତ ଅଧିକ ଥାଏ । କିନ୍ତୁ ଯଦି ଆପଣ ଶୁଦ୍ଧ ଡାର୍କ ଚୋକେଲେଟ ଖାଇବେ ତାହେଲେ ଆପଣଙ୍କୁ ଆଗାମୀ ଖାଦ୍ୟ ଖାଇବା ପର୍ଯ୍ୟନ୍ତ ଭୋକ ଲାଗିବ ।

ଦହି : ଦହିର ଲାଭଦାୟୀ ଗୁଣ ଆମେ ଜାଣିଛୁ । ଏଥିରେ ହଜମକାରୀ ପ୍ରୋଟିନ୍ , ଭିଟାମିନ, ଓ ମିନେରାଲ୍ସ ଥାଏ ଯାହାକି ଆମ ଶରୀର ପାଇଁ ବହୁତ ଲାଭଦାୟକ । ଗରମରେ ଏହାକୁ ପିଇଲେ ପେଟ ଥଣ୍ଡା ରହେ ଓ ଭଲ ହଜମ ହୋଇଥାଏ । ଏହାକୁ ଥରେ ପିଇଲେ ବହୁତ ସମୟ ପର୍ଯ୍ୟନ୍ତ ଭୋକ ଲାଗେ ନାହିଁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## କଣ୍ଟକିତ ପଥ...

ଭାରତୀୟ ବଂଶୋଦ୍ଭବ ଋଷି ସୁନକ ବ୍ରିଟେନର ନୂତନ ପ୍ରଧାନମନ୍ତ୍ରୀ ଓଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଦେଶବାସୀଙ୍କୁ ତାଙ୍କ ପ୍ରଥମ ଭାଷଣରେ ଆଶ୍ୱସ୍ତ କରିଛନ୍ତି । ଗତ ୫୦ ଦିନ ମଧ୍ୟରେ ଦେଶର ତୃତୀୟ ପ୍ରଧାନମନ୍ତ୍ରୀ ଭାବେ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ୨୧୦ ବର୍ଷ ଭିତରେ ଶ୍ରୀ ସୁକ ହେଉଛନ୍ତି ବ୍ରିଟେନର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ଏବଂ ସର୍ବପ୍ରଥମ ଅଣ-ଶେତାଙ୍ଗ ନେତା ତେବେ ଏକବିଂଶ ଶତାବ୍ଦୀରେ ବିଶ୍ୱର ଚିତ୍ର ଯେଉଁଭଳି ଦୃତବେଗରେ ବଦଳି ଚାଲିଛି ସେଥିରେ ନୂଆ ନୂଆ ବାସ୍ତବତାକୁ ଗ୍ରହଣ କରିବା ଲାଗି ବ୍ରିଟେନବାସୀ ବାଧ ହୋଇଛନ୍ତି । ୧୦ ଡାଉନଂ ଷ୍ଟ୍ରିଟ୍ ଅକ୍ତିଆର କରିବା ପରେ ଶ୍ରୀ ସୁନକ ବ୍ରିଟେନବାସୀଙ୍କୁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ଯେ, ସମସ୍ତଙ୍କ ସହଯୋଗରେ ସେ ବ୍ରିଟେନକୁ ପୁଣି ଥରେ ଆର୍ଥିକ ସଂକଟରୁ ମୁକୁଳାଇ ଏକ ସମୃଦ୍ଧ ରାଷ୍ଟ୍ରରେ ପରିଣତ କରିବେ । ଏହା ତାଙ୍କର ପ୍ରୟାସ, ଦଳର ସହଯୋଗ ଏବଂ ଦେଶବାସୀଙ୍କ ସମର୍ଥନ ଦ୍ୱାରା ହିଁ ସମ୍ଭବପର ହୋଇପାରିବ । ଏପରିକି ସେ ତାଙ୍କର ପୂର୍ବସୁରୀ ଲିଜ୍ ଟ୍ରସ ଏବଂ ବୋରିସ୍ ଜନସନଙ୍କ ପ୍ରତି ମଧ୍ୟ କୃତଜ୍ଞତା ଜ୍ଞାପନ କରିଛନ୍ତି । କୋଭିଡ ପରବର୍ତ୍ତୀ କାଳରେ ସାରା ବିଶ୍ୱ ଯେଉଁ ଆର୍ଥିକ ସଂକଟର ସମ୍ମୁଖୀନ ହୋଇଥିଲା, ତାର ଶରବ୍ୟ ବ୍ରିଟେନକୁ ଭୋଗିବାକୁ ପଡ଼ିଛି । ଲିଜ୍ ଟ୍ରସ୍ ଏହି ଅର୍ଥବ୍ୟବସ୍ଥାକୁ ସଜାଡ଼ିବାରେ ଅସମର୍ଥ ହେବାରୁ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବିଦାୟ ନେବାକୁ ପଡ଼ିଥିଲା । ତେଣୁ ନବନିଯୁକ୍ତ ପ୍ରଧାନମନ୍ତ୍ରୀ ଶ୍ରୀ ସୁନକ ରାତାରାତି ଯେ ଦେଶର ଆର୍ଥିକ ଭାଗ୍ୟ ବଦଳାଇ ଦେବେ ତାହା ଆଶା କରିବା ବୃଥା । କିନ୍ତୁ ବୋରିସ୍ ଜନସନଙ୍କ ମନ୍ତ୍ରିମଣ୍ଡଳରେ ଦେଶର ଅର୍ଥମନ୍ତ୍ରୀ (ଚାନସେଲର ଅଫ୍ ଏକ୍ସଚେକର) ରହି କରୋନା । କାଳରେ ସେ ବ୍ରିଟେନ ଅର୍ଥବ୍ୟବସ୍ଥାର ଯେପରି ମଙ୍ଗ ଧରିଥିଲେ ତାହା ବର୍ତ୍ତମାନ ସ୍ଥିତିରେ ଢେର ମାତ୍ରାରେ ସହାୟକ ହେବ । ତେଣୁ ସେ ଅଧିକ ପୁଞ୍ଜିନିବେଶ ଓ ସାମାଜିକ କଲ୍ୟାଣ ଯୋଜନା ବ୍ୟୟ ଉପରେ ଗୁରୁତ୍ୱ ଦେବେ ବୋଲି ସ୍ପଷ୍ଟ କରିଛନ୍ତି । ସେଥିପାଇଁ ଅଧିକ ଋଣ ଆଣିବା ନିମନ୍ତେ ମଧ୍ୟ ସେ ପ୍ରସ୍ତୁତ ଥିବା କହିଛନ୍ତି । ନିବେଶ ଟିକସ କାଟ୍ ଦ୍ୱାରା ଅର୍ଥନୀତିକୁ ସମର୍ଥନ ମିଳିଥାଏ । କିନ୍ତୁ ସେଥିପାଇଁ ସରକାର କେତେ ନିଷ୍ଠାବାନ ଅବା କେଉଁ ନୀତି ଆଣୁଛନ୍ତି ତାହା ଲକ୍ଷ୍ୟ କରିବା କଥା । ଏଥିସହ ବୈଦେଶିକ ବାଣିଜ୍ୟ କାରବାରକୁ ମଧ୍ୟ ବୃଦ୍ଧି କରିବାକୁ ହେବ । ଦେଶରେ ଅଧୁନା ଯେଉଁ ଶକ୍ତି ସଂକଟ ଦେଖାଦେଇଛି ତାହା ଲୋକଙ୍କ ବ୍ୟୟ ବୋଝକୁ ବଢ଼ାଇଛି । ଏହାକୁ ସରକାର କିଭଳି ଭରଣା କରିବେ ତାହା ସୁନକଙ୍କ ଲାଗି ଏକ ବଡ଼ ଚାଲେଞ୍ଜ । ଅପରପକ୍ଷରେ, ସରକାରକୁ ସମ୍ଭାଳିବା ସହ ନୂଆ ପ୍ରଧାନମନ୍ତ୍ରୀଙ୍କୁ ନିଜ ଦଳକୁ ମଧ୍ୟ ନିୟନ୍ତ୍ରଣ କରିବାକୁ ହେବ । ଏବେ ଟୋରି ଦଳ ବହୁଧା ବିଭକ୍ତ । ଏହା ବୋରିସ୍ ଜନସନ ପ୍ରଧାନମନ୍ତ୍ରୀ ପଦରୁ ବିଦାୟ ନେବା ବେଳଠାରୁ ସ୍ପଷ୍ଟ ହୋଇଥିଲା । ଏପରିକି ଆର୍ଥିକ ସଂକଟକୁ ରୋକିବା ଦିଗରେ ସରକାର ବିଫଳ ହୋଇଛନ୍ତି ବୋଲି ଶାସକ ଦଳର ସାଂସଦମାନେ ହିଁ ଅଧୁକ ସ୍ୱର ଉତ୍ତୋଳନ କରିଥିଲେ । ପୁଣି ଦଳ ଭିତରେ ଯେଉଁ ନେତୃତ୍ୱ କନ୍ଦଳ ଚାଲିଛି ତାହା ଋଷି ସୁନକଙ୍କ ପ୍ରଧାନମନ୍ତ୍ରୀ ହେବାପରେ ସୁଦ୍ଧା ଜାରି ରହିଛି । ତେଣୁ ଟୋରି ଦଳର ନେତା ନିର୍ବାଚିତ ହେବାପରେ ଶ୍ରୀ ସୁନକ ଦଳୀୟ ସାଂସଦମାନଙ୍କୁ ଦୃଢ଼ ଚେତାବନୀ ଶୁଣାଇ କହିଛନ୍ତି ଯେ, ଦଳକୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ହେବ ନଚେତ୍ ଆଗାମୀ ନିର୍ବାଚନ ବୈତରଣୀ ପାର ହେବା ଅସମ୍ଭବ ହୋଇପଡ଼ିବ । ଏହା ଏକ ବ୍ରହ୍ମ ସତ୍ୟ । ଏବେ ଲିଜ୍ ଟ୍ରସ୍, ହୁଅନ୍ତୁ ଅବା ଋଷି ସୁନକ, ୨୦୧୯ ନିର୍ବାଚନ ସଫଳତା ଉପରେ ହିଁ ଶାସନ କ୍ଷମତାରେ ଅଛନ୍ତି । କିନ୍ତୁ ବାସ୍ତବ ଅଗ୍ନିପରୀକ୍ଷା ୨୦୧୪ରେ ହେବ । ସେତେବେଳେ ଯଦି ଦେଶକୁ ଆର୍ଥିକ ସଂକଟରୁ ସୁନକ ସରକାର ମୁକୁଳାଇ ପାରିବାରେ ସକ୍ଷମ ହେବେ ଓ ଦଳୀୟ ଐକ୍ୟ ଅତୁଟ ରହିବ, ତେବେ ଶ୍ରମିକ ଦଳକୁ କନଜରଭେଟିଭ ପାର୍ଟି ସହଜରେ ମୁକାବିଲା କରିପାରିବ । ଏଥିପାଇଁ ସୁନକଙ୍କ ହାତରେ ମାତ୍ର ଦୁଇ ବର୍ଷର ସମୟ ଅଛି । ଏହି ଅବଧ ମଧ୍ୟରେ ସେ ତାଙ୍କ ପୂର୍ବ ଅଭିଜ୍ଞତା, ବର୍ତ୍ତମାନର ବାସ୍ତବତା ଓ ଭବିଷ୍ୟତର ଆଶା ଆକାଂକ୍ଷାକୁ ସାକାର କରିବା ଦିଗରେ କେତେଦୂର ସକ୍ଷମ ହେଉଛନ୍ତି, ତାହା ଉପରେ ସମଗ୍ର ବିଶ୍ୱର ନଜର ନିବଦ୍ଧ ।

## ବ୍ଲୁମବର୍ଗ ନା ଗ୍ଲୋବାଲ୍ ହଙ୍ଗର ଇଣ୍ଡେକ୍ସ କିଏ ଠିକ୍



ଗୋପାଳ ମହାପାତ୍ର

ବ୍ଲୁମବର୍ଗ ର ରିପୋର୍ଟ ଏବଂ ଗ୍ଲୋବାଲ୍ ହଙ୍ଗର ଇଣ୍ଡେକ୍ସ ଭାରତ ପ୍ରସଙ୍ଗରେ ଭିନ୍ନ ଭିନ୍ନ କଥା କହୁଛନ୍ତି । ବ୍ଲୁମବର୍ଗ ର ରିପୋର୍ଟ ଅନୁସାରେ ଜିଡ଼ିପି (ସକଳ ଘରୋଇ ଉତ୍ପାଦ) ପ୍ରସଙ୍ଗରେ ଭାରତ ବ୍ରିଟେନ୍‌କୁ ପଛରେ ପକାଇ ଦେଇ ବିଶ୍ୱର ପଂଚମ ବୃହତ୍ତମ ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇଛି । ଏବେ ଚୀନକୁ ପଛରେ ପକାଇବା ଦିଗରେ ଅଗ୍ରସର ହେଉଛି । କିନ୍ତୁ ଗ୍ଲୋବାଲ୍ ହଙ୍ଗର ଇଂଟେକ୍ସର ରିପୋର୍ଟ ଅନୁସାରେ ଭାରତର ସ୍ଥାନ ୧୦୭ରେ ରହିଛି, ଅର୍ଥାତ୍ ରିପୋର୍ଟ ଅନୁସାରେ ଭାରତର ୨୨.୪ କୋଟି ଲୋକ କୁପୋଷଣର ଶିକାର ଅଟନ୍ତି । ଆଫଗାନିସ୍ଥାନ ଏହି ରିପୋର୍ଟରେ ୧୦୯ତମ ସ୍ଥାନରେ ରହିଛି । ରିପୋର୍ଟରେ ପଡ଼ୋଶୀ ଦେଶ ପାକିସ୍ଥାନ, ବଙ୍ଗଳାଦେଶ, ଶ୍ରୀଲଙ୍କା ଏବଂ ନେପାଳର ସ୍ଥିତି ଭାରତ ଅପେକ୍ଷା ଭଲ ବୋଲି ଦର୍ଶାଯାଇଛି । ଶ୍ରୀଲଙ୍କାର ସ୍ଥାନ ୬୪ ଥିବା ବେଳେ ନେପାଳ ୮୧ରେ ରହିଛି । ବଙ୍ଗଳାଦେଶ ୮୪ ସ୍ଥାନରେ ରହିଛି ଏବଂ ସମସ୍ୟାର ଜର୍ଜରିତ ପାକସ୍ଥାନକୁ ୯୯ ସ୍ଥାନରେ ରଖିଛି ଗ୍ଲୋବାଲ୍ ହଙ୍ଗର ଇଣ୍ଡେକ୍ସ । ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ଆନ୍ତର୍ଜାତୀୟ, ରାଷ୍ଟ୍ରୀୟ ଏବଂ ଆଂଚଳିକ ସ୍ତରରେ କ୍ଷୁଧା ଖାଦ୍ୟାଭାବ, କୁପୋଷଣ ଭଳି ପ୍ରସଙ୍ଗ ଉପରେ ତର୍ଜମା କରି ରିପୋର୍ଟ ପ୍ରସ୍ତୁତ କରିଥାଏ । ବିଶେଷକରି କୁପୋଷଣ, ଶିଶୁଙ୍କ ବିକାଶ ହାର ଏବଂ ଶିଶୁ ମୃତ୍ୟୁହାରକୁ ଅଧିକ ଗୁରୁତ୍ୱ ଦେଇଥାଏ । ରିପୋର୍ଟ ଅନୁସାରେ ଯେଉଁ ୪୪ଟି ଦେଶରେ କୁପୋଷଣ, ଶିଶୁଙ୍କ ବିକାଶହାର ବାଧାପ୍ରାପ୍ତ ହୋଇଛି ଏବଂ ଶିଶୁ ମୃତ୍ୟୁହାର ବଢ଼ିଛି ସେ ଦେଶମାନଙ୍କ ତାଲିକାରେ ରହିଛି ଭାରତ ।

ଭାରତ ସରକାର କିନ୍ତୁ ଗ୍ଲୋବାଲ୍ ହଙ୍ଗର ରିପୋର୍ଟ ଠିକ୍ ଭାବେ ପ୍ରସ୍ତୁତ କରାଯାଇ ନାହିଁ ବୋଲି କହିଛନ୍ତି । ବିଶ୍ୱ ସ୍ତରରେ ଭାରତକୁ ନିନ୍ଦିତ କରିବା ପାଇଁ ଏହା ଏକ ଅପଚେଷ୍ଟା ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଭାରତ ସରକାରଙ୍କ ପକ୍ଷରୁ ଲୋକଙ୍କୁ ଖାଦ୍ୟ ସୁରକ୍ଷା ପ୍ରଦାନ କରାଯାଉଛି । ଭାରତ ସରକାରଙ୍କ ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି ଯେ ଦେଶରେ ପ୍ରମୁଖ କୃଷି ବସ୍ତୁ ଗୁଡ଼ିକର ଉତ୍ପାଦନ ବଢ଼ୁଛି ଏଣୁ ଦେଶରେ କୁପୋଷଣର ସ୍ତର ବୃଦ୍ଧି ହେବାର କୌଣସି କାରଣ ନାହିଁ । ଭାରତ ସରକାର ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି । କରୋନା ମହାମାରୀ ସମୟରେ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ ଅନୁସାରେ ୮୦ କୋଟି ଲୋକଙ୍କୁ ମାଗଣା ଖାଦ୍ୟ ଶସ୍ୟ ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ କେନ୍ଦ୍ର ସରକାର ୩.୯୧ ଲକ୍ଷ କୋଟି ସବ୍‌ସିଡ୍ ସହ ସମାନ ୧୧୨୧ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟ ଶସ୍ୟ ପ୍ରଦାନ କରିଛନ୍ତି ଓ ଏହି ଯୋଜନା ଚଳିତ ବର୍ଷ ଡିସେମ୍ବର ମାସ ପର୍ଯ୍ୟନ୍ତ ଜାରି ରହିବ । ସରକାରଙ୍କ ତଥ୍ୟ ଅନୁସାରେ ଦେଶରେ ଥିବା ଅଙ୍ଗନବାଡ଼ି ଗୁଡ଼ିକ ମାଧ୍ୟମରେ କରୋନା ମହାମାରୀ ପରେ ଜନ୍ମଠାରୁ ୬ ବର୍ଷ ପର୍ଯ୍ୟନ୍ତର ୭ କୋଟି ୭୧ ଲକ୍ଷ ଶିଶୁଙ୍କୁ ଏବଂ ୧ କୋଟି ୭୮ଲକ୍ଷ ଗର୍ଭବତୀ ମହିଳାଙ୍କୁ ଏବଂ ସ୍ତନ୍ୟପାନ କରାଉଥିବା ମାତା (ମହିଳା) ମାନଙ୍କୁ ପୂରକ ପୋଷଣ ଯୋଗାଇ ଦିଆଯାଇଛି । ପ୍ରଧାନମନ୍ତ୍ରୀଙ୍କ ମାତୃ ବନ୍ଦନା ଯୋଜନାରେ ୧ କୋଟି ୫୦ ଲକ୍ଷ ମହିଳାଙ୍କୁ ସେମାନଙ୍କ ପ୍ରଥମ ସନ୍ତାନର ଜନ୍ମ ପାଇଁ ୫ ହଜାର ଲେଖାଏଁ ଟଙ୍କାର ସହାୟତା ପ୍ରଦାନ କରାଯାଇଛି ।

ଭାରତ ସରକାର ଗ୍ଲୋବାଲ୍ ହଙ୍ଗର ଇଣ୍ଡେକ୍ସ ରିପୋର୍ଟକୁ ଅଗ୍ରାହ୍ୟ କରୁଥିବା ବେଳେ ଦେଶର ଅନେକ ଅର୍ଥଶାସ୍ତ୍ରୀ, ଆଲୋଚକ ଓ ବିରୋଧି ଦଳ ଏହି ରିପୋର୍ଟ ଆଧାରରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠାଉଛନ୍ତି । ଯଦି ରିପୋର୍ଟରେ ଭାରତର ସ୍ଥାନ ଆଫ୍‌ଗାନିସ୍ଥାନର ପାଖାପାଖି ନରହି ପଡ଼ୋଶୀ ଦେଶ ପାକିସ୍ଥାନ, ବଙ୍ଗଳାଦେଶ, ନେପାଳ ଓ ଶ୍ରୀଲଙ୍କାର ଉପରେ ରହିଥାନ୍ତା ତେବେ ଭାରତ ସରକାର ରିପୋର୍ଟକୁ ଭୁଲ୍ ବୋଲି କହିନଥାନ୍ତେ ନିଶ୍ଚୟ । କିନ୍ତୁ ଏବେ ଏହି ରିପୋର୍ଟ ଭାରତ ସରକାରଙ୍କ ଉପଲବ୍ଧିକୁ କାଠଗଡ଼ାରେ ଠିଆ କରାଇ ଦେଇଛି । ସରକାର ୮୦ କୋଟି ଲୋକଙ୍କୁ ମାଗଣା ଖାଦ୍ୟ ଶଷ୍ୟ ପ୍ରଦାନ କରିଛନ୍ତି ବୋଲି କହୁଛନ୍ତି, ଅର୍ଥାତ୍ ୮୦ କୋଟି ଲୋକଙ୍କର ଖାଦ୍ୟାଭାବ ରହିଥିଲା । ଏହି ଖାଦ୍ୟ ଶସ୍ୟ ବିତରଣକୁ କ'ଣ ସରକାରଙ୍କ ଉପଲବ୍ଧି ବୋଲି କୁହାଯାଇପାରିବ ? ୮ ବର୍ଷ ପୂର୍ବେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଚର୍ଚ୍ଚାର ଜବାବ ଦେଇ ପ୍ରଧାନମନ୍ତ୍ରୀ ମନରେଗା ଯୋଜନାକୁ ସମାଲୋଚନା କରିଥିଲେ ଯେ ମନରେଗା ଯୋଜନା ହେଉଛି କଂଗ୍ରେସ ସରକାରର ବିଫଳତାର ଜୀବନ୍ତ ସ୍ମାରକ । ଏବେ ସରକାର ମାଗଣା ଖାଦ୍ୟ ଶସ୍ୟ ବିତରଣ କଥା କହୁଛନ୍ତି ଓ ଗରିବ ଲୋକଙ୍କୁ ଲାଭାର୍ଥୀ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଉଛନ୍ତି । ଏହା କ'ଣ ବର୍ତ୍ତମାନର ସରକାରଙ୍କର ବିଫଳତା ନୁହେଁ କି ?

ବିରୋଜଗାରୀ, ଦରଦାମ୍ ବୃଦ୍ଧି, ଶିକ୍ଷା, ଖାଦ୍ୟାଭାବ, କୁପୋଷଣଠାରୁ ଦୂରେଇଯାଇ ସରକାର ସାଂସ୍କୃତିକ ରାଷ୍ଟ୍ରବାଦର କଥିତ ଏଜେଣ୍ଡାକୁ ଅଧିକ ଗୁରୁତ୍ୱ ଦେଇ ଚାଲିଛନ୍ତି । ସରକାର ଧାର୍ମିକ ମାମଲାକୁ ଅଧିକ ଗୁରୁତ୍ୱ ଦେଇ ଦେଖାଇବାକୁ ଚାହୁଁଛନ୍ତି ଯେ ପୂର୍ବରୁ କେବେବି ଏଭଳି ଧର୍ମ ପରାୟଣ ସରକାର କ୍ଷମତାକୁ ଆସିନଥିଲା । ସରକାର ଯାହାବି କୁହନ୍ତୁ ବା ସଫେଇ ଦିଅନ୍ତୁ ନା କାହିଁକି ଏକ ଆନ୍ତର୍ଜାତୀୟ ସଂସ୍ଥା (ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ) ଯେଉଁ ରିପୋର୍ଟ ପ୍ରସ୍ତୁତ କରିଛି ତାହାକୁ ସଂପୂର୍ଣ୍ଣ ମିଥ୍ୟା ବୋଲି କହି ଏଡ଼ାଇ ଦିଆଯିବା ଉଚିତ୍ ନୁହେଁ । ସରକାର ଏ କଥାର ତର୍ଜମା କରନ୍ତୁ ଓ ସଠିକ୍ ପଦକ୍ଷେପ ନିଅନ୍ତୁ ।


ରାମଚନ୍ଦ୍ରପୁର, ରଣପୁର

ମୋ- ୯୪୩୮୪୮୫୦୯୪


## ଓଡ଼ିଶାର କ୍ରୀଡ଼ା ପ୍ରତିଭା ଓ ଧାବିକା ଗୀତାଞ୍ଜଳି



ବାଦଲ ଭୂୟାଁ

ଲୋକଲୋଚନ ଉହାଡ଼ରେ ଅନେକ ବଣମଲ୍ଲୀ ପରି ପ୍ରତିଭାବାନ କ୍ରୀଡ଼ା ଚରିତ୍ରମାନେ କେତେକ କ୍ଷେତ୍ରରେ ବିଳମ୍ବରେ ଆଉ କେତେକ କ୍ଷେତ୍ରରେ ଆଦୌ ପ୍ରତିଭାତ ହୋଇପାରୁନାହାନ୍ତି । ସେମାନଙ୍କ ପାଇଁ ପ୍ରେରଣା ଯୋଗାଇବା ଦାୟିତ୍ୱ ଯେ ଆମ ସମସ୍ତଙ୍କର ଅଛି ଯେ ଏହାକୁ ଆମେ ଭୁଲିଯାଉଛେ । ଓଡ଼ିଶାରେ ଏକ ଅଗମ୍ୟ ଓ ଅପନ୍ତରା ଏପରି ସ୍ଥାନ ରହିଛି ଯେଉଁଠି ଝିଅ ପ୍ରତିଭାବାନମାନେ ଆଗେଇ ଆସିବା ପାଇଁ ସମର୍ଥ ହୋଇପାରୁନାହାଁନ୍ତି । ଆଜି ବିଶ୍ୱ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି । ହକି ଠାରୁ ମାରାଥନ ଦୌଡ଼, ଫୁଟବଲ ଠାରୁ ଟେନିସ୍ ସବୁ କ୍ଷେତ୍ରରେ ବିଶେଷକରି ଓଡ଼ିଆ ଝିଅମାନେ ସେମାନଙ୍କର କୃତୀତ୍ୱ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରୁଛନ୍ତି ଏବଂ ସବୁଠାରୁ ବଡ଼କଥା ହେଉଛି ଓଡ଼ିଶା ସରକାର ଏ କ୍ଷେତ୍ରରେ ପ୍ରୋତ୍ସାହନମୂଳକ ସହାୟତା ଓ ଅବଦାନ ଦିନକୁ ଦିନ ବୃଦ୍ଧି କରୁଛନ୍ତି । ବଣମଲ୍ଲୀ ପରି ଲୋକଲୋଚନର ଉହାଡ଼ରେ ରହିଯାଉଥିବା ପ୍ରତିଭାବାନ ମାନଙ୍କ ଉଜ୍ଜ୍ୱଳ ଦକ୍ଷତା ଓ ପ୍ରତିଭା ସାର୍ବଜନୀନ ହେବା ସହ ନିଜର କୃତୀତ୍ୱ ଦ୍ୱାରା ଓଡ଼ିଶାର ଗୌରବ ମଧ୍ୟ ବୃଦ୍ଧି କରୁଛନ୍ତି । ସେହିପରି ଏକ ସଫଳ ଘଟଣା ଆମ କୋଟି କୋଟି ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ ହୋଇଛି । ଓଡ଼ିଆ ଧାବିକା ଗୀତାଞ୍ଜଳି ଲେଙ୍କା ସୁଦୂର ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହୋଇଥିବା ବିଶ୍ୱର ଖ୍ୟାତନାମା କମ୍ରେଡସ ମାରାଥନରେ କୃତୀତ୍ୱ ହାସଲ କରିଛନ୍ତି । ଓଡ଼ିଶା ମାରାଥନ କ୍ରୀଡ଼ା ଇତିହାସର ଏହି ସ୍ୱର୍ଣ୍ଣିମ ସଫଳତା ଚିରଦିନ ପାଇଁ ଆଜିର ସମୟର କିଶୋରୀ ଯୁବପିଢ଼ିଙ୍କ ପାଇଁ ଆଲୋକବର୍ତ୍ତିକା ପରି ରାସ୍ତା ଦେଖାଇବ । ଦକ୍ଷିଣଆଫ୍ରିକାର ପିଟର ମାରିଟସ୍‌ବର୍ଗ ସହରରୁ ଆରମ୍ଭ ହେଇ ଡରବାନ୍ ସହରରେ ସମାପ୍ତ ହେଉଥିବା ୯୦ କିମି ଦୂରତାର ଏହି ମାରାଥନ୍ ବିଶ୍ୱର ସର୍ବପୁରାତନ ଏବଂ ସର୍ବବୃହତ୍ ମାରାଥନ୍ ଭାବରେ ବିଶ୍ୱ ପ୍ରତିଷ୍ଠିତ । ଏହି ଦୌଡ଼ ୧୯୨୧ ମସିହାରେ ଆରମ୍ଭ ହୋଇଥିଲା । ପୃଥିବୀର ବିଭିନ୍ନ ପ୍ରାନ୍ତରରୁ ପ୍ରାୟ ୨୫୦୦୦ ଧାବକ ଏହି ଦଉଡ଼ରେ ଭାଗ ନେଇଥିଲେ । ଚଳିତ ବର୍ଷର ସଂସ୍କରଣରେ ଭାଗନେଇ ୯୦ କି.ମି. ଦୂରତାକୁ ୮ ଘଣ୍ଟା ୫୨ ମିନିଟ୍‌ରେ ସମ୍ପୂର୍ଣ୍ଣ କରି ଇତିହାସ ରଚିଛନ୍ତି ଓଡ଼ିଆ ଧାବୀକା ଗୀତାଞ୍ଜଳି । ସେ ଏହି ସଂସ୍କରଣର ଦ୍ରୁତତମ ଭାରତୀୟ ମହିଳା ଭାବରେ ବିବେଚିତ ହେଇ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି । ଏହାସହିତ ତାଙ୍କୁ ବିଲ୍‌ରୋୱେନ୍ ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଛି । ଏହି ପୁରସ୍କାର ଜିତିବାରେ ସେ ହେଉଛନ୍ତି ଦ୍ୱିତୀୟ ଭାରତୀୟ ଓ ପ୍ରଥମ ଓଡ଼ିଆ ମହିଳା । କଟକ ଚାଉଳିଆଗଞ୍ଜ ବାସିନ୍ଦା ଶ୍ରୀ କୁଞ୍ଜ ବିହାରୀ ପ୍ରଧାନଙ୍କ ସୁପୁତ୍ରୀ ଗୀତାଞ୍ଜଳି ବର୍ତ୍ତମାନ ମୁମ୍ବାଇରେ ସ୍ୱାମୀ ଓ ଦୁଇ ସନ୍ତାନଙ୍କ ସହ ବାସ କରୁଛନ୍ତି । ଏହା ଏକ ଅବିଶ୍ୱସନୀୟ ବିଷୟ ଯେ, ୫୦ ବର୍ଷୀୟ ଗୀତାଞ୍ଜଳି କେବଳ ଛଅ ବର୍ଷ ତଳେ ଦଉଡ଼ିବା ଆରମ୍ଭ କରିଥିଲେ । ବର୍ତ୍ତମାନ ଯାଏ ସେ ଦେଶ ବିଦେଶରେ ୩୨ଟି ଫୁଲ୍ ମାରାଥନ୍ ଓ ୨୩ଟି ହାଫ୍ ମାରାଥନ୍ ଦଉଡ଼ରେ ଭାଗନେଇ ସଫଳତା ପାଇଛନ୍ତି । ଚଳିତବର୍ଷ ମୁମ୍ବାଇରେ ଆୟୋଜିତ ୧୦୩ କିମି ଦଉଡ଼କୁ ୧୨ ଘଣ୍ଟାରେ ସମାପ୍ତ କରି ବିଜେତା ହୋଇଥିଲେ ।

ଆଜିର ସମୟକୁ ଦେଖିଲେ ପିଲାମାନଙ୍କ ଭିତରେ କ୍ରୀଡ଼ା ନୈପୁଣ୍ୟତା ଦିନକୁ ଦିନ ଅଧିକ ଦେଖିବାକୁ ମିଳୁଛି ଯାହାକି ଖୁସିର କଥା । ଓଡ଼ିଶାର କ୍ରୀଡ଼ା କ୍ଷେତ୍ରକୁ ଦେଖିଲେ ଅନେକ ପ୍ରତିଭାବାନ କଳାକାର ବିଶ୍ୱ ଦରବାରରେ ଓଡ଼ିଆ ପିଲାଙ୍କ କ୍ରୀଡ଼ା ଦକ୍ଷତା ଦେଖାଇଛନ୍ତି । କ୍ରିକେଟ ଠାରୁ ହକି, ଫୁଟବଲ ଠାରୁ ଦୌଡ଼, ଟେନିସ ଠାରୁ ସନ୍ତରଣ ସବୁ କ୍ଷେତ୍ରରେ ସେମାନଙ୍କର କ୍ରୀଡ଼ା ପ୍ରତିଭାକୁ ସର୍ବ ସମ୍ମୁଖରେ ପ୍ରଦର୍ଶିତ କରି ଓଡ଼ିଆଙ୍କ ଗର୍ବ ଓ ଗୌରବକୁ ଆହୁରି ଶ୍ରୀବୃଦ୍ଧି କରିଛନ୍ତି । ଗୀତାଞ୍ଜଳିଙ୍କ ଗୌରବର କୃତୀତ୍ୱ କ୍ରୀଡ଼ା ପ୍ରତି ଆଗ୍ରହ ରଖୁଥିବା ଝିଅ ମାନଙ୍କ ପାଇଁ ପ୍ରେରଣାର ମାର୍ଗ ଦେଖାଇବ । ଅନେକ ପ୍ରତିଭାବାନ ସମାଜର ଏପରି ଅପନ୍ତରା କ୍ଷେତ୍ରରେ ରହିଛନ୍ତି ଯେଉଁଠି ସେମାନଙ୍କ ପ୍ରତିଭା ଲୋକଲୋଚନକୁ ଆସିପାରୁନାହିଁ । ଅନେକ ପ୍ରତିବନ୍ଧକକୁ ସେମାନେ ସାମ୍ନା କରୁଛନ୍ତି କିନ୍ତୁ ଦୃଢ଼ ନିଷ୍ଠା, କଠୋର ସାଧନା, ନିଷ୍ଠାପରତା ଓ ସମର୍ପିତ ତ୍ୟାଗକୁ ଆଗରେ ରଖି ନିଜକୁ ଆଗେଇ ନେଉଛନ୍ତି । ଜୀବନରେ ପ୍ରତିଟି ପାଦରେ ଆଗେଇ ଯିବା ସମୟରେ ଆମ୍ଭେମାନେ ସାମ୍ନା କରିଥାଉ ଅନେକ ପ୍ରତିବନ୍ଧକ ଓ ବାଧାବିଘ୍ନ । ଏପରି ପ୍ରତିଭାବାନ ଓଡ଼ିଶାରେ ରହିଛନ୍ତି ଯେଉଁମାନେ ସେମାନଙ୍କର କୃତୀତ୍ୱ ବଖାଣିବା ବେଳେ ନୂଆ କ୍ରୀଡ଼ା ସମୟର କୋହକୁ ବଖାଣିଥାନ୍ତି । କାହାର ପାଦରେ ଯୋତା ନଥାଏ ତ କିଏ ଭଲ ଭାବେ ଖାଇବା ପାଇଁ ସମର୍ଥ ହୋଇପାରି ନଥାଏ । ଅନେକ ଥାନ୍ତି ବିଦ୍ୟାଳୟ ବସ୍ତାନୀରେ ଡୋରି ବାନ୍ଧିବାକୁ ବାଧ ହୋଇଥାନ୍ତି ତେବେ ଏସବୁ ଭିତରେ ପ୍ରତିଭା କିନ୍ତୁ ସୂର୍ଯ୍ୟଙ୍କ ଉଜ୍ଜ୍ୱଳ କିରଣ ପରି ସର୍ବସମ୍ମୁଖକୁ ଆସିଥାଏ । ସରକାର ପ୍ରତିଭାବାନ କ୍ରୀଡ଼ାବିତ୍‌ଙ୍କ ଅନେକ ସୁବିଧା ସୁଯୋଗ, ପ୍ରୋତ୍ସାହନ, ସହାୟତା ଓ ପ୍ରେରଣା ଯୋଗାଉଛନ୍ତି । ଓଡ଼ିଶାରେ ଆଜି ବିଶ୍ୱ ପ୍ରସିଦ୍ଧ କ୍ରୀଡ଼ା ମହାକୁମ୍ଭ ଅନୁଷ୍ଠିତ ହେଉଛି । ଓଡ଼ିଶା କ୍ରୀଡ଼ାଭିତ୍ତିଭୂମି ଆଜି ବିକଶିତର ସ୍ୱର୍ଣ୍ଣିମ ଶିଖରରେ ପହଞ୍ଚିଛି । ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଓ କଟକର ଐତିହାସିକ ବାରବାଟୀ ପଡ଼ିଆରେ ବିଶ୍ୱ ସ୍ତରୀୟ କ୍ରିକେଟ, ଫୁଟବଲ, ହକି ମ୍ୟାଚର ଆୟୋଜନ ହେଉଛି । ଗୀତାଞ୍ଜଳିଙ୍କ କୃତୀତ୍ୱ ଓ ତାଙ୍କ ପ୍ରତିଭା ଦକ୍ଷତାର ନିଷ୍ଠାପରତା ନିଶ୍ଚିତ ଭାବରେ ଆଜିର ସମୟରେ ପ୍ରତିକୂଳତାକୁ ସାମ୍ନା କରିଥିବା ପିଲାମାନଙ୍କୁ ରାସ୍ତା ଦେଖାଇବା ଆଗକୁ ଆହୁରି ବଢ଼ିବା ପାଇଁ । ସେହିପରି ବଡ଼ ଖୁସିର କଥା ଓଡ଼ିଶା ସରକାରଙ୍କୁ ସହଯୋଗ ଦେବା ପାଇଁ ଅନେକ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ଦାତବ୍ୟ ଓ ବେସରକାରୀ ସଂଗଠନ ସହ ଅନେକ ବ୍ୟକ୍ତିବିଶେଷ ମଧ୍ୟ ପୃଷ୍ଠପୋଷକତା ଓ ପ୍ରୋତ୍ସାହନ ଯୋଗାଉଛନ୍ତି । ଅନେକ ବଣମଲ୍ଲୀପରି ପ୍ରତିଭାବାନ କ୍ରୀଡ଼ା ଦକ୍ଷ କୃତୀତ୍ୱ ମାନଙ୍କୁ ଅନେକ ବ୍ୟକ୍ତିବିଶେଷ ହିଁ ପ୍ରାଥମିକ ଭାବେ ସହଯୋଗ କରି





ଶିଖରର ଶୀର୍ଷ ପର୍ଯ୍ୟନ୍ତ ପହଞ୍ଚାଇଥାନ୍ତି । ସେଥିମଧ୍ୟରୁ ଅନେକ ନିଜକୁ ବିଜ୍ଞପିତ କରିବା ପାଇଁ ଚାହିଁନଥାନ୍ତି । କ୍ରୀଡ଼ା କ୍ଷେତ୍ରରେ ଦକ୍ଷତା ଥିବା ପିଲାମାନଙ୍କୁ ସହଯୋଗ କରିବା ପାଇଁ ଆମ ସମସ୍ତଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିଛି । ସମସ୍ତେ ନିଜ ନିଜ କ୍ଷେତ୍ରରେ ଯେତିକି ସମ୍ଭବ କ୍ରୀଡ଼ା ପ୍ରତିଭା ମାନଙ୍କୁ ସହଯୋଗ, ସମର୍ଥନ, ଭଲପାଇବା, ଶ୍ରଦ୍ଧା ଓ ଆଶୀର୍ବାଦ ଯୋଗାଇ ଦେବା ଉଚିତ । ସେମାନଙ୍କ ଦକ୍ଷତାକୁ ପ୍ରଶଂସା କରିବା ସହିତ ସେମାନଙ୍କ ଠାରୁ ଆହୁରି ପ୍ରତିଭା ଆଶା ରଖିବା କୋଟି କୋଟି ଓଡ଼ିଆଙ୍କ ଗର୍ବକୁ ବଢ଼ାଇବା ପାଇଁ । ଆଜି ଓଡ଼ିଆ ଝିଅ ଗୀତାଞ୍ଜଳିଙ୍କ କୃତୀତ୍ୱ ଓଡ଼ିଶାର କ୍ରୀଡ଼ା କ୍ଷେତ୍ରରେ ରୁଚି ରଖୁଥିବା ଝିଅ ମାନଙ୍କ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା ।


ପ୍ରତିଷ୍ଠାତା ସମ୍ପାଦକ

'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର

ମୋ: ୭୪୮୮୯୯୮୫୩୨






### ନବ ଭାରତର ନିର୍ମାତା

**କୁନା ସେଠୀ**

ଯାଇଛି ସେ କାଳ ଆସି ଅଛି ଏବେ
ନୂତନ ଯୁଗର ବେଳ
ନବ ଭାରତର ନିର୍ମାଣ ପାଇଁ
ଚାଲିଛି ସବୁଠି ଖେଳ ।
ଖେଳ ପାଇଁ ଚାଲେ ମେଳ
ମେଳ ଭିତରେ ଯେ ବାଟ
ଖୋଲିଯାଏ
କର୍ମର ମିଳଇ ଫଳ ।

ତିଆରି ହୋଇବ ନବୀନ ଭାରତ
ନବ ରୂପ ଗୁଣ ନେଇ
ନ ଥିବ ଶୋଷଣ ନ ଥିବ କଷଣ
ନ ଥିବ ବିଭେଦ ତହିଁ ।
ହସୁଥିବେ ଏକ ହୋଇ
ହସର ଭିତରେ ଉନ୍ନତିର ପଥ
ଉନ୍ମୁକ୍ତ ଥିବ ଯେ ରହି ।

ନିର୍ମାତା ସାଜିବେ ନବ କାରୀଗର
ଧରି ନୂଆଁ ନୂଆଁ ବେଶ
ଅଭାବ କଷଣ ନ ଥିବ ତହିଁରେ
ଦୁଃଖ ହୋଇଯିବ ଶେଷ ।
ଗରିବୀ ହୋଇବ ଶେଷ
ଅଭାବରେ କେହି ଭିକ ନ ମାଗିବେ
ନ କରିବେ କେହି ରୋଷ ।

ଦକ୍ଷ କାରୀଗର ଦକ୍ଷତା ପଣରେ
ଗଢ଼ିବେ ଦେଶକୁ ଆମ
ସୁନ୍ଦର ମନ୍ଦିର ମଣ୍ଡିତ ଦିଶିବ
ନ ରହିବ ଦୁଃଖ ନାମ ।
ସହଜ ହୋଇବ କାମ
କାମ ର ଭିତରେ ଦୁନିଆ ଜାଣିବ
ଏ ଭାରତର ସୁନାମ ।


ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ


### ପ୍ରତାରଣା..

**ପାର୍ଥ ସାରଥୀ ନାୟକ**

ପ୍ରଥମ ଦେଖାରୁ ପାଇଲି ଭଲ
ପଶ୍ଚାତାପ କରେ ବହୁତ !!
ମିଠା କଥା କହି ମୋହିଲୁ ମନ
ମିଠା କଥା କହି ଚୋରି କଲୁ ମୋ ଧନ !!
ପ୍ରେମ ତୋର ବହୁତ ମିଠା
ସେ ମିଠା ଖାଇ କ୍ୟାରିୟର କୁ କଲି ପିତା !!
ସାଥିରେ ରହିବୁ କଥାଟି ଦେଲୁ
ଦିନେ ସମୟ ଆସିଲା ଚାକିରୀ ନାହିଁ କହି ସମ୍ପର୍କ
କାଟିଲୁ !!
ଭାବିଲୁନି ଟିକେ ଯେବେ ବାଲିଯାତ୍ରା ବୁଲୁଥିଲୁ
ଜାଣିପାରିଲିନି କେତେ କଣ ଭଣ୍ଡେଇ ନେଲୁ !!
ସମ୍ପର୍କ କାଟିଲୁ ମୋର ପ୍ରିୟ ସାଙ୍ଗ ସହ
ହେଲେ ପ୍ରେମ ତୁ କରିଲୁ ଆଉ କେଉଁ **govt.** ପୁଅ ସହ !!
ବର୍ଷ ବର୍ଷ ମାସ ମାସ ମୋ ପ୍ରେମକୁ କରିଲୁ ପର
ଚାରି ମାସର ପ୍ରେମକୁ କରିଲୁ ନିଜର !!
ସାଥିରେ ରହିବୁ ବୋଲି ପରିବାର ସହ ପରିଚୟ
କରାଇଲୁ !!
ହେଲେ ସମୟ ଆସିଲା ମୋତେ ବ୍ଲକ ମାରି ଦେଲୁ !!
କାହିଁକି ଆଜି ମୁଁ ଲେଖିଲି କବିତା
ବାଲିଯାତ୍ରା ସମୟ ଆସିଗଲା ପରା !!


ମାହାଙ୍ଗା, କଟକ..


### ତେଲ

**ଜୁମର ନାଥ ପାତ୍ର**

ତାଙ୍କ ଘରେ ତ ଚାଇନା ଲାଇଟ୍
ବାଣ ବି ଠୋ ଠା
ପିଲେ କୁଦୁଛନ୍ତି
ମିଠା ବାସ୍ନା ମହକୁଛି
ଲୋକ ଯିବା ଆସିବା ଚାଲିଛି
ବହୁତ ଖୁସିର ମାହୋଲ ଟେ
ସେପଟେ

ଆଉ ଆମ ଘରେ ମା'... !
ଝରାବତୀ ଟେ କଁ ଆଣିବୁନି
ମୁଁ ସିନା ପଞ୍ଚମ ଶ୍ରେଣୀର ଝିଅଟା
ବୁଝେଇଦେବି ମୋ ମନକୁ
ହେଲେ ଧୂଳିଖେଳର ଦି'ବର୍ଷର
ଭାଇଟା...
କିଛି ତ କର ମା'
ମଣ୍ଡା ନୁହେଁ କି ମିଠା ନୁହେଁ
ଝରାବତୀ ଟେ ଆଣେ ମା'
ଗୁମସୁମ ହେଇଯାଇଛୁ ସେଦିନୁଁ
ବାପା ଯେବେଠୁ ଗଲେଣି ମହାମାରୀ
ରେ
ପର ପାଇଟିରୁ ଯାହା ପାଉଛୁ
ଓଳିଏ ହଉ ପଛେ ଦି' ପେଟକୁ
ଦେଖୁଛୁ
ଆଉ ତୁ... !
କାଲିଠୁ ମୁଁ ପଛେ ଯିବି ଜରୀ
ଗୋଟେଇ
ହେଲେ ଆଜି ଦିପାବଳୀ ଟା
ଦୀପ ଯୋଡ଼େ ତ ଜାଳେ ଦୁଆର
ବନ୍ଧରେ

ତେଲ ନାହିଁ...ତେଲ ନାହିଁ...


ମୋ: ୬୩୭୦୨୯୮୪୦


### ଅଧାଲେଖା ପ୍ରେମ କବିତା

**ନୂତନ କୁମାର ବେହେରା**

ତୁମ ପାଇଁ ଲେଖୁଥିଲି ମୁଁ
ଏକ ପ୍ରେମ କବିତା
ହୃଦୟରୁ ଭଲ ପାଇବାର ଭାଷା
ଅନୁଭବରୁ ଶବ୍ଦସବୁ ଯୋଡ଼ି
ଲାଳିତ୍ୟ ପଦର ମାଧୁର୍ଯ୍ୟ ଭରି
ରହିଗଲା ଅଧା ଲେଖା ହୋଇ
ତୁମ ରୂପ ଲାବଣ୍ୟର ବନ୍ୟା

ଅଙ୍ଗ ରଙ୍ଗର ନଈରେ
ବହି ଯାଉଥିଲା ଦ୍ରୁତ ବେଗେ
ଆଶା ସ୍ୱପ୍ନସବୁ
ଆବେଗତାର ସୁଅକୁ ନେଇ
ଖେଳୁଥିଲେ ଢେଉ ଢେଉକା ଖେଳ
ଦୁଇକୂଳ ଲଙ୍ଘି ପ୍ଲାବିତ
ହେଉଥିଲା ପ୍ରେମର ଅମୃତଧାରା
ସବୁ ଥିଲା କବିତାର

ଗୋଟିଏ ଗୋଟିଏ ପଂକ୍ତି
ମୋ ଜୀବନଟା ଲାଗୁଥିଲା ମୋତେ
ଚିର ବସନ୍ତ ବସନ୍ତ
ଫୁଲମାନେ ଫଗୁଣରେ
ଫଗୁ ରଙ୍ଗ ବୋଳି
ହସୁଥିଲେ ମନ ଖୋଲି
ତାଙ୍କ ଓଠର ପାଖୁଡ଼ାରୁ
ଝରି ପଡୁଥିଲା ମିଠା ମିଠା ମହୁ
ଯା' ମୋ କବିତାକୁ କରୁଥିଲା
ନବ ରହେ ରସାଣିତ
ମୁଁ ହୋଇ ପଡୁଥିଲି ଆତ୍ମବିଭୋର
ତୁମେ ଦେଉଥିଲ ମୋ ମନରେ

ମାଦକତାର ଉନ୍ମାଦନା ଭରି
ସାରା ଆକାଶଟା ଲାଗୁଥିଲା ମୋତେ
ଖାଲି ରଙ୍ଗୀନ୍ ରଙ୍ଗୀନ୍
ମୁକ୍ତ ବିହଙ୍ଗ ସମ ଆମେ
ଉଡୁଥିଲୁ ଚକ୍କର୍ କାଟି
ଆକାଂକ୍ଷାର ଡେଣାରେ ଥିଲା
ଅକ୍ଲାନ୍ତ ରହିବାର ଅମାପ ଶକ୍ତି
ଥିଲା ଆମର ଦିଗହଜା ଗତି

ଅସରନ୍ତି ଆସୁଥିଲା କବିତାର ଭାବ
ସରୁ ନ ଥିଲା ଲେଖାର ପ୍ରସଙ୍ଗ
ହଠାତ୍ କାହୁଁ ତୁମ ମନରେ
ସନ୍ଦେହର କୁହୁଡ଼ି ମାଡ଼ି ଆସିଲା
ଭରସା ବିଶ୍ୱାସକୁ ପାରିଲନି ରଖି
ଆମ ଜୀବନର ପ୍ରେମ କବିତା
ଭୁଲ୍ ବୁଝାମଣାର ପୃଷ୍ଠାରେ
ରହିଗଲା ଅଧା ଲେଖା ହୋଇ ।


ବାରିପଦା

# ହିନ୍ଦୀ ସିନେମାରେ ଆଉ ଏକ ଗ୍ରହଣ




ହିନ୍ଦୀ ସିନେମାକୁ ଆଉ ଏକ ଗ୍ରହଣ ଲାଗିଛି । ଦୁଇ ବଡ ତାରକା ଏଥର ଦୀପାବଳିରେ ଧମାକା କରିପାରିଲେ ନାହିଁ । ଗତ ଦୀପାବଳିରେ ଅକ୍ଷୟ କୁମାରଙ୍କ 'ସୂର୍ଯ୍ୟବଂଶୀ' ୨୬ କୋଟିରୁ ଅଧିକ ରୋଜଗାର କରିଥିବାବେଳେ ଏଥର ମୁକ୍ତିଲାଭ କରିଥିବା ତାଙ୍କ ଚଳଚ୍ଚିତ୍ର 'ରାମ ସେତୁ' ପ୍ରଥମ ଦିନରେ ୧୫ କୋଟିରେ ପହଞ୍ଚିଛି, ଯାହା ଚଳଚ୍ଚିତ୍ରର ମୋଟ ବଜେଟ୍‌ର ୧୦ ପ୍ରତିଶତ । ଅନ୍ୟପକ୍ଷରେ, ଅଜୟ ଦେବଗନଙ୍କ ଫିଲ୍ମ 'ଥ୍ୟାଙ୍କ ଗଡ୍' ପ୍ରଥମ ଦିନରେ ମୋଟ ବଜେଟ୍‌ର ୧୦ ପ୍ରତିଶତରୁ ଅଧିକ ଓପନିଂ କରି ସମ୍ମାନ ରକ୍ଷା କରିଛି । ଉଭୟ ଚଳଚ୍ଚିତ୍ରର ପ୍ରଥମ ସପ୍ତାହ ଶେଷ ନିର୍ଣ୍ଣାୟକ ପ୍ରମାଣିତ ହେବ । 'ରାମ ସେତୁ' ଅକ୍ଷୟ କୁମାରଙ୍କ ଶେଷ କରିସ୍ଥା । ଜି ଷ୍ଟୁଡିଓ ଏହି ଫିଲ୍ମ ରିଲିଜ୍ କରିବା ଦାୟିତ୍ୱ ନେଇଥିଲା । ଚଳଚ୍ଚିତ୍ର ନିର୍ମାଣର ଗାଣିତିକ ମୂଲ୍ୟ ପ୍ରାୟ ୨୧୫ କୋଟି ଟଙ୍କା । ପ୍ରାୟ ତିନି ହଜାର ପରଦାରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ର ପ୍ରଥମ ଦିନର ପ୍ରାରମ୍ଭିକ ଆକଳନ ଅନୁଯାୟୀ ମାତ୍ର ୧୫ କୋଟି ଟଙ୍କା ରୋଜଗାରରେ ସୀମିତ ରହି ଫ୍ଲପ୍ ହୋଇଛି । ବଜେଟ୍ ଅନୁଯାୟୀ ଅଜୟ ଦେବଗନ୍, ସିଦ୍ଧାର୍ଥ ମାଲହୋତ୍ରା ଏବଂ ରକୁଲ ପ୍ରୀତ ସିଂଙ୍କ ଅଭିନୀତ ଫିଲ୍ମ 'ଥ୍ୟାଙ୍କ ଗଡ୍' ସ୍ଥିତି ସମ୍ଭାଳିଛି । ଏହି ଚଳଚ୍ଚିତ୍ର ନିର୍ମାଣରେ ପ୍ରାୟ ୭୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ରିଲିଜ ହେବାର ପ୍ରଥମ ଦିନରେ ଫିଲ୍ମଟି ବଜେଟର ୧୦ ପ୍ରତିଶତରୁ ଅଧିକ ରୋଜଗାର କରିଛି । ପ୍ରାରମ୍ଭିକ ଆକଳନ ଅନୁଯାୟୀ ଏହି ଫିଲ୍ମର ସଂଗ୍ରହ ପ୍ରାୟ ୮.୫୦ କୋଟି ଟଙ୍କା ହୋଇଛି ।

# 'ଜ୍ୟାକଲିନ୍ ନିର୍ଦ୍ଦୋଷ' ଦାବି କଲେ ଅଭିନେତ୍ରୀଙ୍କ ଓକିଲ

ମହାଠକ ସୁକେଶ ଚନ୍ଦ୍ରଶେଖର ସହ ଜଡିତ ୨୦୦ କୋଟି ଟଙ୍କା ମନିଲଣ୍ଡରିଂ ମାମଲାକୁ ନେଇ ବେଶ୍ କିଛି ଦିନ ହେବ ଚର୍ଚ୍ଚାରେ ଅଛନ୍ତି ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ । ଏହି ଠକେଇ ମାମଲାରେ ଇଡିର ଚାର୍ଜସିଟ୍‌ରେ ଜ୍ୟାକ୍‌ଲିନଙ୍କ ନାଁ ଶୀର୍ଷରେ ରହିଛି । ଏଥିସହ ସେ ଏହି ମାମଲାର ଅଭିଯୁକ୍ତ ବୋଲି ମଧ୍ୟ ଇଡି ଦର୍ଶାଇଛି । ତେବେ ଜ୍ୟାକ୍‌ଲିନ୍ ନିର୍ଦ୍ଦୋଶ । ସେ କିଛି କରି ନାହାନ୍ତି ବୋଲି ଏବେ ତାଙ୍କ ଓକିଲ ଦାବି କରିଛନ୍ତି । ନିକଟରେ ଏକ ସାକ୍ଷାତକରେ ଜ୍ୟାକ୍‌ଲିନ୍‌ଙ୍କ ଓକିଲ ଜେଲ୍ ଭିତରୁ ସୁକେଶ ଲେଖିଥିବା ଚିଠି ବିଷୟରେ ଉଲ୍ଲେଖ କରିଛନ୍ତି । ଏଥିସହ ଏହି ଠକେଇ ମାମଲାରେ ଜ୍ୟାକ୍‌ଲିନ୍‌ଙ୍କ କୌଣସି ହାତ ନଥିବା ସେ କହିଛନ୍ତି । ଆଇନ୍ ଅନୁଯାୟୀ ନିଜ ସମ୍ମାନ ପାଇଁ ସେ ଲଢ଼େଇ ଜାରି ରଖିବେ ବୋଲି ଜ୍ୟାକ୍‌ଲିନ୍‌ଙ୍କ ଓକିଲ କହିଛନ୍ତି । ଉଲ୍ଲେଖଯୋଗ୍ୟ, ନିକଟରେ ସୁକେଶ ଜେଲ୍ ଭିତରୁ ନିଜ ଓକିଲଙ୍କୁ ଏକ ଚିଠି ଲେଖିଥିଲା । ଏଥିରେ ମନି ଲଣ୍ଡରିଂ ମାମଲାରେ ଜ୍ୟାକ୍‌ଲିନଙ୍କ କୌଣସି ସମ୍ପୃକ୍ତି ନଥିବା ସେ କହିଥିଲା । ଅଯଥାରେ ତାଙ୍କୁ ଓ ତାଙ୍କ ପରିବାରକୁ ଏହି ମାମଲାରେ ଟଣା ଯାଉଛି ।




ଜ୍ୟାକଲିନଙ୍କ ସହ ତାଙ୍କର କେବଳ ପ୍ରେମ ସମ୍ପର୍କ ଥିବା ସୁକେଶ କହିଥିଲା । ଏବେ ଏହି କଥାକୁ ଦୋହରାଇଛନ୍ତି ଜ୍ୟାକ୍‌ଲିନଙ୍କ ଓକିଲ । ଯେକୌଣସି ଅନୁସନ୍ଧାନର ଉଦ୍ଦେଶ୍ୟ ହେଉଛି ସତ୍ୟ ଜାଣିବା । ଯଦିଓ ଅଭିଯୁକ୍ତଙ୍କ ଦ୍ୱାରା କିଛି ତଥ୍ୟ ପ୍ରକାଶ କରାଯାଇଥାଏ, ତେବେ ଏଜେନ୍ସିଗୁଡିକ ଦ୍ୱାରା ନିରପେକ୍ଷ ଭାବେ ତଦନ୍ତ ହେବା ଉଚିତ୍ । ତାଙ୍କ ବିବୃତ୍ତି ଆଇନର ପ୍ରଯୁଜ୍ୟ ଧାରା ଅନୁଯାୟୀ ରେକର୍ଡ ହୋଇପାରେ ଏବଂ ସତ୍ୟ ଜାଣିବା ପାଇଁ ତଦନ୍ତ କରାଯାଇପାରେ ବୋଲି ସେ କହିଛନ୍ତି । ଗତମାସରେ ଅଭିନେତ୍ରୀ ଜ୍ୟାକ୍‌ଲିନଙ୍କୁ ଦିଲ୍ଲୀ ଇଓଡବ୍ଲୁ ସମନ କରିଥିଲା । ଦିଲ୍ଲୀ ଅଫିସ ଡକାଇ ତାଙ୍କୁ ଘନ ଘନ ଜେରା କରିଥିଲା ପୁଲିସ । ଏସବୁ ଭିତରେ ଦୀପବାଳି ଅବସରରେ ଜ୍ୟାକଲିନଙ୍କ ଏକ ଫିଲ୍ମ 'ରାମ ସେତୁ' ମଧ୍ୟ ରିଲିଜ ହୋଇଛି । ଏଥିରେ ଅକ୍ଷୟ କୁମାରଙ୍କ ସହ ସେ ସ୍କ୍ରିନ୍ ଶେଆର କରିଛନ୍ତି ।





# ବିବାଦରେ ଚଳଚ୍ଚିତ୍ର 'କାନ୍ତାରା'

ସେପ୍ଟେମ୍ବର ୩୦ରେ ରିଲିଜ୍ ହେବା ଦିନଠାରୁ ଋଷବ ଶେଟ୍ଟୀଙ୍କ ବ୍ଲକବଷ୍ଟର କନ୍ନଡ ଚଳଚ୍ଚିତ୍ର 'କାନ୍ତାରା' ଏହାର ମୂଳ କାହାଣୀ, ଚମତ୍କାର ଭିଜୁଆଲ୍ ଏବଂ ସଙ୍ଗୀତ ପାଇଁ ଉପକୂଳ କର୍ଣ୍ଣାଟକର ପରମ୍ପରା ଏବଂ ରୀତିନୀତିକୁ ଜୀବନ୍ତ କରିଆସୁଛି । ସମାଲୋଚକ ଏବଂ ଦର୍ଶକଙ୍କ ଉଚ୍ଚ ପ୍ରଶଂସା ମଧ୍ୟରେ ଆଜି କେରଳ ଭିତ୍ତିକ ମ୍ୟୁଜିକ୍ ବ୍ୟାଣ୍ଡ ଥାଇକୁଦମ୍ ବ୍ରିଜ୍ ନିର୍ମାତାଙ୍କ ବିରୋଧରେ ଚୋରି ଏବଂ କପିରାଇଟ୍ ଉଲ୍ଲଂଘନ ଅଭିଯୋଗ କରିବା ପରେ ଫିଲ୍ମଟି ବର୍ତ୍ତମାନ ବିବାଦରେ ଛନ୍ଦି ହୋଇପଡିଛି । ଏହି ବିଷୟରେ ବ୍ୟାଣ୍ଡ ସୋସିଆଲ ମିଡିଆରେ ଏକ ବିବୃତ୍ତି ଦେଇଛନ୍ତି । 'କାନ୍ତାରା'ର ବର୍ତ୍ତମାନର ଲୋକପ୍ରିୟ ସଂଗୀତ 'ବରାହ ରୂପମ୍' ଏବଂ ସେମାନଙ୍କର ୨୦୧୭ ଟ୍ରାକ୍ 'ନବରସମ୍' ମଧ୍ୟରେ ସମାନତା ଥିବା ସୂଚନା ଦେଇ ଥାଇକୁଦମ୍ ବ୍ରିଜ୍ 'କପିରାଇଟ୍ ଆଇନ ଉଲ୍ଲଂଘନ' ହୋଇଛି ବୋଲି ଅଭିଯୋଗ କରିଛି ।

# ନୋରାଙ୍କୁ ଅଶାଳୀନ ଭାବେ ସ୍ପର୍ଶ କରିବା ପ୍ରସଙ୍ଗରେ ଏପରି କହିଲେ କୋରିଓଗ୍ରାଫର ଟେରେନ୍ସ



ସତରେ କ'ଣ କୋରିଓଗ୍ରାଫର ଟେରେନ୍ସ ଲୁଇସ୍ ନୋରା ଫତେହିଙ୍କୁ ଅଶାଳୀନ ଭାବେ ସ୍ପର୍ଶ କରିଥିଲେ କିଛି ବର୍ଷ ତଳେ ଏହି କଥାକୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା । ରିୟଲିଟି ସୋ' 'ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସ'ର ମଞ୍ଚ ଉପରେ ନୋରା ଓ ଟେରେନ୍ସଙ୍କର ଏକ ଭିଡିଓ ଭାଇରାଲ୍ ହୋଇଥିଲା । ସେହି ଭିଡିଓକୁ ଦେଖିବା ପରେ ଲୋକେ କହିବା ଆରମ୍ଭ କରିଥିଲେ ଯେ ଟେରେନ୍ସ ନୋରାଙ୍କୁ ଅଶାଳୀନ ସ୍ପର୍ଶ କରିଛନ୍ତି ।

ନିଜ ଉପରେ ଲାଗିଥିବା ଏହି ଅଭିଯୋଗ ଉପରେ ଏବେ ନିଜର ମତ ରଖିଛନ୍ତି ଟେରେନ୍ସ । ସେ କହିଛନ୍ତି, 'ତାହା ଏକ ଖୁବ୍ ସାଧାସିଧା ପରିସ୍ଥିତି ଥିଲା । ସୋ'ରେ ଶତ୍ରୁଘ୍ନ ଶିହ୍ନା ଓ ତାଙ୍କ ପତ୍ନୀ ଆସିଥିଲେ । ଗୀତା କପୁରଙ୍କ ଲାଗିଲା ଯେ ଆମେ ତାଙ୍କର ଖୁବ୍ ଭଲ ଭାବେ ସ୍ୱାଗତ କରିବା ଉଚିତ । ସେହି ସମୟରେ ସୋ'ର ହୋଷ୍ଟ ମଲାଇକା ଅରୋରାଙ୍କୁ କରୋନା ହୋଇ ଯାଇଥିଲା । ମଲାଇକାଙ୍କ ସ୍ଥାନରେ ସୋ'ରେ ନୋରା ଫତେହି ଥିଲେ । ଗୀତାଙ୍କ କଥାରେ ରାଜି ହୋଇ ଫୁଲ ବିଛାଇ ସ୍ୱତନ୍ତ୍ର ଦମ୍ପତିଙ୍କୁ ସ୍ୱାଗତ କରିବା କଥା କହିଲି । ଆମେ ପୂରା ସମ୍ମାନର ସହ ଶତ୍ରୁଘ୍ନ ସାର ଓ ତାଙ୍କ ପତ୍ନୀଙ୍କୁ ନମସ୍କାର କରୁ । ମାତ୍ର ଗୀତାଙ୍କୁ ଲାଗିଲା ସେତିକି ଯଥେଷ୍ଟ ନୁହେଁ । ଆମକୁ ଆହୁରି କିଛି କରିବା ଦରକାର । ଆମେ ନୃତ୍ୟ ପ୍ରଦର୍ଶନ କଲୁ । ମୋର ମନେ ନାହିଁ ମୋ ହାତ ନୋରାଙ୍କୁ ସ୍ପର୍ଶ କରିଛି କି ନାହିଁ । ମୁଁ କ'ଣ ଏତେ ଓଲା ଯେ ମୁଁ କ୍ୟାମେରା ସ ?ାମ୍ନାରେ ଏପରି ହରକତ କରିବି ଏପରି ଶସ୍ତା କଥା ମୋ ନାଁରେ ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି ।'

# ନୟନତାରାଙ୍କୁ କ୍ଲିନଚିଟ୍: ଭାଙ୍ଗି ନାହାନ୍ତି ସରୋଗେସି ନିୟମ



ବିବାହର ୪ ମାସ ପରେ ଯମଜ ସନ୍ତାନଙ୍କ ମାତାପିତା ହୋଇ ନିଜ ଫ୍ୟାନ୍ସଙ୍କୁ ଗୁଡ୍ ନ୍ୟୁଜ ଦେଇଥିବା ନୟନତାରା ଓ ତାଙ୍କ ସ୍ୱାମୀ ବିଘ୍ନେଶ ବିବାଦରେ ଛନ୍ଦି ହୋଇଥିଲେ । ଏହି ଦମ୍ପତି ସରୋଗେସୀ ନିୟମ ଭାଙ୍ଗିଥିବା ଅଭିଯୋଗ ହୋଇଥିବା ବେଳେ ଏବେ କିନ୍ତୁ ଏହି ସେଲିବ୍ରିଟି ଦମ୍ପତିଙ୍କୁ ମିଳିଛି କ୍ଲିନଚିଟ୍ । ଅର୍ଥାତ ସରୋଗେସି ଜରିଆରେ ମାତାପିତା ହୋଇ ସେମାନେ କୌଣସି ନିୟମ ଭାଙ୍ଗି ନ ଥିବା ଯାଞ୍ଚ ଟିମ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏହାକୁ ନେଇ ନୟନତାରାଙ୍କ ଫ୍ୟାନ୍ସ ବେଶ୍ ଖୁସି ହୋଇଛନ୍ତି ।

୨୦୨୧ ନଭେମ୍ବରରେ ସରୋଗେଟ ମଦର ଓ ନୟାନତାରାଙ୍କ ମଧ୍ୟରେ ଏକ ଏଗ୍ରିମେଣ୍ଟ ହୋଇଥିଲା । ଚଳିତ ବର୍ଷ ମାର୍ଚ୍ଚରେ ସରୋଗେଟ ମଦରଙ୍କ ଗର୍ଭରେ ନୟନତାରା ଓ ବିଘ୍ନେଶଙ୍କ ଭ୍ରୂଣ ରଖାଯାଇଥିଲା । ଏହାପରେ ଜୁନ୍‌ରେ ସେମାନେ ବିବାହ କରିଥିବା ବେଳେ ଅକ୍ଟୋବରରେ ସେମାନଙ୍କର ଯମଜ ସନ୍ତାନ ଉଇର ଏବଂ ଉଲଗମ ହୋଇଥିଲେ ।

ଏହାପରେ ନୟନତାରା ସରୋଗେସି ଜରିଆରେ ମା' ହେବାକୁ ନେଇ ବିବାଦ ଆରମ୍ଭ ହୋଇଥିଲା । ଏହି ଘଟଣାର ଯାଞ୍ଚ ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୩ ଜଣିଆ ଟିମ୍ ଗଠିତ ହୋଇଥିଲା ।

ଯାଞ୍ଚ ଟିମ୍ ରିପୋର୍ଟ ଅନୁଯାୟୀ, ୨୦୨୦ରେ ନୟନତାରାଙ୍କ ଫ୍ୟାମିଲି ଡାକ୍ତର ସରୋଗେସି କରୁଥିବା ଡାକ୍ତରଙ୍କୁ ଏକ ଚିଠି ଲେଖିଥିଲେ । ଉକ୍ତ ଚିଠି ଆଧାରରେ ସରୋଗେସି ପ୍ରକ୍ରିୟା ଆରମ୍ଭ କରାଯାଇଥିବା ଯାଞ୍ଚ ଟିମ୍ କହିଛନ୍ତି । ନୟନତାରାଙ୍କ ଫ୍ୟାମିଲି ଡାକ୍ତର ଏବେ ବିଦେଶ ଯାଇଥିବାରୁ ତାଙ୍କ ସହ ଯୋଗାଯୋଗ ହୋଇପାରୁନି ବୋଲି କୁହାଯାଇଛି ।

ସରୋଗେସି ରେଗୁଲେସନ ଆକ୍ଟ-୨୦୨୧ ଅଧୀନରେ କମର୍ସିଆଲ ସରୋଗେସି ଆକ୍ଟକୁ ଭାରତରେ ବ୍ୟାନ୍ କରାଯାଇଥିବା ବେଳେ ଗତବର୍ଷଠାରୁ ପୁଣି ଥରେ ତାହା କାର୍ଯ୍ୟକ୍ଷମ ହୋଇଛି । ତେଣୁ ନୟନତାରା ଓ ତାଙ୍କ ସ୍ୱାମୀ ଏହି ପ୍ରକ୍ରିୟା ଆରମ୍ଭ କରିବା ସମୟରେ ସରୋଗେସି ଭାରତରେ ଆଇନଗତ ଥିଲା । ତେଣୁ ସେମାନେ କୌଣସି ପ୍ରକାର ନିୟମ ଉଲ୍ଲଙ୍ଘନ କରି ନ ଥିବା ନିୟମରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି । ଦୀର୍ଘ ଦିନ ରିଲେସନରେ ରହିବା ପରେ ଗତ ଜୁନ୍ ମାସରେ ଉଭୟ ନୟନତାରା ଓ ବିଘ୍ନେଶ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ଏହି ହାଇ ପ୍ରୋଫାଇଲ ମ୍ୟାରେଜ ସେରିମନିରେ ରଜନୀକାନ୍ତ, ଶାହରୁଖ ଖାନ, ବିଜୟ ସେତୁପତି, ଏଆର ରେହମାନଙ୍କ ପରି ବଲିଉଡ ତଥା ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରୀର ବହୁ ଟପ୍ ସେଲିବ୍ରିଟି ଯୋଗ ଦେଇଥିଲେ ।

# ଅଶ୍ଳୀଳ ବ୍ୟଙ୍ଗକୁ ନା... ରାଧିକାଙ୍କ ପସନ୍ଦଭଲ୍ କାହାଣୀ ଭିତ୍ତିକ ଚଳଚ୍ଚିତ୍ର



ରାଧିକା ଆପଟ୍ଟେଙ୍କୁ ଭାରତୀୟ ସିନେମାର ସବୁଠାରୁ ଦକ୍ଷ ଅଭିନେତ୍ରୀଙ୍କ ତାଲିକାରେ ଗଣାଯାଏ । ଏହା ପଛର ମୁଖ୍ୟ କାରଣ ହେଲା ରାଧିକା ଚିରାଚରିତ ସଂଗୀତ ଓ ନୃତ୍ୟଭିତ୍ତିକ ସିନେମାରୁ ଦୂରେଇ ରହନ୍ତି ଏବଂ ଚିନ୍ତାଶୀଳ ହୋଇ ଉତ୍ତମ କାହାଣୀଭିତ୍ତିକ ଚରିତ୍ର ବାଛିଥାନ୍ତି । ବିଶେଷତଃ ଓଟିଟି ଷ୍ଟ୍ରିମିଂ ମଞ୍ଚରେ ତାଙ୍କର ଦଖଲ ରହିଆସିଥିବା ବେ ?ଳେ 'ଅନ୍ଧାଧୁନ' ଓ 'ପ୍ୟାଡ୍ ମ୍ୟାନ୍' ଚଳଚ୍ଚିତ୍ରରେ ତାଙ୍କର ପ୍ରସିଦ୍ଧି ଶୀର୍ଷରେ ପହଞ୍ଚିଥିଲା । ସେ ନିକଟରେ କହିଛନ୍ତି ଯେ ତାଙ୍କୁ ପ୍ରାୟ ସବୁ ପ୍ରକାର ଚଳଚ୍ଚିତ୍ରରେ ଅଭିନୟ ପାଇଁ ପ୍ରସ୍ତାବ ମିଳିଆସିଛି । ତେବେ ସେ ଜାଣିବୁଝି ଯେଉଁ ଗୋଟିଏ ଶ୍ରେଣୀର ଚଳଚ୍ଚିତ୍ରରୁ ଦୂରେଇ ରହିଛନ୍ତି ତାହା ହେଉଛି 'ସେକ୍‌ସ କମେଡି' ବା ଯୌନ ବ୍ୟଙ୍ଗ । ଅତୀତରେ ବ୍ୟଙ୍ଗ ନାମରେ ଅନେକ ଚଳଚ୍ଚିତ୍ରରେ ନାରୀଙ୍କୁ ଅତ୍ୟନ୍ତ ବିଦ୍ୱେଷମୂଳକ ଭାବେ ପ୍ରଦର୍ଶିତ କରାଯାଇଛି ଏବଂ ସେଭଳି ଚଳଚ୍ଚିତ୍ରର ବ୍ୟଙ୍ଗ ରାଧିକାଙ୍କୁ ଅରୁଚିକର ମନେ ହୁଏ । ତାଙ୍କ ଅନୁସାରେ ସେଭଳି ଚଳଚ୍ଚିତ୍ର ମହିଳାଙ୍କ ପ୍ରତି ଅପମାନଜନକ । ସ୍ମରଣଯୋଗ୍ୟ ଯେ 'ବଦଲାପୁର' ଚଳଚ୍ଚିତ୍ରରେ ଅଭିନେତା ବରୁଣ ଧାୱନଙ୍କ ସହ ଏକ ଯୌନ ଉଦ୍ଦୀପକ ଦୃଶ୍ୟରେ ଦେଖାଦେବା ପରେ ରାଧିକାଙ୍କୁ ଯୌନ ବ୍ୟଙ୍ଗ ଚଳଚ୍ଚିତ୍ରରେ ଅଭିନୟ କରିବା ଲାଗି ଅନେକ ପ୍ରସ୍ତାବ ମିଳିବା ଆରମ୍ଭ ହୋଇଥିଲା । ସେସବୁ ଚଳଚ୍ଚିତ୍ରର ସଂଳାପ ଓ ଦୃଶ୍ୟ ମହିଳାଙ୍କ ପ୍ରତି ଅତ୍ୟନ୍ତ ଅପମାନସୂଚକ ଥିଲା । ତେଣୁ ସେ ସେଗୁଡ଼ିକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ସିନେମା ଚୟନ ବେଳେ ତାଙ୍କର ଏକ ବଦ୍ଧମୂଳ ନୀତି ହେଉଛି ମହିଳାଙ୍କୁ ଯୌନ ବସ୍ତୁ ଭଳି ବ୍ୟବହାର କରାଯାଉଥିବା ସିନେମାରେ ସେ କଦାପି ଅଭିନୟ କରିବେ ନାହିଁ । ତେବେ ଏଥିରେ କିଛିଟା ବ୍ୟତିକ୍ରମ ରହିଛି । ୨୦୧୫ରେ ସେ 'ହଣ୍ଟର' ଶୀର୍ଷକ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ ଯାହା ଯୌନ ବ୍ୟଙ୍ଗ ଶ୍ରେଣୀରେ ଯିବ । ତେବେ କେଉଁ ପରିସ୍ଥିତିରେ ବ୍ୟଙ୍ଗ କରାଯାଉଛି ତାହା ଦର୍ଶକ ସ୍ପଷ୍ଟ ରୂପେ ଜାଣିପାରିବା ଦରକାର । ଯଦି ଚଳଚ୍ଚିତ୍ରରେ କେହି ନାରୀବିଦ୍ୱେଷୀ ହୋଇଥାଏ, ତା'ହେଲେ ତା' ମୁହଁରୁ ମହିଳାଙ୍କୁ ନେଇ ଯୌନ ବ୍ୟଙ୍ଗ ରାଧିକାଙ୍କ ଲାଗି ଗ୍ରହଣଯୋଗ୍ୟ । ଶେଷ ଥର 'ବିକ୍ରମ ବେଦ' ଚଳଚ୍ଚିତ୍ରରେ ସୈଫ ଅଲି ଖାଁଙ୍କ ଆଇନଜୀବୀ ପତ୍ନୀ ରୂପରେ ରାଧିକାଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳିଥିଲା । ଆସନ୍ତା ନଭେମ୍ବର ୧୧ରେ 'ନେଟ୍‌ଫ୍ଲିକ୍‌ସ' ମଞ୍ଚରେ ରାଧିକାଙ୍କ ଅଭିନୀତ 'ମୋନିକା, ଓ ମାଇଁ ଡାର୍ଲିଂ' ଚଳଚ୍ଚିତ୍ର ମୁକ୍ତିଲାଭ କରିବ ।

# ଏହି ଲୋକପ୍ରିୟ ନିର୍ଦ୍ଦେଶକଙ୍କ ମାତ୍ର ଦୁଇଟି ସିନେମାରେ ନଜର ଆସିଛନ୍ତି ଅନୁ ଚୌଧୁରୀ





ଓଲିଉଡର ଲୋକପ୍ରିୟ ନାୟିକା ଅନୁ ଚୌଧୁରୀଙ୍କ ଅଭିନୀତ ପ୍ରଥମ ଓଡ଼ିଆ ସିନେମା ହେଲା 'ମା' ଗୋଜବାୟାଣୀ' । ଏହି ଫିଲ୍ମର ନିର୍ମାତା ସନକ ଦେବତା । 'ମା' ଗୋଜବାୟାଣୀ'ର ନିର୍ଦ୍ଦେଶନା ଦେଇଥିଲେ ବସନ୍ତ ସାହୁ । ଏଥିରେ ମନୋଜ ପଣ୍ଡାଙ୍କ ବିପକ୍ଷରେ ନଜର ଆସିଥିଲେ ସେ । ଏହାଛଡ଼ା କୁନା ତ୍ରିପାଠୀ ଓ ପ୍ରିୟମ୍ବଦା ରାୟ ପ୍ରମୁଖ ମଧ୍ୟ ଅଭିନୟ କରିଥିଲେ । ଅନୁ ଚୌଧୁରୀଙ୍କ ଅଭିନୀତ ଏହି ସିନେମା ସୁପରଡୁପର ହିଟ୍ ହୋଇଥିଲା । ଏହାର ସଙ୍ଗୀତକାର ହେଲେ ସ୍ୱରୂପ ନାୟକ । 'ମା' ଗୋଜବାୟାଣୀ' ପରେ ଅନୁ ଆଉ ଅଟକିନାହାନ୍ତି । ସେ ଗତ ୨୫ ବର୍ଷ ଧରି ଓଲିଉଡରେ ସକ୍ରିୟ ଅଛନ୍ତି । ଏହି ସମୟ ଭିତରେ ଅନୁ ଓଡ଼ିଆ ସିନେଜଗତର ଅଧିକାଂଶ ଜଣାଶୁଣା ନିର୍ଦ୍ଦେଶକ ଓ ନାୟକଙ୍କ ସହ କାମ କରିଛନ୍ତି । ହେଲେ ଆପଣ କ'ଣ ଜାଣନ୍ତି କି, ଅନୁ ଚୌଧୁରୀ ଓଲିଉଡର ଲୋକପ୍ରିୟ ନିର୍ଦ୍ଦେଶକ ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ମାତ୍ର ଦୁଇଟି ଓଡ଼ିଆ ଛବିରେ କାମ କରିଛନ୍ତି । ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଛବି ହେଲା 'ପହିଲି ରଜ' । ଏଥିରେ ଅନୁ ଚୌଧୁରୀ ନାୟିକା ଭୂମିକାରେ ନଜର ଆସିଥିଲେ । ଏହି ସିନେମାରେ ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାନ୍ତ ଓ ଦେବାଶିଷ ପ୍ରମୁଖ ଅଭିନୟ କରିଥିଲେ । ଏହାପରେ ଅନୁ ପୁଣି ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ଓଡ଼ିଆ ଛବି 'ତୁ ମୋ ଲଭଷ୍ଟୋରି-୨'ରେ କାମ କରିଥିଲେ । ଏଥିରେ ସିଦ୍ଧାନ୍ତଙ୍କ ବିପକ୍ଷରେ ନଜର ଆସିଥିଲେ ଅନୁ । ଏହାଛଡ଼ା ସ୍ୱରାଜ ଓ ଭୂମିକା ବି ଏହି ଫିଲ୍ମରେ ଅଭିନୟ କରିଥିଲେ ।

# ସମସ୍ତଙ୍କ ପାଇଁ ସମାନ ଜନସଂଖ୍ୟା ନୀତି, ମାତୃଭାଷାରେ ଶିକ୍ଷା ଏବଂ ଆତ୍ମନିର୍ଭର ଭାରତ ପାଇଁ ପ୍ରଚେଷ୍ଟା : ଆରଏସ୍ଏସ୍

ଭୁବନେଶ୍ୱର ,୨୭/୧୦ (ନି.ପ୍ର): ୨୦୦୧ ମସିହାରେ ଜନସଂଖ୍ୟା ନିୟନ୍ତ୍ରଣ ନୀତି ଲାଗୁହେବା ପରେ ଜନସଂଖ୍ୟା ବୃଦ୍ଧିର ଟି.ଏଫ୍.ଆର. ବା ଦମ୍ପତିମାନଙ୍କର ହାରାହାରି ପ୍ରଜନନ ହାର ୩.୪ ରୁ କମି ୧.୯ରେ ପହଁଚିଛି । କିନ୍ତୁ ଏହି ଜନସଂଖ୍ୟା ନିୟନ୍ତ୍ରଣରେ ଅନେକ ଅସନ୍ତୁଳନତା ଅଛି । କାରଣ ବିଭିନ୍ନ ବର୍ଗର ଦମ୍ପତିମାନଙ୍କର ପ୍ରଜନନ ହାରରେ ବେଶ ତାରତମ୍ୟ ରହିଛି ଏବଂ ଅନ୍ୟ କାରଣ ଗୁଡିକ ହେଉଛି ସୀମାବର୍ତ୍ତି ଅଂଚଳରେ ଅନୁପ୍ରବେଶର ବୃଦ୍ଧି ଓ ବିଭିନ୍ନ ସ୍ଥାନରେ ବେଆଇନ ଧର୍ମାନ୍ତିକରଣ । ଯେଉଁ କାରଣରୁ ଦେଶରେ ଜନସଂଖ୍ୟାର ଠିକ୍ ସନ୍ତୁଳନ ହୋଇ ପାରୁନାହିଁ । ଏହି ତ୍ରୁଟି କାରଣରୁ ଅତୀତରେ ଆମ ଦେଶର ବିଭାଜନ ହୋଇଛି ଏବଂ ଇଣ୍ଡୋନେସିଆ ଓ ସୁଦାନ ଭଳି ଦେଶ ମଧ୍ୟ ବିଭାଜନର ଶିକାର ହୋଇଛନ୍ତି । ଆଜି ଭାରତ ଏକ ଯୁବାଦେଶ କିନ୍ତୁ ଆଉ କିଛି ବର୍ଷ ପରେ ଏହା ବୃଦ୍ଧମାନଙ୍କ ଦେଶରେ ପରିଣତ ହେବ । ଏସବୁ ଗୁଡିକର ନିରାକରଣ ପାଇଁ ଉପଯୁକ୍ତ ଜନସଂଖ୍ୟା ନୀତି ପ୍ରଣୟନ ହେବା ଦରକାର । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକାରୀ ମଣ୍ଡଳ ବୈଠକରେ ଏହି ବିଷୟ ଗୁଡିକ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଆରଏସଏସର ପ୍ରାନ୍ତ ସଂଘଚାଳକ ସମୀର ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ - ଏହି ବୈଠକ ପ୍ରୟାଗରାଜର ଗୌହନିୟା ସ୍ଥିତ ବାତ୍ସଲ୍ୟ ବିଦ୍ୟାଳୟ ପରିସରରେ ଅକ୍ଟୋବର ୧୬ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ଅନୁଷ୍ଠିତ ହୋଇଯାଇଛି । ସରସଂଘଚାଳକ ଡ.ମୋହନ ଭାଗବତ ଓ ସରକାର୍ଯ୍ୟବାହ ଦତାତ୍ରେୟ ହୋସଓ୍ୱାଲେ ପୂର୍ଣ୍ଣ ସମୟ ଧରି ଉକ୍ତ ବୈଠକରେ ଉପସ୍ଥିତ ଥିଲେ । ଏଥିରେ ସମଗ୍ର ଭାରତର ୩୭୯ ସଦସ୍ୟ ମଧ୍ୟରୁ ୩୭୨ ସଦସ୍ୟ ଯୋଗ ଦେଇଥିଲେ । ଓଡିଶାରୁ ୧୪ ଜଣଙ୍କ ମଧ୍ୟରୁ ୧୩ ଜଣ ଯୋଗ ଦେଇଥିଲେ । ଏହି ବୈଠକରେ ନୂତନ ଶିକ୍ଷାନୀତି ପ୍ରଚଳନ ଦ୍ୱାରା ମାତୃଭାଷା ମାଧ୍ୟମରେ ବିଦ୍ୟାଳୟ ଗୁଡିକରେ ଶିକ୍ଷାଦେବାର ବ୍ୟବସ୍ଥା କରିବା ପାଇଁ ଆହ୍ୱାନ କରାଯାଇଛି । ଯୁବ ସମାଜକୁ ରୋଜଗାର ନିମିତ ଚାକିରୀ ପରିବର୍ତେ ଆତ୍ମନିର୍ଭରଶୀଳ ହେବା ପାଇଁ ମଧ୍ୟ ଆହ୍ୱାନ ଦିଆଯାଇଛି । ଏହାର ସୁଫଳ ମଧ୍ୟ ଦେଶରେ ଦେଖିବାକୁ ମିଳିଲାଣି । କାରଣ ୨୦୧୪ ମସିହାରେ ଆମ ଦେଶରେ ଷ୍ଟାଟ ଅପ୍ ସଂଖ୍ୟା ୫୦୦ ଥିଲା ବେଳେ ବର୍ତମାନ ଏହା ବଢି ୬୦,୦୦୦ରୁ ଊର୍ଦ୍ଧ୍ୱରେ ପହଁଚିଲାଣି । ବୈଠକରେ ଆସିଥିବା ବିବରଣୀ ଅନୁସାରେ ଗତ ଏକ ବର୍ଷ ଭିତରେ ଦୈନିକ ଶାଖା ସଂଖ୍ୟାରେ ୬,୦୦୦,ସାପ୍ତାହିକ ଶାଖା ସଂଖ୍ୟାରେ ୪,୦୦୦ ଓ ମାସିକ ଶାଖା ସଂଖ୍ୟାରେ ୧,୮୦୦ ବୃଦ୍ଧି ଘଟିଛି । ସମଗ୍ର ଦେଶରେ ବର୍ତମାନ ୬୧,୦୪୫ ଦୈନିକ ଶାଖା, ୨୨,୦୭୭ ସାପ୍ତାହିକ ଶାଖା ଓ ୯,୦୭୧ ମାସିକ ଶାଖା ଚାଲୁଅଛି । ଓଡିଶାରେ ମଧ୍ୟ ଦୈନିକ ଶାଖା ୧,୩୯୦,ସାପ୍ତାହିକ ଶାଖା ୩୦୪ ଓ ମାସିକ ୮୪ ଶାଖା ଚାଲୁଅଛି । ବିଗତ ୪ ବର୍ଷ ମଧ୍ୟରେ ୬,୦୦,୦୦୦ ଯୁବକ ଜଏନ ଆର.ଏସ୍.ଏସ୍ ମାଧ୍ୟମରେ ସଂଘର ସଦସ୍ୟତା ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି । ସେମାନଙ୍କ ଭିତରେ ୨୩,୦୦୦ ମହିଳା ମଧ୍ୟ ଅଛନ୍ତି । ୨୦୨୫ ମସିହା ସୁଦ୍ଧା ସଂଘର ଏକଶହ ବର୍ଷ ପୂର୍ତି ଅବସରରେ ସମଗ୍ର ଦେଶରୁ ୪୦୦୦ ଶତାବ୍ଦୀ ବିସ୍ତାରକ ବାହାରିବା ପାଇଁ ଆହ୍ୱାନ ଦିଆଯାଇଛି । ବର୍ତମାନ ସୁଦ୍ଧା ୩୦୦୦ ଶତାବ୍ଦୀ ବିସ୍ତାରକ ବାହାରିଛନ୍ତି । ଓଡିଶାରୁ ମଧ୍ୟ ୩୭ ଜଣ ବିସ୍ତାରକ ବାହାରି ସାରିଛନ୍ତି । ସେ କହିଛନ୍ତି ଯେ - କରୋନା ବିଭିଷିକା ସମୟରେ ଓଡିଶା ସମେତ ସମସ୍ତ ରାଜ୍ୟରେ ସଂଘ ସେବାସହିତ ଅନ୍ୟ ବିବିଧକାର୍ଯ୍ୟ ମଧ୍ୟ ସମ୍ପାଦିତ କରିଥିଲା । ଦେଶର ସମସ୍ତ କାର୍ଯ୍ୟବିଭାଗରେ ମହିଳାମାନଙ୍କ ଅଧିକ ସହଭାଗିତା ବଢୁ ସେଥିପାଇଁ ସଂଘ ପ୍ରୟାସ କରୁଛି । ମେଘାଳୟ, ତ୍ରିପୁରା ସହିତ ସମଗ୍ର ଉତରପୂର୍ବାଂଚଳ ରାଜ୍ୟମାନଙ୍କରେ ଜନଜାତି ସଂପ୍ରଦାୟର ଲୋକମାନେ ନିଜର ସ୍ୱାଭିମାନ ଜାଗରଣ କାରଣରୁ ସ୍ୱଧର୍ମର ସୁରକ୍ଷା ପାଇଁ ସଂଘ ସହିତ ଯୋଡି ହେବାକୁ ଚାହୁଁଛନ୍ତି ଏବଂ ଏଥିପାଇଁ ସଂଘର ସରସଂଘଚାଳକ ଡ.ମୋହନ ଭାଗବତଙ୍କୁ ମଧ୍ୟ ଆମନ୍ତ୍ରଣ କରୁଛନ୍ତି । ବୈଠକ ପ୍ରାରମ୍ଭରେ ଦେଶର ଦିବଙ୍ଗତ ନେତା ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କ ବିୟୋଗରେ ଏକ ଶୋକ ପ୍ରସ୍ତାବ ଆଗତ କରାଯାଇ ନିରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ଓଡିଶାର ସ୍ୱର୍ଗତ ଜୟନ୍ତୀ ପଟ୍ଟନାୟକ, ମନୋରଂଜନ ପାତ୍ର, ବୀଣାପାଣି ମହାନ୍ତି, ପାଣ୍ଡୁ ମାଝି ପ୍ରଭୃତି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ କ୍ଷେତ୍ରକାର୍ଯ୍ୟବାହ ଡ. ଗୋପାଳ ପ୍ରସାଦ ମହାପାତ୍ର ଓ ସହପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ ।

# ୨୮ରୁ ଆରମ୍ଭ ହେବ ୩ ଦିନିଆ ଓଡିଶା ଟ୍ରାଭେଲ ବଜାର : ଉଦଘାଟନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ,୨୭/୧୦ (ନି.ପ୍ର): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ଆନୁକୁଲ୍ୟରେ ଓଡିଶା ଟ୍ରାଭେଲ ବଜାରର ଚତୁର୍ଥ ସଂସ୍କରଣ ୨୮ ରୁ ୩୦ ଅକ୍ଟୋବର ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହି ଫ୍ଲାଗସିପ୍ ପ୍ରଦର୍ଶନୀକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

ଏହି କାର୍ଯ୍ୟକ୍ରମରେ ଘରୋଇ ଟୁର୍ ଅପରେଟର୍ସ ଏବଂ ବିଦେଶୀ ଟୁର୍ ଅପରେଟର୍ସଙ୍କ ସହିତ ପର୍ଯ୍ୟଟନ ବିଭାଗ ଓ ଓଡ଼ିଶାର ବିଭିନ୍ନ ଟୁର ଅପରେଟର, ହୋଟେଲିୟରଙ୍କ ମଧ୍ୟରେ ବି୨ବି ଓ ବି୨ଜି ମିଟିଂ ଉପରେ ଧ୍ୟାନ ଦିଆଯିବ । ଏହା ସହିତ ଓଡିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ପରିଚିତ କରିବା ପାଇଁ ପର୍ଯ୍ୟଟନ ସ୍ଥଳୀ ଭ୍ରମଣର ବ୍ୟବସ୍ଥା କରାଯିବ । ବାଂଲାଦେଶ, ଇଣ୍ଡୋନେସିଆ, ମାଲେସିଆ, ନେପାଳ, ସିଙ୍ଗାପୁର, ତାଞ୍ଜାନିଆ, ଥାଇଲ୍ୟାଣ୍ଡ ଏବଂ ଭିଏତନାମ ଭଳି ଦେଶରୁ ପ୍ରାୟ ୨୫ ଟି ବିଦେଶୀ ଟୁର୍ ଅପରେଟର ଓଡିଶା ଟ୍ରାଭେଲ ବଜାରର ୪ର୍ଥ ସଂସ୍କରଣରେ ଅଂଶଗ୍ରହଣ କରିବେ। ସେହିଭଳି ଔରଙ୍ଗାବାଦ, ବାଙ୍ଗାଲୋର, ଭୋପାଳ, ଚଣ୍ଡିଗଡ଼, ଚନ୍ଦ୍ରପୁର, ଚେନ୍ନାଇ, ଦେହରାଦୁନ୍, ଗୌହାଟି, ହାଇଦ୍ରାବାଦ, ଜୟପୁର, କୋଚି, କୋଲକାତା, ଲୁଧିଆନା, ମଙ୍ଗଳାଗିରି, ମୁମ୍ବାଇ, ନାଗପୁର, ନାସିକ୍, ନୂଆଦିଲ୍ଲୀ ଓ ଏନସିଆର, ପଞ୍ଜିମ, ପୁଣେ, ରାୟପୁର, ରୋହତକ, ସିଲିଗୁରୀ, ସୁରେନ୍ଦ୍ରନଗର, ଥିରୁବନନ୍ତପୁରମ୍, ବାରାଣାସୀ ଏବଂ ବିଶାଖାପାଟନମ୍ ଭଳି ସ୍ଥାନମାନଙ୍କର ଟୁର ଅପରେଟରମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ।ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରର ଏକ ହୋଟେଲ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଏବଂ ଅବକାରୀମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଗଣମାଧ୍ୟମ ସହ ଆଲୋଚନା କରିଓଡ଼ିଶାକୁ ପର୍ଯ୍ୟଟକଙ୍କ ଆଗମନ ବଢାଇବା ପାଇଁ ପର୍ଯ୍ୟଟନ ବିଭାଗ ଦ୍ୱାରା କରାଯାଉଥିବା ପ୍ରୟାସ ତଥା ରାଜ୍ୟର ଅନ୍ୱେଷିତ ଗନ୍ତବ୍ୟସ୍ଥଳକୁ ଲୋକପ୍ରିୟ କରିବା ପାଇଁ ଭ୍ରମଣ ଏବଂ ପର୍ଯ୍ୟଟନ ଶିଳ୍ପର ସକ୍ରିୟ ସହଭାଗୀତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ପର୍ଯ୍ୟଟନ ବିଭାଗର ଓ.ଏସ.ଡ଼ି ଅଂଶୁମାନ ରଥ, ଜେ.କେ ମହାନ୍ତି, ସହକାରୀ ଚେୟାରମ୍ୟାନ୍, ଫିକି, ପର୍ଯ୍ୟଟନ ଏବଂ ଆତିଥ୍ୟ କମିଟି ଏବଂ ସିଏମଡି, ସ୍ୱସ୍ତୀ ଗ୍ରୁପ ଅଫ ହୋଟେଲସ ଗଣମାଧ୍ୟମ କର୍ମକର୍ତାଙ୍କୁ ସମ୍ବୋଧିତ କରି ପର୍ଯ୍ୟଟନ ତଥା ପର୍ଯ୍ୟଟନ ଶିଳ୍ପର ହିତାଧିକାରୀମାନଙ୍କ ସହ ଯୋଗାଯୋଗ କ୍ଷେତ୍ରରେ ଓଡିଶା ଟ୍ରାଭେଲ ବଜାରର ଗୁରୁତ୍ୱ ବିଷୟରେ କହିଥିଲେ।

# ଏସ୍ଏଚ୍ଜି ମା' ମାନଙ୍କୁ ଅପମାନିତ କରୁଛି ବିଜେପି : ବିଜେଡି

ଭୁବନେଶ୍ୱର ,୨୭/୧୦ (ନି.ପ୍ର): ଧାମନଗର ଉପନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ତରଫରୁ ଭୋଟ ପ୍ରଚାର ଚାଲିଥିବା ବେଳେ ବିଜେପି ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଜଣେ ମହିଳାଙ୍କ ମୁହଁ ଘୋଡ଼ାଇ ଟଙ୍କା ବଂଟା କରାଇଛି । ଏଭଳି ଷଡ଼ଯନ୍ତ୍ର କରି ବିଜେପି ସ୍ୱାଭିମାନୀ ଧାମନଗର ମାଟିର ଏସ୍ଏଚ୍ଜି ମହିଳାମାନଙ୍କୁ ବଦନାମ ଓ ଅପମାନିତ କରିବାକୁ ଚେଷ୍ଟା କରୁଛି । ବିଜେପିର ଏହି ଅଭିସନ୍ଧି ମୂଳକ ହୀନ ରାଜନୀତି ଅତ୍ୟନ୍ତ ନିନ୍ଦନୀୟ ବୋଲି ବିଜେଡ଼ି ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ପ୍ରଣବ ବଳବନ୍ତରାୟ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

ସେ ଆହୁରି କହିଛନ୍ତି ଯେ ବିଜୁ ଜନତା ଦଳ ସବୁବେଳେ ଏସ୍ଏଚ୍ଜିର ମା'ମାନଙ୍କୁ ସମ୍ମାନ କରେ ଏବଂ ସେମାନଙ୍କର ଉନ୍ନତି ଲାଗି ଦିନରାତି କାମ କରିଆସୁଛି । ମା'ମାନେ ମଧ୍ୟ ସବୁ ନିର୍ବାଚନରେ ଆମ ଦଳକୁ ଆଶୀର୍ବାଦ କରିଆସିଛନ୍ତି । ଧାମନଗର ଉପନିର୍ବାଚନରେ ମଧ୍ୟ ଏହା ପୁନର୍ବାର ହେବାକୁ ଯାଉଥିବାରୁ ଏଥିରେ ଆତଙ୍କିତ ହୋଇ ବିଜେପି ଏଭଳି ହୀନ ରାଜନୀତି କରୁଛି । ରାଜନୀତିକୁ ରାଜନୀତି ଭଳି କରାଯାଉ । ବିଜେପି ଏସ୍ଏଚ୍ଜି ମହିଳାମାନଙ୍କୁ ଅପମାନିତ କରି ରାଜନୀତିକୁ କଳୁଷିତ ନ କରୁ । ନଚେତ୍ ଧାମନଗରର ଏସ୍ଏଚ୍ଜି ମା'ମାନେ ହିଁ ଏହି ଉପନିର୍ବାଚନରେ ବିଜେପିକୁ ଉଚିତ୍ ଜବାବ ଦେବେ । ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ରାଜ୍ୟସଭା ସାଂସଦ ତଥା ଦଳର ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ମାନସ ମଙ୍ଗରାଜ କହିଛନ୍ତି ଯେ ଧାମନଗରବାସୀ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସେବା ଓ ବିକାଶଧାରା ସହ ଯୋଡ଼ି ହୋଇ ରହିଛନ୍ତି । ତେଣୁ ସବୁ ନିର୍ବାଚନମଣ୍ଡଳୀ ଭଳି ଏଠି ମଧ୍ୟ ବିକାଶ ସପକ୍ଷରେ ଭୋଟ ପଡ଼ିବ । ଆଉ ଏଠାରେ ଆମ ଦଳର ପ୍ରାର୍ଥୀ ବହୁ ଭୋଟ ବ୍ୟବଧାନରେ ବିଜୟୀ ହେବେ ।

ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳର ମୁଖପାତ୍ର ଗୌତମବୁଦ୍ଧ ଦାସ ଓ ଅମିତ୍ ମଲ୍ଲିକ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ଢେଙ୍କାନାଳରେ ନଭେମ୍ବର ୬ରେ 'କୌଶଳ ମହୋତ୍ସବ' ଆୟୋଜନ କରିବ ସ୍କିଲ ଇଣ୍ଡିଆ

ଭୁବନେଶ୍ୱର ,୨୭/୧୦ (ନି.ପ୍ର): ଓଡ଼ିଶାର ଯୁବପିଢ଼ିଙ୍କୁ ଆପ୍ରେଣ୍ଟିଶିପ ପ୍ରଶିକ୍ଷଣ ଏବଂ ନିଯୁକ୍ତି ସୁଯୋଗ ଦେବା ଲାଗି ଆସନ୍ତା ୬ ନଭେମ୍ବର, ରବିବାର ଦିନ ଢେଙ୍କାନାଳ ଠାରେ 'କୌଶଳ ମହୋତ୍ସବ' ଆୟୋଜନ କରାଯିବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ ଅନୁରୂପ ଦେଶର ଯୁବପିଢ଼ିଙ୍କୁ କୌଶଳ ବିକାଶ ତାଲିମ ଦେବା ଉଦ୍ଦେଶ୍ୟରେ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ନିଜର ରଣନୈତିକ କାର୍ଯ୍ୟକାରିତା ଓ ଜ୍ଞାନ ସହଯୋଗୀ ଜାତୀୟ କୌଶଳ ବିକାଶ ନିଗମ (ଏନଏସଡିସି) ସହାୟତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛି ।

ଢେଙ୍କାନାଳ 'କୌଶଳ ମହୋତ୍ସବ'ରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ପ୍ରାର୍ଥୀମାନେ ଅନଲାଇନ୍ ରେ ପଞ୍ଜିକରଣ କରିପାରିବେ ଏବଂ ବିଭିନ୍ନ ପଦପଦବୀ ନିମନ୍ତେ ସେମାନଙ୍କର ସାକ୍ଷାତକାର ପାଇଁ ଆବେଦନ ଓ କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରିପାରିବେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତଥା ରାଜ୍ୟ ବାହାରୁ ଏଫଏଣ୍ଡବି, ବୟନ, ସୌନ୍ଦର୍ଯ୍ୟ ଓ କଲ୍ୟାଣ, ସ୍ୱାସ୍ଥ୍ୟସେବା, ଆଇଟି ଆଦି ୨୦ରୁ ଅଧିକ କ୍ଷେତ୍ରର ୫୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରିବେ । ଟେକ୍ସପ୍ରେନର୍ସ ଫେଡରେସନ, ଅର୍ବାନ କ୍ଲାପ୍ ଟେକ୍ନୋଲୋଜି, ହେଲ୍‌ଥ ଭିଷ୍ଟା ଇଣ୍ଡିଆ ଲିମିଟେଡ, ବାର୍ବିକ ନେସନ, ଜେବିଏମ ଅଟୋ, ଆରଜେ ଏଂଟରପ୍ରାଇଜ, ଅକାଳ ଇନଫର୍ମେସନ ସିଷ୍ଟମ୍ସ ଏବଂ ସୋଡେକ୍ସୋ ଭଳି କମ୍ପାନୀ ପୋର୍ଟାଲରେ ସେମାନଙ୍କର ଖାଲି ପଦବୀ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । ପ୍ରାର୍ଥୀମାନେ ଏସବୁ ପଦବୀରେ ଆବେଦନ କରିପାରିବେ ଏବଂ କୌଶଳ ମହୋତ୍ସବରେ ସାକ୍ଷାତକାର ଦେବା ପାଇଁ ସୁଯୋଗ ପାଇପାରିବେ।

ବିଭିନ୍ନ କ୍ଷେତ୍ର କୌଶଳ ପରିଷଦ (ଏସଏସସି) ଓ କମ୍ପାନୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହିତ ଯୁବକମାନଙ୍କ ମଧ୍ୟରେ ଦକ୍ଷତା ବିକାଶ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଏକ କୌଶଳ ପ୍ରଦର୍ଶନୀ ମାଧ୍ୟମରେ ସେମାନଙ୍କର ସୁବିଧାସୁଯୋଗ ପ୍ରଦର୍ଶନ କରିବେ। ଏଠାରେ ପ୍ରାର୍ଥୀମାନଙ୍କୁ ଗ୍ରୁପ କାଉନସେଲିଂ ମାଧ୍ୟମରେ ମାଗଣା ସାଇକୋମେଟ୍ରିକ ପରୀକ୍ଷାରେ ଭାଗ ନେବାର ସୁଯୋଗ ମିଳିବ । ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠିତ ଉଦ୍ୟୋଗ ବିଶେଷଜ୍ଞ, ପ୍ରେରଣାଦାୟୀ ବକ୍ତା, କ୍ୟାରିଅର ପରାମର୍ଶଦାତା ମାନେ ଯୋଗଦେବେ ଯେଉଁମାନେ ପ୍ରାର୍ଥୀମାନଙ୍କୁ ନିଜ କ୍ୟାରିଅର ସମ୍ପର୍କରେ ସଚେତନ ନିଷ୍ପତି ନେବାରେ ସହାୟତା କରିବେ। ଏହି ନିଯୁକ୍ତି ଶିବିରରେ ଉତୀର୍ଣ୍ଣ ହେଉଥିବା ପ୍ରାର୍ଥୀମାନେ କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀଙ୍କ ଠାରୁ ନିଯୁକ୍ତିପତ୍ର ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଏନଏସଡିସିର କାର୍ଯ୍ୟନିର୍ବାହୀ ଉପସଭାପତି ଡକ୍ଟର ମନୀଷ ମିଶ୍ର କହିଛନ୍ତି ଯେ, ଆମେ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନରେ, ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ଯୁବପିଢ଼ିଙ୍କୁ ସଶକ୍ତ ଏବଂ ଆତ୍ମନିର୍ଭରଶୀଳ କରିବା ଲାଗି ପ୍ରୟାସ ଜାରି ରଖିଛୁ । ଏହା ସ୍ଥାନୀୟ ଯୁବକମାନଙ୍କୁ ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ଯୋଗାଇ ଦେବ। ଓଡ଼ିଶାର ଯୁବକଯୁବତୀମାନେ ରାଜ୍ୟ ଓ ଦେଶରେ ବାହାରେ ବହୁରାଷ୍ଟ୍ରୀୟ କମ୍ପାନୀରେ ନିଯୁକ୍ତିର ମଧ୍ୟ ସୁଯୋଗ ପାଇବେ । ଯୁବକମାନଙ୍କ ପାଇଁ କୌଶଳ ବିକାଶକୁ ଆକାଂକ୍ଷୀ କରିବା ଲାଗି ଏହି କାର୍ଯ୍ୟକ୍ରମ ଅବସରରେ ଆଧୁନିକ ପ୍ରଯୁକ୍ତି, ସ୍ମାର୍ଟ ପ୍ରଶିକ୍ଷଣ ସେଟଅପ, ଡ୍ରୋନ, ଏଆର/ଭିଆର, ସ୍ମାର୍ଟ କ୍ଲାସରୁମ ଏବଂ ପରୀକ୍ଷାଗାର ଆଦି ଆଧୁନିକ ଜ୍ଞାନକୌଶଳ ସମ୍ପର୍କରେ ବିଭିନ୍ନ ପ୍ରଦର୍ଶନୀ ଆୟୋଜନ କରାଯିବ । ଉଦ୍ୟୋଗ ଏବଂ ପ୍ରତିଭା ମଧ୍ୟରେ ରହିଥିବା ଚାହିଦା ଓ ଯୋଗାଣ ବ୍ୟବଧାନ ଦୂର କରିବାରେ ଏହି ନିଯୁକ୍ତି ଶିବିର ସହାୟକ ହୋଇପାରିବ ।

ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ନିଜର ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟ ଓ ଏନଏସଡିସି ଜରିଆରେ ବିଭିନ୍ନ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଆୟୋଜନ କରୁଛି। ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ), ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (ପିଏମକେଭିୱାଇ), ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର (ପିଏମକେକେ), ଏବଂ ନେସନାଲ ଆପ୍ରେଂଟିସିପ ପ୍ରମୋସନ ସ୍କିମ୍ (ଏନଏପିଏ) ଆଦି ଯୁବକମାନଙ୍କ କୌଶଳ ବିକାଶରେ ବିଶେଷ ସହାୟକ ହୋଇଛି। ସ୍କିଲ ଇଣ୍ଡିଆ ମିଶନ ଅଧୀନରେ ଏବେ ସୁଦ୍ଧା ୫.୫ କୋଟି ପ୍ରାର୍ଥୀଙ୍କୁ ବିଭିନ୍ନ କୌଶଳ ବିକାଶ କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷଣ ଦିଆଯାଇଛି ।

# ଷ୍ଟାର୍ଟଅପ୍ ପ୍ରୋତ୍ସାହନ ପାଇଁ ଓଡ଼ିଶା ଷ୍ଟାର୍ଟଅପ୍ ଟାସ୍କ ଫୋର୍ସ ପକ୍ଷରୁ ୧.୫୩ କୋଟି ମଞ୍ଜୁର

ଭୁବନେଶ୍ୱର ,୨୭/୧୦ (ନି.ପ୍ର): ଷ୍ଟାର୍ଟଅପ୍ ଓଡ଼ିଶା ଟାସ୍କ ଫୋର୍ସ ରାଜ୍ୟରେ ଷ୍ଟାର୍ଟଅପ୍ ଇକୋସିଷ୍ଟମର ବିକାଶ ଦିଗରେ ୨୩ଟି ଷ୍ଟାର୍ଟଅପ୍ କୁ ୧.୫୩ କୋଟି ଟଙ୍କା ଏବଂ ୨ଟି ଇନକ୍ୟୁବେଟରକୁ ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଛି। ଓଡ଼ିଶା ଷ୍ଟାର୍ଟଅପ୍ ନୀତି ୨୦୧୬ ଅଧାରରେ ଷ୍ଟାର୍ଟଅପ୍ ଗୁଡ଼ିକୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବା ନିମନ୍ତେ ଏସିଏସ, ଏମ୍ଏସ୍ଏମ୍ଇ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ଏହି ପ୍ରୋତ୍ସାହନ ଷ୍ଟାର୍ଟଅପ୍ ଗୁଡ଼ିକୁ ସେମାନଙ୍କର ଉତ୍ପାଦର ବିକାଶ ଏବଂ ଏହାକୁ ବଜାରକୁ ନେବାରେ ସାହାଯ୍ୟ କରିବ କହିଥିଲେ । ଏଥି ସହିତ ଷ୍ଟାର୍ଟଅପ୍ ଓଡ଼ିଶାକୁ ଷ୍ଟାର୍ଟଅପ୍ ପର୍ଯ୍ୟନ୍ତ ବିସ୍ତାରିତ ଆର୍ଥିକ ସହାୟତା ସୁବିଧା ସଂଖ୍ୟା ୨୬୯କୁ ବୃଦ୍ଧି ପାଇଛି ବୋଲି ସେ ପ୍ରକାଶ କରିଥିଲେ । ଯେଁଉ ଷ୍ଟାର୍ଟଅପ୍ ଗୁଡ଼ିକ ଏହି ଅର୍ଥରୁ ଲାଭଦାୟକ ହେବେ ସେଗୁଡ଼ିକ ମଧ୍ୟରେ ଏୟୁୟୁଏମ୍ ପ୍ଲାଟଫର୍ମ ଯାହା ଏସଓ୍ୱାସନର ନାମକ ପିପିଇ କିଟ୍ ର ଏକ ଅଭିନବ ମଡେଲ୍ ଉପରେ କାର୍ଯ୍ୟ କରୁଛନ୍ତି, ସେହିଭଳି ଅମଳ ପରବର୍ତୀ ବୈଷୟିକ ଉପରେ କାର୍ଯ୍ୟ କରୁଥିବା ମାଟି ଫାର୍ମସ୍ ନାମକ ଷ୍ଟାର୍ଟଅପ୍ ? ଉତ୍ପାଦ ବିକାଶ ଏବଂ ମାର୍କେଟିଂ ସହାୟତା ଦିଗରେ ସରକାରଙ୍କଠାରୁ ଆର୍ଥିକ ସହାୟତା ପାଇଥିଲେ, ଓଡିକାଷ୍ଟ ଡିଜିଟାଲ୍ ଭାରତର ସର୍ବବୃହତ ସ୍ୱାସ୍ଥ୍ୟ ମିଡିଆ ନେଟଓ୍ୱାର୍କ ଉପରେ କାମ କରନ୍ତି, ଟିଏସ୍ ଓରିଜିନାଲ୍ସ ପିଭିଟି ଲିମିଟେଡ୍ ବିକାଶ ଉପରେ ଧ୍ୟାନ ଦେଇ ସ୍ୱଦେଶୀ, ସମସ୍ତ ହାତରେ ମିଶ୍ରିତ, ହର୍ବାଲ୍ ଚା ଉତ୍ପାଦନ କରନ୍ତି, କୋଡିଗେରାଓ ଇନନୋଭେଂଚର୍ସ ପ୍ରାଇଭେଟ୍ ଲିମିଟେଡ୍ ନାନୋପାର୍ଟିକାଲ୍ ସହିତ ଜୈବିକ ବ୍ୟବହାର କରି ସୂତା ଉତ୍ପାଦନ କରୁଛି, ମିଓର୍ଗ୩୬୦ ଇନୋଭେସନ୍ ପ୍ରାଇଭେଟ୍ ଲିମିଟେଡ୍ ଓ୍ୱାନ୍ ଷ୍ଟପ୍, ମାଗଣା କ୍ଲାଉଡ୍-ଆଧାରିତ ମାନବ ସମ୍ବଳ ସଫଟଓ୍ୱେୟାର ଯାହା ନିଯୁକ୍ତି, ଦକ୍ଷତା, ଅନୁପାଳନ, ବେତନ ଏବଂ ଅନ୍ୟାନ୍ୟ ସେବା ଯୋଗାଉଛି, କ୍ଲାଭିକଫର ଏକାଡେମୀ, ଶିକ୍ଷା ବୈଷୟିକ ଷ୍ଟାର୍ଟଅପ୍ ଏଆଇ-ଆଧାରିତ ପରାମର୍ଶ ଏବଂ ମାର୍ଗଦର୍ଶନ ପ୍ଲାଟଫର୍ମ ପ୍ରସ୍ତୁତ କରୁଛି । ଏହି ବୈଠକରେ ବିଭୁତି ଭୂଷଣ ଦାଶ, ସ୍ୱତନ୍ତ୍ର ସଚିବ, ଏମ୍ଏସ୍ଏମ୍ଇ ବିଭାଗ, ସାଦିକ୍ ଆଲାମ, ଶିଳ୍ପ ନିର୍ଦ୍ଦେଶକ, ଶ୍ରୀମତୀ ସ୍ମିତା ରାଉତ, ଅର୍ଥ ବିଭାଗର ଉପସଚିବ, ରଜେନ୍ ପାଢ଼ୀ, ୟୁସିସିଆଇ, ଜୟଶ୍ରୀ ମହାନ୍ତି, ଲୁମିନୌସ ଇନ୍‌ଫଓ୍ୱେସ, ଐଶକାନ୍ତ ମହାନ୍ତି, ଏମ୍‌ଡି, ତତଓ୍ୱା ଟେକ୍ନୋଲୋଜି, ଡକଫର ଏସ ଏମ ମୁସ୍ତାକିମ, ଆଇଏମଏମଟି ଭୁବନେଶ୍ୱର ଏବଂ ଡକ୍ଟର ସଂଯୁକ୍ତା ବଢ଼ାଇ, ଇଭାନ୍‌ଜେଲିଷ୍ଟ, ଷ୍ଟାର୍ଟଅପ୍ ଓଡ଼ିଶା ପ୍ରମୁଖ ଉପସ୍ଥିତ ଥିଲେ ।

# ଆଜି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ୫୦ ତଳେ : ୫ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର ,୨୭/୧୦ (ନି.ପ୍ର): ଆଜି ବି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ଶହେ ତଳେ ରହିଛି । ଗତକାଲି ୩୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୪୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୪ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୭ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୫ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୧୫ଟି ଜିଲ୍ଲାରୁ ୪୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି କଟକ ଜିଲ୍ଲାରୁ ସର୍ବାଧିକ ୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧, ବରଗଡ଼ ଜିଲ୍ଲାରୁ ୧, ବଲାଙ୍ଗୀରରୁ ୧, କଟକରୁ ୮ ଜଣ, ଜଗତସିଂହପୁରରୁ ୧, କଳାହାଣ୍ଡିରୁ ୨, କେଉଁଝରରୁ ୧, ଖୋର୍ଦ୍ଧା ଜିଲ୍ଲାରୁ ୪, କୋରାପୁଟରୁ ୨, ମୟୂରଭଞ୍ଜରୁ ୩, ନବରଙ୍ଗପୁରରୁ ୩, ପୁରୀରୁ ୩, ସମ୍ବଲପୁରରୁ ୨ ଜଣ, ସୋନପୁରରୁ ୧, ସୁନ୍ଦରଗଡ଼ରୁ ୭ ଜଣ ଓ ଷ୍ଟେଟପୁଲରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୩୬, ୦୦୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୩, ୨୬, ୪୧୦ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୩୩୪ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଆଚରଣ ବିଧି ଉଲଙ୍ଘନକାରୀ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ : ବିଜେପି

ଭୁବନେଶ୍ୱର ,୨୭/୧୦ (ନି.ପ୍ର): ଧାମନଗର ଉପନିର୍ବାଚନ ଆରମ୍ଭ ଦିନରୁ ବିଜୁ ଜନତା ଦଳ ଖୋଲାଖୋଲି ଭାବେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛନ୍ତି । ଧାମନଗର ଉପନିର୍ବାଚନ ପାଇଁ ଏସ୍ଏଚଜି ମହିଳା ଟଙ୍କା ବାଂଟିବା ଏବଂ ରାଧାବଲ୍ଲଭପୁରଠାରେ ଏକ କର୍ମୀ ସମ୍ମିଳନୀରେ ଗ୍ରାମଉନ୍ନୟନ ମନ୍ତ୍ରୀ ତଥା ବିଜେଡି ସାଂସଦଙ୍କ ଉପସ୍ଥିତିରେ ଯେଉଁ ପଂଚାୟତ ବିଜେଡିକୁ ଜିତାଇବ ସେହି ପଂଚାୟତକୁ କୋଟିଏ ଟଙ୍କା ପୁରସ୍କାର ଦେବା ପାଇଁ ଘୋଷଣା କରିଥିଲେ । ଏହି ୨ ଘଟଣାକୁ ନେଇ ତଥ୍ୟ, ପ୍ରମାଣ ସହ ପୂର୍ବରୁ ବିଜେପି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଥିଲା । ଯେଉଁମାନେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲଙ୍ଘନ କରି ଟଙ୍କା ବାଂଟୁଛନ୍ତି ବା ସାଧାରଣରେ ଲାଂଚ ଘୋଷଣା କରୁଛନ୍ତି ତାଙ୍କ ବିରୋଧରେ କେବଳ ଏଫଆଇଆର ଦେଲେ ହେବ ନାହିଁ ବରଂ ତାଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ବିଜେପି ଦାବି କରିଛି ।

ଧାମନଗର ନିର୍ବାଚନ ମଣ୍ଡଳୀର ୨୬ଟି ଅତି ସମ୍ବେଦନଶୀଳ ଓ ୮୭ ସମ୍ବେଦନଶୀଳ ଥିବା ବୁଥ୍ ତାଲିକା ଆଜି ସିଇଓଙ୍କୁ ବିଜେପି ଲିଖିତ ଅବଗତ କରିଛି । ଏହି ବୁଥ୍ ଗୁଡିକରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ସହ କେନ୍ଦ୍ରୀୟ ଫୋର୍ସ ମୁତୟନ କରି ଏକ ଅବାଧ ଓ ମୁକ୍ତ ନିର୍ବାଚନ କରାଇବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିବେଦନ କରିଥିବା ଡ. ଲେଖାଶ୍ରୀ କହିଛନ୍ତି । ସରକାରୀ ବେତନପ୍ରାପ୍ତ ରାଜ୍ୟ ରାଜକୋଷରୁ ଅର୍ଥ ଗ୍ରହଣ କରୁଥିବା ସ୍ଥାୟୀ ଓ ଠିକା କର୍ମଚାରୀ ଯେଉଁମାନେ କି ସେହି ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ନିର୍ବାଚନ ପରିଚାଳନା କାର୍ଯ୍ୟରୁ ଦୂରେଇ ରଖିବାକୁ ସିଇଓଙ୍କୁ ବିଜେପି ଦାବି କରିଛି । ସେହିପରି ଯେଉଁ ସରକାରୀ କର୍ମଚାରୀମାନେ ଦଳୀୟ କାର୍ଯ୍ୟକ୍ରମରେ ସମ୍ପୃକ୍ତ ହେଉଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡ. ଲେଖାଶ୍ରୀ ଦାବି କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶୀନି ପଟ୍ଟନାୟକ, ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ନିଯୁକ୍ତି ମେଳା

ଭୁବନେଶ୍ୱର ,୨୭/୧୦ (ନି.ପ୍ର): ବେକାର ଯୁବକଯୁବତୀଙ୍କ ପାଇଁ ଜାତୀୟ ଆଜୀବିକା ସେବା କେନ୍ଦ୍ର (ଏନ୍‌ସିଏସ୍‌ସିଡିଏ), ଭୁବନେଶ୍ୱର ତରଫରୁ ଏକ ନିଯୁକ୍ତି ମେଳାର ଆୟୋଜନ କରାଯାଇଛି । ସେଥିରେ ଆଂଶିକ ଭିନ୍ନକ୍ଷମମାନେ (୪୦%ରୁ କମ୍) ମଧ୍ୟ ଭାଗ ନେଇ ପାରିବେ । ଏହା ଶୁକ୍ରବାର ଏନ୍‌ସିଏସ୍‌ସିଡ଼ିଏ କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହେବ । ଏହି ନିଯୁକ୍ତି ମେଳାରେ ହାଉସ୍ କିପିଙ୍ଗ, ଗ୍ରାହକ ସେବା ଏକ୍‌ଜିକ୍ୟୁଟିଭ୍, ସେଲ୍ସ ଆସୋସିଏଟ୍, କିଚେନ ହେଲ୍‌ପର, ସୁପରଭାଇଜର, ଟେଲି ମାର୍କେଟିଂ ସହାୟକ ଆଦି ପ୍ରାୟ ୪୦୦ରୁ ଅଧିକ ପଦବିରେ ନିଯୁକ୍ତି ପାଇଁ ବିଭିନ୍ନ କମ୍ପାନି ଅଂଶଗ୍ରହଣ କରିବେ । ସମସ୍ତ ଚାକିରି ଆଶାୟୀ ପାର୍ଥୀ ନିଜ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ନକଲ, ଆଧାର କାର୍ଡ, ପାସ୍‌ପୋର୍ଟ ସାଇଜ୍ ଫଟୋ, ଭିନ୍ନକ୍ଷମ ହୋଇଥିଲେ ପ୍ରମାଣପତ୍ର ଏବଂ ବାୟୋଡାଟା ଇତ୍ୟାଦି ସହିତ ଏହି ଚାକିରି ମେଳାରେ ଯୋଗଦେବାକୁ ଅନୁରୋଧ କରାଯାଇଛି ।

# ଛେତ୍ ଗାଁ ଉଚ୍ଚବିଦ୍ୟାଳୟ ଏବଂ ଝିଟିକି ଗ୍ରାମ ପଂଚାୟତ ଉଚ୍ଚ ବିଦ୍ୟାଳୟର ରୂପାନ୍ତରୀକରଣ ପ୍ରକ୍ରିୟାର ଶୁଭାରମ୍ଭ

ଭୁବନେଶ୍ୱର ,୨୭/୧୦ (ନି.ପ୍ର): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ପଂଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ବରଗଡ଼ ଜିଲ୍ଲାର ପାଇକମାଳ ବ୍ଲକ୍ ର ଛେତଗାଁ, ଭୁବନେଶ୍ୱରପୁର, ଝିଟିକି ଗସ୍ତ କରି ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବା ସହିତ ଗ୍ରାମପଂଚାୟତ ହାଇସ୍କୁଲ ଛେତ୍ ଗାଁ, ଗ୍ରାମପଂଚାୟତ ଉଚ୍ଚବିଦ୍ୟାଳୟ, ଭୁବନେଶ୍ୱରପୁର ଏବଂ ଝିଟିକି ଗ୍ରାମପଂଚାୟତ ଉଚ୍ଚ ବିଦ୍ୟାଳୟକୁ ର ରୂପାନ୍ତରୀକରଣ ପ୍ରକ୍ରିୟାର ଶୁଭାରମ୍ଭ ନିମନ୍ତେ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଅମାତ କହିଥିଲେ ଯେ ପିଲାମାନେ ସ୍ମାର୍ଟ କ୍ଲାସ ରୁମ ରେ ପାଠ ପଢ଼ିବେ, ସମସ୍ତ ବିଦ୍ୟାଳୟରେ ଇଂଟରନେଟ୍ ର ବ୍ୟବସ୍ଥା, ବିଜ୍ଞାନଗାର ଓ ଇ-ଲାଇବ୍ରେରୀ ହେବ । ବ୍ଲାକ୍ ବୋର୍ଡ ବଦଳରେ ପିଲାମାନେ ସ୍ମାର୍ଟ ଇଂଟରଆକଟିଭ୍ ଫ୍ଲାଟ୍ ପାନେଲ୍ ବୋର୍ଡରେ ପଢ଼ିବେ । ଛାତ୍ରଛାତ୍ରୀମାନେ ଉନ୍ନତ ବୈଷୟିକ କୌଶଳଯୁକ୍ତ ଜ୍ଞାନ ଲାଭ କରି ରାଜ୍ୟ ତଥା ଦେଶର ପ୍ରଗତିରେ କର୍ଣ୍ଣଧାର ସାଜିବେ । ଶିକ୍ଷାର ଉନ୍ନତି ସହ ସମଗ୍ର ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଏହି ଦୂରଦୃଷ୍ଟିସଂପନ୍ନ ଚିନ୍ତାଧାରା ନିଶ୍ଚିତ ରୂପେ ପ୍ରଭାବଶାଳୀ ରୂପାନ୍ତରଣ ଆଣିବ ବୋଲି ମନ୍ତ୍ରୀ ଶ୍ରୀ ଅମାତ ପ୍ରକାଶ କରିଛନ୍ତି ।

# ସାର ଦର ବଢୁଛି, ପାଣିର ବିକଳ୍ପ ବ୍ୟବସ୍ଥା ନାହିଁ : ପଡିଆ ପଡିଛି ୪୦ ପ୍ରତିଶତ ଚାଷଜମି



ଖଇର,୨୭/୧୦(ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି କରୁଥିବା ନେଇ ଡିଣ୍ଡିମ ପିଟୁଛନ୍ତି । ହେଲେ ସେପଟେ ସାର ଓ କିଟନାଶକ ଦର ବର୍ଷକୁ ବର୍ଷ ହୁହୁ ହୋଇ ବଢୁଛି । ଜଳସେଚନ ବ୍ୟବସ୍ଥା ନଥିବାରୁ ଚାଷୀ ଠିକ ସମୟରେ ରୁଆ ପୋତା କାର୍ଯ୍ୟ କରି ପାରୁଛି । ୫୦ରୁ ଅଧୀକ ଉଠାଜଳସେଚନ ଓ ବରୋୱେଲ ଅକାମୀ ହୋଇ ପଡିଛି । ବିଳମ୍ବରେ ଚାଷ ଆରମ୍ଭ ପାଇଁ ଅମଳ ମଧ୍ୟ ଯଥେଷ୍ଟ କମିଯାଉଛି । ବଜାର ଦର ଯାହା ଚାଷ ଖର୍ଚ୍ଚ ମଧ୍ୟ ଭରଣା ହେଉନି । ଏଭଳି ପ୍ରତିକୁଳ ପରିସ୍ଥିତି ପାଇଁ ଖଇରା ବ୍ଲକର ୩୦ ପଞ୍ଚାୟତରେ ଚଳିତ ବର୍ଷ ୪୦ଭାଗ ଜମି ପଡିଆ ପଡିଥିବାର କୁହାଯାଉଛି । ସରକାର ବେଳହୁଁ ସାବଧାନ ନହେଲେ ଆଗକୁ ଅଧୀକ ଜମି ପଡିଆ ପଡିବା ସହ ଦାଦନ ଶ୍ରମିକଙ୍କ ସଂଖ୍ୟା ମଧ୍ୟ ଯଥେଷ୍ଟ ବଢିବ ଏଥିରେ ସମ୍ଭାବନା ନାହିଁ । ପ୍ରକାଶ ଯେ ଖରିଫ ଋତୁରେ ଧାନ ଚାଷ ହେଉଥିବା ମୋଟ ୧୯ହଜାର ୪୦୦ ହେକ୍ଟର ଚାଷ ଜମି ମଧ୍ୟରୁ ଅନ୍ୟୁନ ୧୨ହଜାର ହେକ୍ଟର ଚାଷ ଜମି ରେ ଚାଷୀ ମୌସୁମୀ ଓ ଲଘୁଚାପ ଉପରେ ନିର୍ଭର କରିଥାନ୍ତି । ବ୍ଲକର ସାରଡାଙ୍ଗ, ନନ୍ଦୁରୁ, ମହତୀପୁର, ଗୋବିନ୍ଦପୁର, କୁରୁଣ୍ଟା, ଖଇରା, ନୟାଖଣ୍ଡି, ଶ୍ୟାମସୁନ୍ଦରପୁର, ଅଚ୍ୟୁତପୁର, ମାଖନପୁର, ଗଗନଧୂଳି, ଡଗରପଡା, ଡାଲଙ୍ଗ, ସାରୁଗାଁ, ସୁଣ୍ଡିରା, ଗଡପୋଖରୀ, କୁପାରୀ, କଇଥଗଡିଆ, ପଳସା, ଗୋଳିହା, ସାରକୋଣା ଇତ୍ୟାଦି ପଞ୍ଚାୟତ ଗୁଡିକରେ ଜଳସେଚନ ବ୍ୟବସ୍ଥା ନଥିବା କାରଣରୁ ବର୍ଷା ଏବଂ କାଁଭାଁ ଉଠାଜଳସେଚନ ଉପରେ ନିର୍ଭର କରିଥାନାନ୍ତି । ହେଲେ ଗତ ବର୍ଷ ମୌସୁମୀ ଓ ଲଘୁଚାପ ବର୍ଷା ଧୋକା ଦେଲା । ବହୁ ବିଳମ୍ବରେ ବର୍ଷା ଯୋଗୁଁ ବହୁ ଚାଷୀ ବିଲକୁ ଯାଇନଥିଲେ । ଯେଉଁ ମାନେ ଚାଷକଲେ ଏକରରେ ୧୦ରୁ ୧୨କୁଇଣ୍ଟାଲ ଧାନ ମିଳିଲା । ଯେଉଁ କାରଣରୁ ଚଳିତ ବର୍ଷ ବ୍ଲକରେ ପାଖାପାଖି ୪ହଜାର ୮ଶହ ହେକ୍ଟର ଜମି ପଡିଆ ପଡିଛି । ବାହାର ଦଲାଲ ମାନଙ୍କ ଠାରୁ ଯାହା ମିଳିଲା ତାହା ଅଧାଖର୍ଚ୍ଚବି ଭରଣା ହେଲାନି ବୋଲି ଚାଷୀ ପ୍ରଶାନ୍ତ କୁମାର ରାଉତ କହିଛନ୍ତି । ହେଲେ ଚଳିତ ବର୍ଷ ମଧ୍ୟ ଆଉରି ଅବସ୍ଥା ସାଂଘାତିକ । ସାର ଦର ୨ଗୁଣା ହେବା ତାହା ପୁଣି ବଜାରରେ ଉପଲବ୍ଧ ନହେବା, ଉଠା ଜଳସେଚନ ଅକାମୀ ହୋଇ ରହିବା, ଘରୋଇ ଏଜେନ୍ସି ଏବଂ ସମବାୟ ସମିତି ମାଧ୍ୟମରେ ଦିଆଯାଉଥିବା ବିହନ ଠିକଭାବେ ଗଜା ନ ହେବା, ଷଣ୍ଢଙ୍କ ପ୍ରାଦୁର୍ଭାବ, ଆମ୍ବହତା କେନାଲ ଅସମ୍ପୂର୍ଣ୍ଣ ଯୋଗୁଁ ପାଣି ନଆସିବା ଭଳି କାରଣ ଯୋଗୁଁ ବହୁ ଚାଷୀ ଚାଷରୁ ମୁହଁ ଫେରାଇ ନେଇଥିବା ଗନ୍ଧାଳି ଗ୍ରାମର ସଞ୍ଜୟ ବେହେରା କହିଛନ୍ତି ।ଠିକ ସମୟରେ ବର୍ଷା ନହେବା ତଥା ତଳି ଗଜା ନହେବା ଯୋଗୁଁ ଏଥର ଚାଷ ଜମି ପଡିଆ ପଡିଥିବା ନେଇ ଦିଘି ତେନ୍ତୁଳି ଗ୍ରାମର ନିର୍ମଳ ପାଢୀ ଓ ପୁରୁଷ୍ତମ ଦାସ କହିଛନ୍ତି । ଏ ସମ୍ପର୍କରେ ବ୍ଲକ ସହକାରୀ କୃଷି ଅଧିକାରୀ ସରୋଜ କୁମାର ଜେନାଙ୍କ ମତାମତ ନେବାରେ ସେ ସବୁ ପଞ୍ଚାୟତରୁ ରିପୋର୍ଟ ଆଣିବା ପରେ କେତେ ପଡିଆ ପଡିଛି ତାର ଆକଳନ କରାଯାଇ ପାରିବ ବୋଲି କହିଛନ୍ତି ।

## ଉତ୍ପନ୍ନ ଚାଷ ନଷ୍ଟ କରି ୩୩ କେଭିଏ ବିଦ୍ୟୁତ୍ ଖୁଣ୍ଟ ବସାଇବାକୁ ନେଇ ବିରୋଧ : କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର,୨୭/୧୦(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସେକ ସରାଇ ଗ୍ରାମର ସୁଧାଂଶୁ ମାଇତିଙ୍କ ଅଜାଣତରେ ତାଙ୍କ ଚାଷ ଜମିରେ ୩୩ କେଭିଏ ବିଦ୍ୟୁ ଖୁଣ୍ଟ ପୋତିବାକୁ ନେଇ ଅଭିଯୋଗ କରିଛନ୍ତି । ଗତ ୧୫ ତାରିଖରେ ତାଙ୍କ ଅନୁପସ୍ଥିତିରେ ଚାଷ ହୋଇଥିବା ଓଲଗଛ କାଟି ଟାୱାର ବସାଯାଇଥିବାରୁ ସେ ଏହାକୁ ବିରୋଧ କରି ବିଦ୍ୟୁତ୍ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ତାଙ୍କ ଚାଷ ଜମିରେ ବିଦ୍ୟୁତ୍ ଖଣ୍ଟ ପୋତାଯିବାର ଜାଣି ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିବାରୁ ଉପସ୍ଥିତ ଜନୈକ କର୍ମଚାରୀ ଶିବ ନାରାୟଣ ପାଣିଗ୍ରାହୀ ତାଙ୍କୁ କଟୁ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି । ଚାଷର କ୍ଷତି ଦାବି କରିବା ସହିତ ବିଦ୍ୟୁତ୍ ଖୁଣ୍ଟ ଅପସାରଣ କରିବାକୁ ସେ ଦାବି କରିଛନ୍ତି ।

## ବସ୍ତା ବିଜେଡିରେ ଫାଟ : ଦଳଛାଡିଲେ ନାଏବ ସରପଞ୍ଚ

ବସ୍ତା,୨୭/୧୦(ନି.ପ୍ର): ବସ୍ତା ନିର୍ବାଚନମଣ୍ଡଳୀ ବିଜେଡିର ଦୁର୍ଗ କହିଲେ ଅତୃପ୍ତି ହେବନାହିଁ । କ୍ରମାନ୍ୱୟରେ ବିଜେଡି ଦଳ ପ୍ରତିଆରା ଜାହିରକରି ଆସୁଥିବାବେଳେ ଏବେ ଦଳର ମଧ୍ୟରେ ଫାଟ ଦେଖିବାକୁ ମିଳୁଛି ।ଘଟଣାରୁ ପ୍ରକାଶ ଯେ ଗଡପଦା ପଞ୍ଚାୟତ ନାଏବ ସରପଞ୍ଚ ମନୋରଞ୍ଜନ ପାଣିଗ୍ରାହୀ (କଟିବାବୁ) ଦଳରୁ ଇସ୍ତଫା ଦେଇଛନ୍ତି ବୋଲି ସବୁଠି ଚର୍ଚ୍ଚା ଯୋରଧରିଛି । ପ୍ରକାଶଥାଉକି ପଞ୍ଚାୟତ ସଭାପତି ଓ ସମିତିସଭ୍ୟ ବ୍ୟକ୍ତିଗତ ସ୍ୱାର୍ଥ ସାଙ୍ଗକୁ ମନମୁଖି କାର୍ଯ୍ୟକୁ ବିରୋଧ କରି ଇସ୍ତଫା ଦେଇଛନ୍ତି । ଉକ୍ତ ଇସ୍ତଫା ପତ୍ର ବକ୍ଲ ସଭାପତି ଅନିଲ କୁମାର ମାହାନ୍ତି ଗଡପଦା ପଞ୍ଚାୟତ ର ସଭାପତି ନାରାୟଣ ନାୟକଙ୍କୁ ଗତ ୧୯ତାରିଖରେ ଦେଇଥିବା ସେକହିଛନ୍ତି । ତାଙ୍କ ଇସ୍ତଫା ଦେବାଫଳରେ ବିଜେଡିର ବଡ ଧରଣର କ୍ଷେତି ହେବାର ଆଶଙ୍କା ଉପୁଜିଛି । ଏସମ୍ପର୍କ ରେ ତାଙ୍କୁ ପଚାରିବାରୁ ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ଅଣଦେଖା କରାଯାଉଛି । ପୁଣି ପଞ୍ଚାୟତ ବାସୀଙ୍କ ସ୍ୱାର୍ଥ କୁ ଅଣଦେଖାକରି ନିଜ ସ୍ୱାର୍ଥ ଦେଖିବା ନିଜେ କିପରି ପଇସା କମେଇବା ଲୋକଙ୍କ ସ୍ୱାର୍ଥ ତୁଳିକିଯାଉ ନିଜ ପକେଟ କିପରି ବଢିବ ସେ ହି ଧନ୍ଦା ରେ ଲାଗିପଡିଛନ୍ତି ଏପରି ଜଦି ଚାଲିବ ଆଗାମି ଦିନରେ ବହୁ ବିଜେଡି କର୍ମୀ ଦଳ ଛାଡିବେ ବୋଲି ତାଙ୍କ ପ୍ରତିକ୍ରିୟା କହିଛନ୍ତି ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପରିପ୍ରେକ୍ଷୀରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା



ବାରିପଦା,୨୭/୧୦(ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପରିପ୍ରେକ୍ଷୀରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଓଡିଆ ଇଂରାଜୀ ବିଭାଗରେ ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ତଥା ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । "ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତି ମୁକ୍ତ ଭାରତ" ବିଷୟ ବସ୍ତୁ ଉପରେ ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ବକ୍ତବ୍ୟ ପ୍ରଦାନ ସହ ସୁନ୍ଦର ଚିତ୍ର ପ୍ରସ୍ତୁତ କରିଥିଲେ । ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର, ଏମ୍‌କେସି ହାଇସ୍କୁଲର ଶିକ୍ଷକ ବୁଦ୍ଧିରାମ ସିଂ, କେନ୍ଦୁଆ ହାଇସ୍କୁଲର ଶିକ୍ଷୟିତ୍ରୀ ସୁଲେଖା ସାହୁ, ଓଡିଆ ଆଦର୍ଶ ବିଦ୍ୟାଳୟ ରାଣୀଭୋଳର ଶିକ୍ଷୟିତ୍ରୀ ସୋନାଲି ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଳନା କରିଥିବା ବେଳେ ପ୍ରବୀର କୁମାର ବେହେରା ସହଯୋଗ କରିଥିଲେ । ଓଡିଆ ବକ୍ତୃତା ପ୍ରତିଯୋଗିତାରେ ଏମକେସି ହାଇସ୍କୁଲ, ବାରିପଦାର ଛାତ୍ର ଶୁଭଙ୍କର ବେହେରା ପ୍ରଥମ, କମଳାନେହେରୁ ସରକାରୀ ବାଳିକା ବିଦ୍ୟାଳୟ, ବାରିପଦାର ନିମିଷା ବେହେରା ଦ୍ୱିତୀୟ, ଶାନ୍ତିନିକେତନ ହାଇସ୍କୁଲ, ବାହାନଡା (ଖୁଣ୍ଟା ବ୍ଲକ)ର ଜ୍ୟୋତିର୍ମୟୀ ସୋରେନ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ସେଣ୍ଟମେରୀ କନଭେଣ୍ଟ ସ୍କୁଲ, ବାରିପଦାର ସ୍ମୃତି ସଞ୍ଚିତା ଦାଶ ପ୍ରଥମ, ଓଡିଆ ଆଦର୍ଶ ବିଦ୍ୟାଳୟ, ଶୀର୍ଷାର ଛାତ୍ରୀ ନିକୁଞ୍ଜ ବାସୁରୀ ଦ୍ୱିତୀୟ ଓ ଓଡିଆ ଆଦର୍ଶ ବିଦ୍ୟାଳୟ, ରାଣୀଭୋଳର ଛାତ୍ର ସାଇକ୍ରିଷ୍ଣ ନ୍ଦ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଚିତ୍ରାଙ୍କନ ପ୍ରତିଯୋଗିତାରେ ଓଡିଆ ଆଦର୍ଶ ବିଦ୍ୟାଳୟ, ଶୀର୍ଷାର ଛାତ୍ରୀ ପ୍ରିୟଙ୍କା ଗିରି ପ୍ରଥମ, ସେଣ୍ଟମେରୀ କନଭେଣ୍ଟ ସ୍କୁଲ ବାରିପଦାର ରାଜବାଦଲ କିସ୍କୁ ଦ୍ୱିତୀୟ, ଓଡିଆ ଆଦର୍ଶ ବିଦ୍ୟାଳୟ, ରାଣୀଭୋଳର ଗୋବିନ୍ଦ ମାଝୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥୀ ମଲ୍ଲିକ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

# ସିଂଲାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବତିଶ ବେଶ

ବସ୍ତା,୨୭/୧୦(ନି.ପ୍ର): ସିଂଲା ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ସିଂଲା ନୃତ୍ୟ ମହୋତ୍ସବ ଏବଂ ମହାପ୍ରଭୁଙ୍କ ୩୨ ବେଶ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ମହୋତ୍ସବ କମିଟିର ସଭାପତି ଜୟନ୍ତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଯାଇଛି । ଏହି ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ଆସନ୍ତା ପହିଲା ରୁ ଆରମ୍ଭ ହୋଇ ଆଠ ତାରିଖ ରେ ଉଦଯାପନ ହେବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମର ଆରମ୍ଭରେ ପୁରୀ ଶ୍ରୀକ୍ଷେତ୍ର ରୁ ଆଜ୍ଞା ମାଳ ଆସିବା ସହିତ ଶୁଭ କଳସ ଯାତ୍ରା, ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦୁର୍ଲ୍ଲଭ ବତ୍ରିଶ ବେଶ ପ୍ରଦର୍ଶନ, ୫୬ ଭୋଗ, ବାଇଶି ପାହାଚ, ସିଂହ ଦ୍ୱାର, ଗରୁଡ଼ ସ୍ତମ୍ଭ, ପାର୍ଶ୍ୱ ଦେବାଦେବୀଙ୍କ ମୃଣ୍ମୟ ମୂର୍ତ୍ତି, ଯଜ୍ଞାଦି କାର୍ଯ୍ୟକ୍ରମ, ନାମ ସଙ୍କୀର୍ତ୍ତନ, ଅନ୍ନ ମହୋତ୍ସବ, ଗ୍ରାମୀଣ ମେଳା, ମନୋରମ ସାଜସଜ୍ଜା, ସୁସଜ୍ଜିତ ଆଲୋକ ମାଳା, ପ୍ରବଚନ, ଭଜନ ସନ୍ଧ୍ୟା ଓ ନୃତ୍ୟ ଭିତ୍ତିକ କାର୍ଯ୍ୟକ୍ରମ ସିଂଲା ନୃତ୍ୟ ମହୋତ୍ସବ ଇତ୍ୟାଦି କାର୍ଯକ୍ରମ ମାନ ଅନୁଷ୍ଠିତ ହେବ । ଏହି ବୈଠକରେ କମିଟିର ସମ୍ପାଦକ କମଳାକାନ୍ତ ଅଣ୍ଡିଆ, ଉପଦେଷ୍ଟା ବରେନ୍ଦ୍ର ଦାଶ, ପ୍ରିୟବ୍ରତ ପଣ୍ଡା, ପ୍ରଧାନ ସେବକ ରବି ନାରାୟଣ ଗିରି, ମହା ସଚିବ ମନୋରଞ୍ଜନ ଗିରି, ଉପସଭାପତି ପ୍ରାଣକୃଷ୍ଣ ପ୍ରଧାନ ଏବଂ ସହ ସମ୍ପାଦକ ନିରଂଜନ ବେହେରା, ସଂଗଠନ ସମ୍ପାଦକ ହେମନ୍ତ କୁମାର ମିଶ୍ରଙ୍କ ସମେତ ସଦସ୍ୟ ହରିଶ୍ଚନ୍ଦ୍ର କଇ, ଶୁଭଙ୍କର ମିଶ୍ର, ମୃତ୍ୟୁଞ୍ଜୟ ନନ୍ଦ, ସୁବ୍ରତ କୁମାର ସାହୁ, ବଂଶୀଧର ଜେନା, ଗଙ୍ଗାଧର ଦାସ, ଗଙ୍ଗାଧର ସାହୁ, ସୁଶାନ୍ତ କୁମାର ମିଶ୍ର, ଧରଣୀଧର ମଣ୍ଡଳ, ନିରଞ୍ଜନ ସାହୁ, ଭାଗବତ ମହାନ୍ତି, ଗୌରାଙ୍ଗ ନାୟକ, ଆଦିକନ୍ଦ ମହାପାତ୍ର, ତପନ କୁମାର ନନ୍ଦ, ରଘୁନାଥ ସାହୁ, ସୁଧାଂଶୁ ସାହୁ, ମନ୍ମଥ କୁମାର ଦାଶ, ଚିତ୍ତରଞ୍ଜନ ଦାଶ, ନରେନ୍ଦ୍ର ସାହୁ ଓ ସଞ୍ଜିବ ଦଳାଇ ଇତ୍ୟାଦି ଉପସ୍ଥିତ ଥିଲେ ।

## ରାଜ୍ୟରେ ନୂଆ ୪୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୭/୧୦(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୬୦୦୦ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୪୧ ଆକ୍ରାନ୍ତଙ୍କ ମଧ୍ୟରୁ ୨୪ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୧୭ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୭୫ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୬୪୧୦ ରେ ପହଂଚିଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୩୪ ରହିଛି । ରାଜ୍ୟରେ ନୂଆ ଚିହ୍ନଟ ହୋଇଥିବା ୪୧ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୧, ବରଗଡ଼ ଜିଲ୍ଲାରେ ୧, ବଲାଙ୍ଗିର ଜିଲ୍ଲାରେ ୧, କଟକ ଜିଲ୍ଲାରେ ୮, ଜଗତସିଂହପୁର ଜିଲ୍ଲାରେ ୧, କଳାହାଣ୍ଡି ଜିଲ୍ଲାରେ ୨, କେନ୍ଦୁଝର ଜିଲ୍ଲାରେ ୧ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୨, ମୟୂରଭଞ୍ଜ ଜିଲ୍ଲାରେ ୩, ନବରଙ୍ଗପୁର ଜିଲ୍ଲାରେ ୩, ପୁରୀ ଜିଲ୍ଲାରେ ୩, ସମ୍ବଲପୁର ଜିଲ୍ଲାରେ ୨, ସୋନପୁର ଜିଲ୍ଲାରେ ୧, ସୁନ୍ଦରଗଡ଼ ଜିଲ୍ଲାରେ ୭ ଓ ଷ୍ଟେଟ ପୁଲରେ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଟୁରିଷ୍ଟ ବସ୍‌ରୁ ରାଜପଥରେ ଚାନ୍ଦା ଆଦାୟ ଘଟଣା : ଅଭିଯୁକ୍ତ ଗିରଫ ନହେଲେ ଆନ୍ଦୋଳନ



ଜଳେଶ୍ୱର,୨୭/୧୦(ନି.ପ୍ର): ୬୦ ନଂ ଜାତୀୟ ରାଜପଥରେ ଟୁଲ ପ୍ଲାଜାଠାରେ ଏକ ଟୁରିଷ୍ଟ ବସ୍‌କୁ ଅଟକାଇ ଚାନ୍ଦା ଆଦାୟ କରିବା ଯୋଗୁଁ ଦୁର୍ଘଟଣା ଘଟି ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଳେଶ୍ୱର ପୁଲିସ୍ ଅଦ୍ୟାବଧି ଚାନ୍ଦା ଆଦାୟକାରୀଙ୍କୁ ଗିରଫ କରିନଥିବାରୁ ନ୍ୟାୟ ପାଇଁ ବିଜେପି ପକ୍ଷରୁ ଥାନା ଅଧିକାରୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ଘଟଣାରୁ ପ୍ରକାଶ ଗତ ୧୩ ତାରିଖରେ ପଶ୍ଚିମବଂଗର ବିରଭୂମଠାରୁ ପୁରୀ ଜଗନ୍ନାଥ ଧାମ ଅଭିମୁଖେ ଯାଉଥିବା ଡବ୍ଲୁବିଥ୍‌୩-୭୭୫୯ ଟୁରିଷ୍ଟ ବସ୍ ଭୋର ସମୟରେ ଲକ୍ଷ୍ମଣନାଥ ଟୋଲ ପ୍ଲାଜା ନିକଟରେ ପହଞ୍ଚିଥିଲା । ନିକଟସ୍ଥ ଏକ ଭଡାଘରୁ ୫/୬ଜଣ ଯୁବକ ଚାନ୍ଦା ଆଦାୟ କରିବା ପାଇଁ ଦୌଡି ଆସି ବସ୍ ଆଗରେ ଛିଡା ହୋଇଥିଲେ । ବସ୍ ଡ୍ରାଇଭର ହଠାତ୍ ବ୍ରେକ୍ ଦେବାରୁ ପଛରୁ ଆସୁଥିବା ଓଡି୦୨ଏଏସ୍-୦୫୬୯ କଣ୍ଟେନର ବସ୍‌ର ପଛକୁ ଧକ୍କା ଦେଇଥିଲା । ଏଥିରେ ଜଣେ ବସ୍ ଯାତ୍ରୀ ଓ କଣ୍ଟେନର ଡ୍ରାଇଭର ମୃତ୍ୟୁବରଣ କରିଥିଲେ । ଏଥିରେ ୧୫ଜଣ ଯାତ୍ରୀ ଗୁରୁତର ହୋଇ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହୋଇଥିଲେ । ଏବେ ଘଟଣାରୁ ୧୫ଦିନ ଘଟିଥିଲେ ମଧ୍ୟ ଅଦ୍ୟାବଧି ପୁଲିସ୍ ଚାନ୍ଦା ଆଦାୟକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଅନ୍ୟ ପକ୍ଷରେ ଟୋଲ ପ୍ଲାଜାରେ ଲାଗି ଥିବା ସିସି କ୍ୟାମେରାରେ କଏଦ ହୋଇଥିବା ଏହି ଯୁବକମାନଙ୍କର ଫଟୋ ରହିଛି । ପୁଲିସ୍ ଜାଣିଶୁଣି ଏହି ଚାନ୍ଦା ଆଦାୟକାରୀଙ୍କୁ ପରୋକ୍ଷରେ ସହାୟତା କରୁଥିବା ବିଜେପି ପକ୍ଷରୁ ଅଭିଯୋଗ ହୋଇଛି । ଆଜି ବିଜେପି ପକ୍ଷରୁ ଫାଲଗୁନୀ ପାଣିଗ୍ରାହୀ, ଅରୁଣ ବେଜ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ସାବିତ୍ରୀ ଜେନା, ଜଗନ୍ନାଥ ଗୋଚ୍ଛାୟତ, ସୁମତି ରଣା ପ୍ରମୁଖ ଜଳେଶ୍ୱର ଥାନା ଅଧିକାରୀ ରୋଜାଲିନ୍ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ଆସନ୍ତା ୧୫ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାନଗଲେ ଥାନା ଘେରାଓ କରାଯିବ ବୋଲି ଚେତାବନି ଦେଇଛନ୍ତି । ପ୍ରକାଶଯୋଗ୍ୟ ଏହି ଚାନ୍ଦା ଆଦାୟକାରମାନେ ଅଭିନବ ଉପାୟରେ ବେଙ୍ଗଲ ବୋର୍ଡର ଠାରୁ ନନ୍ଦିକା ବାଇପାସ୍ ମଧ୍ୟରେ ମୋଟର ସାଇକେଲ ଯୋଗେ ଗାଡି ଗୁଡିକୁ ପିଛାକରି ସଂଘବଦ୍ଧଭାବେ ଚାନ୍ଦା ଆଦାୟ କରୁଥିବା ଦେଖିବାକୁ ମିଳୁଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଧର୍ମକୁ ନେଇ ରାଜନୀତି ! ଟାର୍ଗେଟରେ....

ନେତା ବ୍ରିନ୍ଦା କରାଟେ ଏହା ଉପରେ ମୁହଁ ଖୋଲିଛନ୍ତି । ନୋଟ ରାଜନୀତିକୁ ନେଇ ବ୍ରିନ୍ଦା କହିଛନ୍ତି, ଏମାନେ ସବୁ ଧର୍ମର ମଜାକ ଉଡ଼ାଉଛନ୍ତି । ଧର୍ମକୁ ଅସ୍ତ୍ର କରି ରାଜନୀତି ଆରମ୍ଭ କରିଛନ୍ତି । କେଜ୍ରିୱାଲ ପୂର୍ବରୁ ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ଉପରେ ଗୁରୁତ୍ୱ ଦେବା କଥା କହୁଥିବାବେଳେ ଏବେ ହିନ୍ଦୁ ଦେବାଦେବୀଙ୍କୁ ନେଇ ରାଜନୀତି କରୁଛନ୍ତି । ବିଜେପି ମଧ ଧର୍ମକୁ ଅସ୍ତ୍ର କରି ଯେଉଁ ରାଜନୀତି କରୁଛି, ତାହା ସମସ୍ତେ ବୁଝିପାରୁଛନ୍ତି । ଭାରତୀୟ ନୋଟକୁ ନେଇ ଚାଲିଥିବା ରାଜନୀତି ଧିରେ ଧିରେ ତୀବ୍ର ହେଉଛି । ଆଗକୁ ଗୁଜରାଟରେ ବିଧାନସଭା ନିର୍ବାଚନ ଥିବାରୁ କେଜ୍ରିୱାଲ ଏପରି ଗୋଟିଚାଳନା କରୁଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି । ତା'ଛଡ଼ା ଏହି ନୋଟ୍ ରାଜନୀତି ଆଗକୁ କେଉଁ ମୋଡ଼ ନେଉଛି, ତାହା ଦେଖିବାକୁ ବାକି ରହିଲା ।

## ସୂର୍ଯ୍ୟବଂଶୀ ସୂରଜଙ୍କ ପାଇଁ ....

ସେହିଭଳି ବୈତରଣୀରେ ଭଦ୍ରକବାସୀଙ୍କୁ ବନ୍ୟା ମୁହଁକୁ ଠେଲି ଦେଇ ଯାଜପୁର ଜିଲ୍ଲାର ନଦୀବନ୍ଧକୁ ସଶକ୍ତ କରିଥିବା ବିଜେଡି ନେତାମାନଙ୍କୁ ଏବେ ଧାମନଗରବାସୀ ଉଚିତ୍ ଜବାବ ଦେବେ । କାଂପଡା ପଂଚାୟତରେ ବିଜେଡି ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ଲୋକମାନେ ଡାଲିଚୋର କହିଥିବା ପ୍ରସଙ୍ଗରେ ସାମ୍ବାଦିକମାନଙ୍କର ଏକ ପ୍ରଶ୍ନର ଉତରରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ବିଜୁ ଜନତା ଦଳ ଭାବିଥିଲା ଲୋକମାନେ ପ୍ରମିଳା ମଲ୍ଲିକଙ୍କର ଦୁର୍ନୀତିକୁ ବୋଧହୁଏ ଭୁଲିଗଲେଣି । ଯେଉଁ ମୁଖ୍ୟମନ୍ତ୍ରୀ ଦିନେ ପ୍ରମିଳା ମଲ୍ଲିକଙ୍କୁ ଦୁର୍ନୀତି ଅଭିଯୋଗରେ ସରକାରରୁ ବାହାର କରିଥିଲେ ଆଜି ସେହି ମୁଖ୍ୟମନ୍ତ୍ରୀ ପୁଣି ତାଙ୍କୁ ମନ୍ତ୍ରୀ କରି ଧାମନଗର ଉପନିର୍ବାଚନ ପ୍ରଚାରର ଦାୟିତ୍ୱ ଦେଇଛନ୍ତି । ଯେଉଁ ପ୍ରମିଳା ମଲ୍ଲିକ ଦିନେ ଛୋଟ ଶିଶୁମାନଙ୍କର ଡାଲିକୁ ହଡପ କରି ନିମ୍ନମାନର ଡାଲି ଯୋଗାଇ ଓଡିଶାର ଶିଶୁମାନଙ୍କୁ ରୋଗଗ୍ରସ୍ତ କରାଇଥିଲେ ସେଭଳି ନେତ୍ରୀଙ୍କୁ ଧାମନଗରର ସଚେତନ ନାଗରିକମାନେ ସହିବେ କେମିତି ? ଆଜି ଧାମନଗର ଉପନିର୍ବାଚନରେ ଦୁର୍ନୀତିକୁ କେବଳ ବିଜେପି ନୁହେଁ ବଂର ସାଧାରଣ ଲୋକମାନେ ଏକ ପ୍ରସଙ୍ଗ କରିସାରିଛନ୍ତି । ଜଣେ ସରକାରୀ କର୍ମଚାରୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ବିଜୁ ଜନତା ଦଳ ସପକ୍ଷରେ ଭୋଟ ଦେବା ପାଇଁ ଟଙ୍କା ବାଂଟୁଥିବାର ଭିଡିଓ ଭାଇରାଲ ହୋଇଥିଲା । ଏହି ପ୍ରସଙ୍ଗରେ ଭାରତୀୟ ଜନତା ପାର୍ଟି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଥିଲା । ହେଲେ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଜିଲ୍ଲାପାଳ ଏହି ପ୍ରସଙ୍ଗରେ ଏହାର ପ୍ରମାଣ ଲୋଡିଥିଲେ । ପରେ ଭାରତୀୟ ଜନତା ପାର୍ଟି ତରଫରୁ ଏହାର ପ୍ରମାଣ ଦିଆଯାଇଥିଲା । ଯାହାଫଳରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଟଙ୍କା ବାଂଟୁଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ମୋକଦ୍ଦମା ରୁଜୁକରିବା ପାଇଁ ପଡିଥିଲା । ହେଲେ କାହିଁକି ଜିଲ୍ଲାପାଳ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ନିଲମ୍ବନ କରୁନାହାନ୍ତି ତାହା ଏକ ବଡ ପ୍ରଶ୍ନ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

## ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ....

ଯଦି କୌଣସି ପ୍ରକାରର ବେଆଇନ୍ କାମ ଯଥା ଭୋଟରଙ୍କୁ ଟଙ୍କା ବାଂଟିବା ବା ଧମକଚମକ ଦେଇ ଭୋଟ ଦେବା ପାଇଁ ବାଧ କରିବା ଇତ୍ୟାଦି କାର୍ଯ୍ୟ ହେଉଥାଏ ତାହାହେଲେ ନାଗରିକମାନେ ନିଜ ମୋବାଇଲ୍ ମାଧ୍ୟମରେ ଭିଡ଼ିଓ ଚିତ୍ର ଉତୋଳନ କରି ସଂପୃକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇଲେ ୧୦୦ ମିନିଟ୍ ମଧ୍ୟରେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ଏଥିପାଇଁ ସି-ଭିଜିଲ୍ ନାମକ ଏକ ମୋବାଇଲ୍ ଆପ୍ ର ପ୍ରଚଳନ କରାଯାଇଛି । ବର୍ତମାନ ସୁଦ୍ଧା ସି-ଭିଜିଲ ଆପ ଜରିଆରେ ୬ଟି ଅଭିଯୋଗ ଆସିଛି । ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଲୋହାନୀ କହିଛନ୍ତି ନିର୍ବାଚନ ସମୟରେ ବେଆଇନ କାର୍ଯ୍ୟ ଯଥା ଭୋଟରମାନଙ୍କୁ ଟଙ୍କା ଦେଇ ଭୋଟଦେବା ପାଇଁ ପ୍ରବର୍ତାଇବା କିମ୍ବା ଭୋଟରଙ୍କୁ ନିୟମିତ ଭୟଭୀତ କରାଇ ଭୋଟଦେବା ପାଇଁ ବାଧ କରିବା ହେଉଛି ଜଘନ୍ୟ ଅପରାଧ । ଏସବୁ କାର୍ଯ୍ୟରେ ଯେକୌଣସି ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳର କର୍ମକର୍ତା କିମ୍ବା ପ୍ରାର୍ଥୀ, ଯେକେହି ବି ଏଥିରେ ସଂପୃକ୍ତ ଥିବାର ପ୍ରମାଣ ମିଳିଲେ ସେମାନଙ୍କ ବିରୁଦ୍ଧରେ ଭାରତୀୟ ପିଙ୍ଗଳ କୋର୍ଡ ଧାରା ୧୭୧(ଖ), ୧୭୧(ଗ), ୧୭୧(ଙ) ଏବଂ ୧୭୧(ଚ) ଏବଂ ଲୋକପ୍ରତିନିଧି ଆଇନ ୧୯୫୧ର ଧାରା ୧୨୩(୧) ଏବଂ ୧୨୩(୨) ଅନୁସାରେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଉପନିର୍ବାଚନ ପରିପ୍ରେକ୍ଷୀରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ସର୍ବଦଳୀୟ ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ରାଜନୈତିକ ଦଳର କର୍ମକର୍ତାଙ୍କୁ ନିର୍ବାଚନ ସମୟରେ କ'ଣ କରିବା ଓ କ'ଣ ନକରିବା ସଂପର୍କରେ ଏକ ନିର୍ଦ୍ଦେଶାବଳୀ ପ୍ରଦାନ କରିବା ସହ ଅବଗତ କରାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଧାମନଗର ଉପନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳମାନଙ୍କ ଦ୍ୱାରା ଆଚରଣ ବିଧି ଉଲ୍ଲଂଘନ ନେଇ ୧୦୨ ଗୋଟି ଅଭିଯୋଗ ଗ୍ରହଣ କରାଯାଇ ସବୁଗୁଡ଼ିକରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାବେଳେ ଥାନାରେ ଦୁଇଜଣଙ୍କ ବିରୁଦ୍ଧରେ ଏଫ୍ଆଇଆର ଦିଆଯାଇଛି । ଆଚରଣବିଧି ଉଲ୍ଲଂଘନ କରି ଜନସାଧାରଣ ଓ ବ୍ୟକ୍ତିଗତ କୋଠାବାଡ଼ିଗୁଡ଼ିକୁ ବିକୃତ କରି ନିର୍ବାଚନ ପ୍ରଚାର କରିବା ଅଭିଯୋଗରେ ୧୬୧୪ ଗୋଟି କେସ୍ ଜିଲ୍ଲା ପ୍ରଶାସନ ନଜରକୁ ଆସିଛି । ସେହିପରି ଜନସାଧାରଣ ଓ ବ୍ୟକ୍ତିଗତ ସଂପତି ଯଥା କୋଠାବାଡ଼ିଗୁଡ଼ିକରେ ପୋଷ୍ଟରବ୍ୟାନର, କାନ୍ଥରେ ଲେଖିବା ଇତ୍ୟାଦି ଅଭିଯୋଗରେ ୨୦୦୬ ଗୋଟି କେସ୍ ଧରା ପଡ଼ିବା ସହ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଶ୍ରୀ ଲୋହାନୀ ପ୍ରକାଶ କରିଛନ୍ତି ।

# ଆଇନଜୀବୀ ରମେନ୍ଦ୍ର କୁମାର ପାଢ଼ୀଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକ




ବାଲେଶ୍ୱର,୨୭/୧୦(ନି.ପ୍ର): ରାମେନ୍ଦ୍ର କୁମାର ପାଢ଼ୀ ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗବାସୀ ଆଇନଜୀବୀ ରାମେନ୍ଦ୍ର କୁମାର ପାଢ଼ୀଙ୍କ ଚତୁର୍ଥ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ଏକ ସ୍ମୃତିସଭା ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. କମଳଜିତ ସିଂହ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇନଜୀବୀ ସ୍ୱର୍ଗତ ପାଢ଼ୀଙ୍କ ବହୁବିଧ ପ୍ରତିଭା ଓ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଜଣେ ଆଇନଜୀବୀ ଭାବେ କେବଳ ଆଇନ ବ୍ୟବସାୟ ନୁହେଁ ବରଂ ସମାଜସେବା କ୍ଷେତ୍ରରେ ତାଙ୍କର ଭୂମିକା ଆଜି ତାଙ୍କୁ ସ୍ମରଣୀୟ ରଖିଛି ବୋଲି କୁଳପତି ଡ. ସିଂହ ମତ ପ୍ରକାଶ କରିଥିଲେ । ବାଲେଶ୍ୱର ଜିଲା ଓ ଦୌରା ଜଜ ଅଶାନ୍ତ କୁମାର ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାମଲା ପରିଚାଳନା କ୍ଷେତ୍ରରେ ସ୍ୱର୍ଗତ ପାଢ଼ୀଙ୍କ ପ୍ରବୀଣତା ଓ ସାଧୁତା ସମ୍ପର୍କରେ ଆଲୋଚନା କରିଥିଲେ । ନିଜର କାର୍ଯ୍ୟଧାରା ଓ ବ୍ୟବହାର ପାଇଁ ସେ ଅନ୍ୟମାନଙ୍କ ପାଇଁ ସର୍ବଦା ଉଦାହରଣ ହୋଇ ରହିବେ ବୋଲି ଶ୍ରୀ ଦାସ କହିଥିଲେ । ସ୍ମୃତିକମିଟିର ସଭାପତି ବିପ୍ଳବ କେଶରୀ ଦେଓ ଏହି ସ୍ମୃତିସଭାରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ମଦନ ମୋହନ ପଣ୍ଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପାରମ୍ଭରେ ସ୍ୱର୍ଗତ ପାଢ଼ୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ଦିବଂଗତ ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବାଲେଶ୍ୱରର ଆଇନଜୀବୀଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏହି ଶ୍ରାଦ୍ଧ ଉତ୍ସବରେ ଯୋଗ ଦେଇଥିଲେ ।

# ମା' ଭଦ୍ରକାଳୀଙ୍କ ସିଂହବାହିନୀ ବେଶ



ଭଦ୍ରକ, ୨୭/୧୦(ନି.ପ୍ର): ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଜଗତ୍‌ଜନନୀ ମା ଭଦ୍ରକାଳୀ ସପ୍ତ ମାତୃକା ବେଶର ଚତୁର୍ଥ ଦିନରେ ସିଂହ ବାହିନୀ ବେଶ ଧାରଣ କରିଛନ୍ତି । ପୁରାଣ ଯୁଗରୁ ମା ଭଦ୍ରକାଳୀଙ୍କ ଆବିର୍ଭାବ ହୋଇଥିବା ସୂଚନା ମାର୍କଣ୍ଡେୟ ପୁରାଣରୁ ଉଦ୍ଧୃତ ସପ୍ତଶତୀ ଦେବୀ ମହାତ୍ମ୍ୟରୁ ଜଣାପଡ଼େ । ଅତ୍ୟନ୍ତ ଜ୍ୱାଳାମୟ ଦୀପ୍ତିରେ ଅତି ଉଗ୍ର ହୋଇଥିବା ଏବଂ ସମସ୍ତ ଅସୁର ମାନଙ୍କୁ ବିନାଶ କରିଥିବା ମା ଭଦ୍ରକାଳୀ ତୋର ଏହି ତ୍ରିଶୂଳ ଆମ୍ଭ ମାନଙ୍କୁ ସମସ୍ତ ଭୟରୁ ରକ୍ଷାକରୁ । ଏହି ସ୍ତୁତିରୁ ମା ଭଦ୍ରକାଳୀଙ୍କ ଆବିର୍ଭାବର ସୂଚନା ମିଳେ । ମା ଭଦ୍ରକାଳୀ ପିଠରେ ପାର୍ଶ୍ୱ ଦେବତା ଭାବେ ଉତ୍କଳର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କର ଅଙ୍ଗ ଦେବତା ଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରା ପୂଜା ପାଉଛନ୍ତି । ଗୋଟିଏ ପାର୍ଶରେ ମା ଭଦ୍ରକାଳୀ ଓ ଅନ୍ୟ ପାର୍ଶ୍ୱରେ ମାଧବଙ୍କ ମିଶ୍ରଣରେ ଏ ପିଠକୁ ପୁରାଣରେ ଦୁର୍ଗା ମାଧବ ପିଠ ମଧ କୁହାଯାଇଛି । ମାଙ୍କର ସିଂହ ବାହିନୀ ବେଶକୁ ଦର୍ଶନ କରିବା ପାଇଁ ସକାଳୁ ଭକ୍ତ ମାନଙ୍କର ଲମ୍ବା ଧାଡ଼ି ଦେଖିବାକୁ ମିଳିଛି । ମାଙ୍କର ମୁଖ ମଣ୍ଡଳ ଗୋଲାପି ବର୍ଣ୍ଣର ଥିବାବେଳେ ସ୍ୱର୍ଣ୍ଣ ଓ ରୋପ୍ୟ ଅଳଙ୍କାରରେ ଭୂଷିତ ହୋଇଛନ୍ତି । ମା ଚାରିହସ୍ତରେ ଶଙ୍ଖ, ଚକ୍ର, ଖଡ୍ଗ ଓ ତ୍ରିଶୁଳ ଧାରଣ କରି ଚତୁର୍ଦ୍ଧା ମୂର୍ତ୍ତୀରେ ଭକ୍ତ ମାନଙ୍କ ଦର୍ଶନ ଦେଇଛନ୍ତି । ନାଲି ପାଟ ବସ୍ତ୍ର ପରିଧାନ କରିବା ସହିତ ସିଂହ ବାହନରେ ବିରାଜ ମାନ କରିଛନ୍ତି । ସିଂହ ବାହିନୀ ବେଶରେ ଦର୍ଶନ କଲେ ଭକ୍ତର ଗ୍ରହଦଶା, ରିଷ୍ଟ ଖଣ୍ଡନ ତଥା ସମସ୍ତ ବିପଦ ଦୂର ହୁଏ ବୋଲି ବିଶ୍ୱାସ କରାଯାଏ । ଆସ୍ତାକାଲି ମା ଜଗଦ୍ଧାତ୍ରୀ ବେଶର ପୂଜା ପାଇବେ । ପିଠରେ ବହୁ ଜାକ ଜମକରେ ଭଜନ, ନାମ ସଂକିର୍ତ୍ତନ, ବେଦପାଠ ଶତଚଣ୍ଡୀ ପାଠ ସହ ବିଶ୍ୱ ଶାନ୍ତ ମହାଯଜ୍ଞର ଆହୁତି ଚାଲୁରହିଛି ।

## ଧର୍ମେନ୍ଦ୍ର ସାହୁ ମୃତ୍ୟୁ ଓ ଅର୍ଚ୍ଚନା ନାଗ ମାମଲାରେ ବିଜେପିର ଧାରଣା

ଭୁବନେଶ୍ୱର, ୨୭/୧୦(ନି.ପ୍ର): ପୁରୀ ଜିଲ୍ଲା ନିମାପଡା ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣା ଓ ଅର୍ଚ୍ଚନା ନାଗ କେଳେଙ୍କାରୀ ଘଟଣା ସମେତ ଦୁର୍ନୀତି, ଟେଣ୍ଡର ଫିକ୍ସିଂ, ମନି ଲଣ୍ଡରିଂରେ ଶାସକ ଦଳର ମାଳ ମାଳ ମନ୍ତ୍ରୀ, ବିଧାୟକ ଓ ନେତା ସଂଶ୍ଳିଷ୍ଟ। ଶାସକ ଦଳ ନେତାଙ୍କ ପୃଷ୍ଠପୋଷକତା, ତତ୍ତ୍ୱାବଧାନରେ ଅପରାଧ କରାଯିବା ସହ ଅପରାଧ ସୃଷ୍ଟି କରାଯାଇ ଓଡ଼ିଶାବାସୀଙ୍କୁ ଶୋଷଣ କରାଯାଉଛି। କିନ୍ତୁ ଓଡିଶା ପୋଲିସ୍ ଅଭିଯୁକ୍ତମାନଙ୍କୁ ଘଂଟ ଘୋଡାଉଛି। ଏହାର ପ୍ରତିବାଦରେ ଗୁରୁବାର ରାଜଭବନ ସମ୍ମୁଖରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତି ତଳେ ବୁଦ୍ଧିଜୀବୀମାନେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ଶାସକ ଦଳର ମନ୍ତ୍ରୀ, ବିଧାୟକ ଓ ନେତାଙ୍କୁ ଦୁର୍ନୀତି, ଭ୍ରଷ୍ଟାଚାରୀ ଓ କେଳେଙ୍କାରୀ କରିବା ଲାଗି ଶାସକ ଦଳର ମୁଖିଆ ପ୍ରଶ୍ରୟ ଦେଉଛନ୍ତି। ଲେଡି ବ୍ଲାକମେଲର ଅର୍ଚ୍ଚନାଙ୍କ ବାସଭବନରେ ବିଜୁ ଜନତା ଦଳର ୧୨ରୁ ଊର୍ଦ୍ଧ୍ୱ ମନ୍ତ୍ରୀ, ୩୦ରୁ ଅଧିକ ବିଧାୟକ ଯା'ଆସ କରିବା ସହ ସେଠାରେ କୋଟି କୋଟି ଟଙ୍କାର ଟ୍ରାଞ୍ଜାକ୍ସନ କରାଯାଉଥିଲା। ଏପରିକି ଟ୍ରାନ୍ସଫର, ପୋଷ୍ଟିଂ ଓ ଟେଣ୍ଡର ଫିକ୍ସିଂ ଭଳି ନିଷ୍ପତି ନିଆଯାଉଥିଲା। ଅର୍ଚ୍ଚନା ନାଗଙ୍କ କଳା ସାମ୍ରାଜ୍ୟ ଓ ଧର୍ମେନ୍ଦ୍ର ସାହୁଙ୍କ ହତ୍ୟା ନିରପେକ୍ଷ ତଦନ୍ତ ଦାବି କରି ଆଜିଠାରୁ ୫୮ଟି ସବଡିଭିଜନରେ ଆନ୍ଦୋଳନ ପ୍ରତିବାଦ କରାଯାଉଛି। ଯଥାଶୀଘ୍ର ରାଜ୍ୟ ସରକାର ଶ୍ରୀ ସାହୁଙ୍କୁ ଓ ଅର୍ଚ୍ଚନା କଳାକାରନାର ପର୍ଦାଫାସ କରନ୍ତୁ। ଏହି ଅବସରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଜ୍ଜନ ଶର୍ମା, ଜୟପ୍ରକାଶ ମିଶ୍ର, କର୍ଣ୍ଣେଲ ବିରେନ୍ଦ୍ର ବସ୍ତିଆ, ପଦ୍ମନାଭ ଦାସ, କିଶୋର ମଙ୍ଗରାଜ, ଶ୍ୟାମସୁନ୍ଦର ପାଇକରାୟ, ହିମାଂଶୁ ମହାନ୍ତି, ଭଗବାନ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ସେନାପତି, ବିବେକ ନାୟକ, ଗୋପାଳ କୃଷ୍ଣ, ନାରାୟଣ ବେହେରା, ସନତ ଭୋଇ ଓ କାହ୍ନୁ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପବିତ୍ର କାର୍ତ୍ତିକ ମାସରେ ଚାଲିଛି ନଗର କୀର୍ତ୍ତନ ଓ ହରିକଥା

ବାଲେଶ୍ୱର,୨୭/୧୦(ନି.ପ୍ର): ପବିତ୍ର କାର୍ତ୍ତିକ ମାସ ଅବସରରେ ଶ୍ରୀକୃଷ୍ଣ ଚୈତନ୍ୟ ଗୌଡ଼ୀୟ ମଠ ପକ୍ଷରୁ ଦାମୋଦରପୁରରେ ପ୍ରାତଃକାଳ ନଗର କୀର୍ତ୍ତନ ଆରମ୍ଭ ହୋଇଛି। ଗତ ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ଏହି ନଗର କୀର୍ତ୍ତନ ଆସନ୍ତା ରାହାସ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ଭକ୍ତି ବିଳାସ ପର୍ଯ୍ୟଟକ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସକାଳ ୫ଟା ୩୦ରୁ ଆରମ୍ଭ ହୋଇ ୬ଟା ୩୦ ପର୍ଯ୍ୟନ୍ତ ଚାଲୁଛି। ନଗର କୀର୍ତ୍ତନ ସାଙ୍ଗକୁ ପ୍ରତ୍ୟେହ ହରିକଥା, ଚୈତନ୍ୟ ଚରିତାମୃତ ଓ ସଂଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ, ଭାଗବତ କଥାମୃତ ଆଲୋଚନା ଏବଂ ରାତିରେ ସାମୂହିକ ଦୀପଦାନ କରାଯାଉଛି। ଏହି କାର୍ଯ୍ୟକ୍ରମ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବେଶ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ଦାମୋଦରପୁର ବାସିନ୍ଦା ପୂର୍ଣ୍ଣ ସହଯୋଗ କରୁଛନ୍ତି।

## ଓଆରଏଚଡିସି ଦୁର୍ନୀତି ମାମଲା : ଆଇଏଏସ୍ ବିନୋଦ କୁମାରଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

ଭୁବନେଶ୍ୱର, ୨୭/୧୦(ନି.ପ୍ର): ଓଡ଼ିଶା ରୁରାଲ ହାଉସିଂ ଡେଭେଲପମେଂଟ କର୍ପୋରେସନ (ଓଆରଏଚଡିସି) ଦୁର୍ନୀତି ମାମଲାରେ ପୂର୍ବତନ ଆଇଏଏସ୍ ବିନୋଦ କୁମାରଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ବିନୋଦ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରଦାନ କରିଥିବା ଦଣ୍ଡାଦେଶକୁ ବିରୋଧ କରି ଦାୟର ଆବେଦନକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ତାଙ୍କୁ ହାଇକୋର୍ଟ ଜାମିନ ମଞ୍ଜୁର କରିବ ସହିତ ନିମ୍ନ ଅଦାଲତଙ୍କ ଜରିମାନା ଆଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ବିନୋଦଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଥିଲେ।ଏହି ମାମଲାରେ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ରାୟ ବିରୋଧରେ ବିନୋଦ କୁମାର ଦାୟର କରିଥିବା ଅପିଲ ଅକ୍ଟୋବର ୨୭ରେ ହାଇକୋର୍ଟରେ ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଥିଲା।

## ଶ୍ରୀକୋଣା ଅଙ୍ଗନବାଡ଼ି ସହାୟିକା ନିଯୁକ୍ତ ଦାବି



ବାଲେଶ୍ୱର,୨୭/୧୦(ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ଶ୍ରୀକୋଣା ପଞ୍ଚାୟତରେ ଏକ ନମ୍ବର ଅଙ୍ଗନବାଡ଼ି କେନ୍ଦ୍ର ସହାୟିକା ନିଯୁକ୍ତିରେ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ (ସିଡିପିଓ)ଙ୍କ ଟାଳଟୁଳ ନୀତିକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି ଗ୍ରାମବାସୀ। ଶ୍ରୀକୋଣା ସରପଞ୍ଚ କମଳ ଲୋଚନ ସାହୁ ଓ ସମିତି ସଦସ୍ୟା କୌଶଲ୍ୟା ମଣ୍ଡଳଙ୍କ ନେତୃତ୍ୱରେ ଶତାଧିକ ମହିଳା ଜିଲ୍ଲାପାଳଙ୍କୁ ସାକ୍ଷାତ ସହ ବିଭାଗୀୟ ଅଧିକାରୀଙ୍କ ଅବହେଳା ସମ୍ପର୍କରେ କହିଛନ୍ତି। ଅଧିକାରୀଙ୍କ ଅବହେଳାରୁ ଏକ ନମ୍ବର ଅଙ୍ଗନବାଡି କେନ୍ଦ୍ରରେ ଉପୁଜିଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି । କର୍କଟ ରୋଗରେ ପୀଡ଼ିତ କେନ୍ଦ୍ରର କର୍ମୀ ଏବେ ଚିକିତ୍ସିତ ହେଉଥିବା ବେଳେ ଖାଲି ପଡିଥିବା ସହାୟିକା ପଦ ନିଯୁକ୍ତି ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି । ଏ ନେଇ ଗତ ଜୁଲାଇ ୨୫ ତାରିଖରେ ଏକ ବିଜ୍ଞାପନ ପ୍ରକାଶ ପାଇଥିଲା । ନିଯୁକ୍ତି ପ୍ରକିୟା ସମ୍ପର୍କରେ ଅଙ୍ଗନବାଡି କର୍ମୀଙ୍କ ସମେତ ଗ୍ରାମବାସୀଙ୍କୁ ଅବଗତ ପରେ କେନ୍ଦ୍ରର ରେଜିଷ୍ଟାରରେ ୧୮୦ଜଣ ଗ୍ରାମବାସୀ ସ୍ୱାକ୍ଷର ମଧ କରିଥିଲେ। ଏହା ଉପରେ କୌଣସି ପ୍ରକାର ଅଭିଯୋଗ ନିମନ୍ତେ ଅଗଷ୍ଟ ୨୨ ରୁ ୨୯ ତାରିଖ ପର୍ଯ୍ୟନ୍ତ ସମୟ ରଖାଯାଇଥିଲା। ସେପ୍ଟେମ୍ବର ୨୮ ତାରିଖରେ ଚୟନ ପ୍ରକିୟା ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ତେବେ ସେହିଦିନ ସହାୟିକା ପଦ ପାଇଁ ମାତ୍ର ଜଣେ ଆବେଦନ କରିଥିବାରୁ ସିଡିପିଓ ନିଯୁକ୍ତି ନିମନ୍ତେ ପୁଣି ଥରେ ଅକ୍ଟୋବର ୧୩ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ସେହି କ୍ରମରେ ଗତ ଅକ୍ଟୋବର ୨୧ ତାରିଖରେ ଆୟୋଜିତ ମହିଳା ସଭାରେ ସିଡିପିଓ ଉପସ୍ଥିତ ରହି ଏକମାତ୍ର ପ୍ରାର୍ଥିନୀଙ୍କୁ ଚୟନ କରିଥିଲେ। ମାତ୍ର ତାଙ୍କୁ ନିଯୁକ୍ତି ପତ୍ର ଦେଇ ନଥିଲେ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ଅସୁସ୍ଥ ରହୁଥିବାରୁ ବିନା ସହାୟିକାରେ କେନ୍ଦ୍ରଟି ଅଚଳ ଅବସ୍ଥାରେ ପହଂଚିଥିବା ସେମାନେ କହିଛନ୍ତି। ସରକାରଙ୍କ ସମସ୍ତ ନିୟମ ପାଳନ ସହ ଚୟନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ସହାୟିକାଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ଏ ନେଇ ସେମାନେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ ।

## ବିଜେପି କର୍ମୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରୁଛି ପୋଲିସ

ଭୁବନେଶ୍ୱର,୨୭/୧୦(ନି.ପ୍ର): ଧାମନଗର ଉପନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶାସକ ବିଜେଡି ବାରମ୍ବାର ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ କରି ଆସୁଛି । ଶାସକ ଦଳ ବାରମ୍ବାର ଆଚରଣ ବିଧି ଉଲଘଂନ ବିଧି ଉଲଘଂନ କରୁଥିବାବେଳେ ସ୍ଥାନୀୟ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଓ ବିଧାନସଭା ନିର୍ବାଚନ ଅଧିକାରୀ ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବାବେଳେ ଭାରତୀୟ ଜନତା ପାର୍ଟିର ୯୩୨ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତାଙ୍କୁ ମିଥ୍ୟା ନୋଟିସ୍ ଦେଇ ହାରାସମେଂଟ କରୁଛି ପୋଲିସ ପ୍ରଶାସନ। ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତାଙ୍କ ବିରୋଧରେ ମିଥ୍ୟା ମାମଲା, ମିଥ୍ୟା ନୋଟିସ୍ ଦେଇ ଭୟଭୀତ କରାଉଛି ପୋଲିସ। ସେହିଭଳି ଉଦ୍ଦେଶ୍ୟମୂଳକ ଭାବେ ହାରାସମେଂଟ କରି ଦଳୀୟ ପ୍ରଚାରରେ ବାଧା ସୃଷ୍ଟି କରିବା ଷଡଯନ୍ତ୍ରର ରଚନା କରିଛନ୍ତି ପ୍ରଶାସନିକ ଅଧିକାରୀମାନେ। ଏନେଇ ଗୁରୁବାର ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏ ପ୍ରସଙ୍ଗରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଭଦ୍ରକ ପୋଲିସ ବିଜେପିର କାର୍ଯ୍ୟକର୍ତାଙ୍କୁ ଟାର୍ଗେଟ କରିଥିବାରୁ ଭାରତୀୟ ଜନତା ପାର୍ଟି ଏହାକୁ ଘୋର ନିନ୍ଦା କରିବା ସହ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସିଇଓଙ୍କୁ ଭେଟି ବିଜେପି ଦାବି କରିଛି। ଭଦ୍ରକ ଜିଲ୍ଲା ପ୍ରଶାସନ ଓ ପୋଲିସ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ଭାରତୀୟ ସମ୍ବିଧାନ ପ୍ରତି କୁଠାରଘାତ ଭଳି। ଭଦ୍ରକ ଜିଲ୍ଲା ପ୍ରଶାସନ ବିଜୁ ଜନତା ଦଳର ଚାମଚାଗିରି ଛାଡି ଜନହିତରେ କାର୍ଯ୍ୟକରନ୍ତୁ। ଆଇନକୁ ନିଜ ବାଟରେ ନନେଇ ଆଇନକୁ ତା'ବାଟରେ ପରିଚାଳିତ କରନ୍ତୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ବୋଲି ଡ. ଲେଖାଶ୍ରୀ କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶୀନି ପଟ୍ଟନାୟକ, ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଜ୍ଜନ ଶର୍ମା, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ କସ୍ତୁରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କଳିଙ୍ଗ ପୁସ୍ତକ ମେଳାରେ ଅଂଶ ଗ୍ରହଣ କରିବ ପ୍ରକାଶନ ବିଭାଗ

ଭୁବନେଶ୍ୱର, ୨୭/୧୦(ନି.ପ୍ର): ଆସନ୍ତାକାଲିଠାରୁ ଭୁବନେଶ୍ୱର ୟୁନିଟ୍ ୩ ସ୍ଥିତ ପ୍ରଦର୍ଶନୀ ପଡିଆରେ କଳିଙ୍ଗ ପୁସ୍ତକ ମେଳା ଆରମ୍ଭ ହେବାକୁ ଯାଉଛି। ଏହି ମେଳାରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ଅଧିନରେ ଥିବା ପ୍ରକାଶନ ବିଭାଗ ଅଂଶଗ୍ରହଣ କରୁଛି । ଏଥିରେ ପ୍ରକାଶନ ବିଭାଗ ପକ୍ଷରୁ ଭାରତ ତଥା ଓଡିଶାର ଇତିହାସ, ଭୂଗୋଳ, କଳା, ସଂସ୍କୃତି, ଦେଶ ପାଇଁ ନିଜ ଜୀବନର ବଳିଦାନ ଦେଇଥିବା ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନ କାହାଣୀ, ସାମାଜିକ ବିଜ୍ଞାନ, ସାମନ୍ୟ ଜ୍ଞାନ ଆଦି ସମ୍ପର୍କିତ ପୁସ୍ତକ ରିହାତିରେ ଉପଲବ୍ଧ ହେବ । ଏ ସମ୍ପର୍କରେ ପ୍ରକାଶନ ବିଭାଗ ପକ୍ଷରୁ ପ୍ରକାଶିତ ହେଉଥିବା ଯୋଜନା (ଓଡିଆ)ର ସମ୍ପାଦକ ଇତିଶ୍ରୀ ସିଂହ ରାଠୌର କହିଛନ୍ତି, କୋଭିଡ୍ ପରେ ଏହି ପୁସ୍ତକ ମେଳା ଆୟୋଜିତ ହେଉଛି । ସେ ଜନସାଧାରଣ ତଥା ଛାତ୍ରଛାତ୍ରମାନଙ୍କୁ ପ୍ରକାଶନ ବିଭାଗର ଷ୍ଟଲ ପରିଦର୍ଶନ କରିବାକୁ ନିବେଦନ କରିଛନ୍ତି । ସୂଚନା ଅନୁସାରେ ୧୯୪୧ ମସିହାରେ ପ୍ରତିଷ୍ଠା ହୋଇଥିବା ପ୍ରକାଶନ ବିଭାଗ ଭାରତର କଳା, ସଂସ୍କୃତି, ଐହିତ୍ୟ, ବିଜ୍ଞାନ, ଇତିହାସ ଆଦିକୁ ନେଇ ପତ୍ରିକା, ପୁସ୍ତକ ପ୍ରକାଶିତ କରି ଆସୁଛି । ଶିଶୁ ସାହିତ୍ୟ ପ୍ରକାଶନରେ ମଧ ପ୍ରକାଶନ ବିଭାଗର ଅଗ୍ରଣୀ ଭୂମିକା ରହିଛି ।

## ବାଣ ଫୁଟାଇବାରୁ କୁକୁର ମୃତ୍ୟୁ ଘଟଣାରେ ଥାନାରେ ଏତଲା

ଭୁବନେଶ୍ୱର, ୨୭/୧୦(ନି.ପ୍ର): କୁକୁର ଲାଞ୍ଜରେ ବାଣ ବାନ୍ଧି ଫୁଟାଇବା ଏବଂ କୁକୁର ମୃତ୍ୟୁ ମାମଲା ଥାନାରେ ପହଂଚିଛି। ଏହି ଘଟଣାକୁ ନେଇ ଇଂଟରନ୍ୟାସନାଲ ହ୍ୟୁମାନ ରାଇଟ ସଂଗଠନ କ୍ୟାପିଟାଲ ଥାନାରେ ଏତଲା ଦେଇଛି। ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ସଂଗଠନ। ଇଂଟରନ୍ୟାସନାଲ ହ୍ୟୁମାନ୍ ରାଇଟ୍ ସଂଗଠନର ଓଡ଼ିଶା ମୁଖ୍ୟ ଡା. ଶିବସୁନ୍ଦର ସ୍ୱାଇଁ, ଯୁଗ୍ମ ନିର୍ଦ୍ଦେଶକ ଇଂ ଶଶାଙ୍କ ଶେଖର ପଣ୍ଡା ଓ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ନାରାୟଣ ସାହୁ ପ୍ରମୁଖ ଦୃଢ଼ ନିନ୍ଦା କରିବା ସହିତ ଏକ ଦାବି ପତ୍ର ନେଇ କ୍ୟାପିଟାଲ ଥାନା ଅଧିକାରୀଙ୍କୁ ଦେଇଛନ୍ତି। ଏହି ଅମାନୁଷିକ କାଣ୍ଡ ଘିଆଇଥିବା ବ୍ୟକ୍ତିଙ୍କ ଉପରେ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ଦୀପାବଳି ଦିନ ସଂଧ୍ୟାରେ ଖାରବେଳ ନଗର ଥାନା ଅନ୍ତର୍ଗତ ଜନପଥରେ କୁକୁର ଲାଞ୍ଜରେ ବାଣ ବାନ୍ଧି ଫୁଟାଇବାରୁ ରାସ୍ତା କଡ଼ରେ ଛଟପଟ ହୋଇ କୁକୁରର ମୃତ୍ୟୁ ହୋଇଥିଲା।

## ଅବହେଳିତ ଛୋଟ ପିଲାଙ୍କ ମୁଖରେ ହସ ଫୁଟାଇ ଇନରହ୍ୱିଲ ପାଳିଲା ଦୀପାବଳୀ



ଉଦଳା,୨୭/୧୦(ନି.ପ୍ର): ଉଦଳାରେ ଗଢ଼ି ଉଠିଥିବା ଇନରହ୍ୱିଲ କ୍ଲବ ତରଫରୁ ନିକଟସ୍ଥ ବେଣିପୁରସ୍ଥିତ ବସ୍ତି ବାସିନ୍ଦା ଓ ଏଠାରେ ବଢୁଥିବା ଅବହେଳିତ ଓ ଦରିଦ୍ର ପିଲାଙ୍କ ମେଳରେ ଚଳିତ ବର୍ଷ ଦୀପାବଳୀ ପାଳିତ ହୋଇ ଯାଇଛି । ଛୋଟ ପିଲାଙ୍କ ମୁଖରେ ହସ ଫୁଟାଇବା ଦୀପାବଳୀର ପ୍ରକୃତ ଉଦେଶ୍ୟ ବୋଲି କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକ କହିଛନ୍ତି । ଆଜିର ଏହି ଉତ୍ସବରେ କ୍ଲବର ସଦସ୍ୟା ଗୀତାଶ୍ରୀ ରାୟ, ରାଜଲକ୍ଷ୍ମୀ ମହାନ୍ତି, ମମତା ମହାନ୍ତି, ପ୍ରମୋଦିନି ମହାପାତ୍ର ଓ ସୁଜାତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ପିଲାଙ୍କ ମେଳରେ ଆଜିର ଦୀପାବଳୀ ବାସ୍ତବରେ ଖୁବ ଆନନ୍ଦ ଦାୟକ ଥିଲାବୋଲି କହିଥିଲେ । ଶେଷରେ କ୍ଲବ ତରଫରୁ ପିଲାଙ୍କୁ ମିଷ୍ଟାନ୍ନ ବଣ୍ଟନ ସହିତ ମହମବତୀ ଓ ଝରାବତୀ ପ୍ରଦାନ କରାଯାଇଥିଲା ।

## ଇଂଟରନାଲ ମାର୍କ ଓ ଛାତ୍ରଛାତ୍ରୀଙ୍କ ଧାରଣାର ତଦନ୍ତ ଆରମ୍ଭ

ନୀଳଗିରି,୨୭/୧୦(ନି.ପ୍ର): ନୀଳଗିରି କଲେଜରେ ଅଧାପକ ଓ ଅଧାପିକାଙ୍କ ମଧ୍ୟରେ ଚଲିଛି ଶୀତଳ ରାଜନୀତି । ଏହି ଶୀତଳ ରାଜନୀତି ଯୋଗୁଁ ଛାତ୍ରଛାତ୍ରୀମାନଙ୍କ ଜୀବନ ମାଟି ହେବାକୁ ବସିଛି । ଆକ୍ରୋଶମୂଳକ ଭାବେ କିଛି ଛାତ୍ରଛାତ୍ରୀମାନଙ୍କର ଇଂରାଜୀର ଇଂଟରନାଲ ମାର୍କ କମ୍ ଦେଇ ଫେଲ ହେବା ଘଟଣାକୁ ଛାତ୍ରଛାତ୍ରୀମାନେ ସହଜରେ ଗ୍ରହଣ କରି ପାରୁ ନ ଥିବା ବେଳେ ଏହାକୁ ନେଇ କଲେଜରେ ଗତ ୧୭.୧୦.୨୨ରିଖରେ ଛାତ୍ରଛାତ୍ରୀମାନେ ଅଶାନ୍ତ ବାତାବରଣ ସୃଷ୍ଟି କରିଥିବା ବେଳେ ଧାରଣାରେ ବସିଥିଲେ । ଏହି ଘଟଣାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ ତ୍ରିପାଠୀ ଗୁରୁବାର ଦିନ ନୀଳଗିରି କଲେଜରେ ପହଂଚି ପ୍ରାଥମିକ ତଦନ୍ତ କରିଛନ୍ତି। ନୀଳଗିରି କଲେଜରେ ଅଧାପକ, ଅଧାପିକାଙ୍କ ମଧ୍ୟରେ ଏକତା ନ ଥିବା ବେଳେ ଏଠାରେ ରାଜନୀତି ଚାଲିଥିବାର ତଦନ୍ତରୁ ଜଣାପଡ଼ିଛି । ନିଜ ନିଜର ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଛାତ୍ରଛାତ୍ରୀମାନଙ୍କର ଶିକ୍ଷାର ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ କୁଳପତି ଶ୍ରୀଯୁକ୍ତ ତ୍ରିପାଠୀ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସାନ ଭଉଣୀ ଓ ବଡ଼ ଭଉଣୀ ସଦୃଶ । ଶିକ୍ଷାନୁଷ୍ଠାନରେ ଅବାନ୍ତର, ଅଯୁକ୍ତିକ ଓ ଅବୈଧ ପ୍ରସାହିତ ହେବା ଉଚିତ ନୁହେଁ ବୋଲି ତଦନ୍ତ ସମୟରେ ଅଧାପକ, ଅଧାପିକାଙ୍କୁ କୁଳପତି ସନ୍ତୋଷ ତ୍ରିପାଠୀ ଦିଗ୍‌ଦର୍ଶନ ଦେଇଥିଲେ । ଇଂଟରନାଲ (ଇଂରାଜୀ)ର ସମସ୍ତ ପରୀକ୍ଷା ଖାତାକୁ କୁଳପତୀ ଶ୍ରୀଯୁକ୍ତ ତ୍ରିପାଠୀ ନେଇଯାଇଛନ୍ତି । ପରୀକ୍ଷା ଖାତାଗୁଡ଼ିକୁ ପୁନଃ ତଦନ୍ତ କରାଯିବ ବୋଲି କୁଳପତି ଗଣମାଧ୍ୟମକୁ ପରାମର୍ଶ ଦେଇଛନ୍ତି । ଛାତ୍ରଛାତ୍ରୀଙ୍କ ଜୀବନ ସହିତ କୌଣସି ରାଜନୀତି କରାଯିବା ଉଚିତ ନୁହେଁ । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ପରସ୍ପର ପରିପୂରକ। ବିଶ୍ୱବିଦ୍ୟାଳୟ ପାଇଁ ମହାବିଦ୍ୟାଳୟ ଉତରଦାୟୀ ହେବ ଏବଂ ମହାବିଦ୍ୟାଳୟ ପାଇଁ ବିଶ୍ୱବିଦ୍ୟାଳୟ ଉତରଦାୟୀ ବୋଲି ତଦନ୍ତ ସମୟରେ କୁଳପତି ସୂଚନା ଦେଇଛନ୍ତି । ଘଟଣାକୁ ନେଇ ନୀରପେକ୍ଷ ତଦନ୍ତ କରାଯିବା ସହ ତଦନ୍ତରେ ଯେଉଁ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କ ବିରୁଦଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଳପତି ସନ୍ତୋଷ ତ୍ରିପାଠୀ ସୂଚନା ଦେଇଛନ୍ତି ।

## ରାଜାବଗିଚା କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ

ବାଲେଶ୍ୱର,୨୭/୧୦(ନି.ପ୍ର): ସଦର ବ୍ଲକ ରାଜାବଗିଚା କ୍ଲଷ୍ଟରରେ ସୁରଭି ମହୋତ୍ସବ ସ୍ଥାନୀୟ ମ୍ୟୁନିସପାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ସୁରମା ନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ବଟକୃଷ୍ଣ ମିଶ୍ର ସଭାପତିତ୍ୱ କରିଥିଲେ। ସଦର ବ୍ଲକ ବିଆରସିସି ରାମଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସୁରଭି କାର୍ଯ୍ୟକ୍ରମ ଶିଶୁ ପ୍ରତିଭା ବିକାଶରେ ଏକ ପ୍ଲାଟଫର୍ମ ହୋଇପାରିଛି ବୋଲି କହିଥିଲେ। ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀମଣି ସାହୁ, ସିଆରସିସି ସନ୍ୟାସୀ ଦାସ, ବିଶ୍ୱନାଥ ରଣା ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ସୁରଭି ମହୋତ୍ସବ ବେଶ ଉପାଦେୟ ହୋଇ ପାରିଛି ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରୁ ଏକାଧିକ ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ସୁରଭି ପାଇଁ ମନୋନୀତ ହୋଇଥିଲେ। ଏହି କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମକୁ ଶିକ୍ଷକ ଚନ୍ଦ୍ରଶେଖର ମହାପାତ୍ର, ହରିପଦ ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ। ସ୍ଥାନୀୟ କାଉନସିଲର ଦେବାଶିଷ ସିଂହ ମଧ୍ୟ ଏଥିରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସିଆରସିସି ଶ୍ରୀମତୀ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମାରୱାଡ଼ି ସମାଜ ପକ୍ଷରୁ ଗିରି ଗୋବର୍ଦ୍ଧନ ପୂଜା



ବାଲେଶ୍ୱର,୨୭/୧୦(ନି.ପ୍ର): ପ୍ରତିବର୍ଷ ଭଳି ବାଲେଶ୍ୱର ମାରୱାଡି ସମାଜ ପକ୍ଷରୁ ଗିରି ଗୋବର୍ଦ୍ଧନ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ଅନ୍ନକୂଟ ଏବଂ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସଦର ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗଦେଇ ସମାଜରେ ଭାତୃତ୍ୱ ଭାବ ପ୍ରତିଷ୍ଠା ପାଇଁ ସମସ୍ତଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇବା ସହ ମାରୱାଡି ସମାଜ ପକ୍ଷରୁ ବନ୍ଧୁମିଳନ ଉତ୍ସବ ଆୟୋଜନକୁ ନେଇ ଭୂୟସୀ ପ୍ରଶଂସା କରିଥିଲେ। ବର୍ଷତମାମ ବ୍ୟବସାୟରେ ମଜ୍ଜି ରହିଥିବା ମାରୱାଡି ସମାଜର ସଦସ୍ୟ ଏବଂ ସେମାନଙ୍କ ପରିବାର ବର୍ଗ ଗୋଟିଏ ଦିନ ଏକାଠି ହୋଇ ପରସ୍ପରକୁ ଦୀପାବଳିର ଶୁଭେଚ୍ଛା ଜଣାଇବା ସହିତ ଏକତ୍ର ଅନ୍ନକୂଟ ଭୋଜନରେ ଯୋଗଦେବା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛି ବୋଲି ଅତିଥିମାନେ କହିଥିଲେ । ମହାନ ଭାରତୀୟ ସଂସ୍କୃତିରେ ପାଳିତ ହୋଇ ଆସୁଥିବା ଏହି ଉତ୍ସବ ଭଗବାନ ଶ୍ରୀକୃଷ୍ଣଙ୍କ ଗିରି ଗୋବର୍ଦ୍ଧନ ଧାରଣ ଲୀଳାକୁ ସ୍ମରଣ କରାଯାଇଥଏ। ଇନ୍ଦ୍ରଙ୍କ କୋପରୁ ଗୋପବାସୀଙ୍କୁ ରକ୍ଷା କରିଥିବାରୁ ଭଗବାନ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶ କ୍ରମେ ଗିର ଗୋବର୍ଦ୍ଧନଙ୍କୁ ପୂଜା କରିଥିଲେ । ସେହି କ୍ରମରେ କୃଷ୍ଣଙ୍କ ଏହି ଲୀଳାକୁ ସ୍ମରଣ କରିବା ପାଇଁ ଦେଶର ବିଭିନ୍ନ ଅଂଚଳରେ ଗିରି ଗୋବର୍ଦ୍ଧନଙ୍କ ପୂଜାର୍ଚ୍ଚନା ହୋଇଆସୁଛି । ଅନୁରୂପ ଭାବେ ପ୍ରତ୍ୟେକ ବର୍ଷ ଦୀପାବଳିର ପରଦିନ ସମସ୍ତ ମାରୱାଡି ଗିରି ଗୋବର୍ଦ୍ଧନଙ୍କୁ ପୂଜା କରିବା ସହିତ ଏକତ୍ର ହୋଇ ନିଜ ନିଜ ମଧ୍ୟରେ ଏକତା ବଢାଇଥାନ୍ତି ବୋଲି ମାରୱାଡି ସମାଜର କର୍ମକର୍ତ୍ତାମାନେ କହିଥିଲେ । ଧର୍ମେନ୍ଦ୍ର ପ୍ରସାଦ ମୋର, ଶିବୁ ପୋଦାର, ମୋହିତ ପୋଦାର, ପିଂଟୁ ପୋଦାର, ପଙ୍କଜ ଅଗ୍ରୱାଲ, ସୁଶୀଲ ଜାଲାନ୍, ମିଠୁ ପୋଦାର, ସଞ୍ଜୀବ ଅଗ୍ରୱାଲ, ମନୀଷ ସରାୱଗୀ, ଚନ୍ଦ୍ର ପ୍ରକାଶ ଭରତିଆ ପ୍ରମୁଖ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ତାଲିମ କାର୍ଯ୍ୟକ୍ରମ



ବାରିପଦା,୨୭/୧୦(ନି.ପ୍ର): ମୟୁରଭଂଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଆଜି ବାରିପଦା ପ୍ରୟାସ ସଭାଗୃହରେ ଜିଲ୍ଲାର ଜାତୀୟ ସେବା ଯୋଜନା ଏବଂ ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ମାନଙ୍କ ପାଇଁ ଶିଶୁ ସୁରକ୍ଷା ସମ୍ପର୍କରେ ଏକ ଦିବସୀୟ ତାଲିମ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମୟୁରଭଂଜ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିବା ସହିତ ଶିଶୁ ସୁରକ୍ଷା ଦିଗରେ ଜାତୀୟ ସେବା ଯୋଜନା ଏବଂ ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ମାନଙ୍କ ଭୂମିକା ସମାଜରେ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତା ମୟୀ ବିଶ୍ୱାଳ ସଭା ପରିଚାଳନା କରିବା ସହ ସ୍ୱେଚ୍ଛାସେବୀ ମାନେ ସମାଜରେ ଶିଶୁ ସୁରକ୍ଷା ସମ୍ପର୍କରେ କିପରି କାର୍ଯ୍ୟ କରିବେ ସେ ବିଷୟରେ ବିଶଦ ଆଲୋଚନା କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତା ଦିଲୀପ କୁମାର ପଣ୍ଡା ଶିଶୁ ଅଧିକାର , ଶିଶୁ ସୁରକ୍ଷା ସମ୍ପର୍କୀତ ବିଧି ବ୍ୟବସ୍ଥା ବିଷୟରେ ତାଲିମ ପ୍ରଦାନ କରିଥିଲେ । ଆଇନ ପ୍ରବେଶନ ଅଧିକାରିଣୀ ବବିତା ସାହୁ ଯୌନ ଶୋଷଣରୁ ଶିଶୁଙ୍କୁ ସୁରକ୍ଷା ଆଇନ ୨୦୧୨ ସମ୍ପକରେ ତାଲିମ ଦେଇଥିଲେ ଓ ଏଚ.ଆର.ପି.ସି ଡିଏସପି ସବିତା ମାଝି ଆଇନ ପରିସର ଭୁକ୍ତ ଶିଶୁ ଏବଂ ପିଡିତା ମାନଙ୍କ ପାଇଁ ରହିଥିବା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିବା ବେଳେ, ଶିଶୁ ମଙ୍ଗଳ ସମିତିର ସଦସ୍ୟା ଭାସ୍ୱତୀ ବାରିକ, ଅରମାସର ଡେପୁଟି ସି.ଇ. ବିମାନ ମଲ୍ଲ, ସମଗ୍ର ଶିକ୍ଷା ଅଭିଯାନର ଆଦିବାସୀ ସଂଯୋଜକ ଶ୍ରୀ ସପନ କୁମାର ପୃଷ୍ଟି, ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ସଂଯୋଜକ ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ବାଲ୍ୟ ବିବାହ ଆଇନ ୨୦୦୬ଏବଂ ଶିଶୁ ମାନଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ ଓ ସୁବିଧା ସୁଯୋଗ ବାବଦରେ ଆଲୋଚନା କରିଥିଲେ । ଏଥିରେ ଜିଲ୍ଲାର ବାରିପଦା ମହାବିଦ୍ୟାଳୟ, ଶ୍ରୀମା ମହାବିଦ୍ୟାଳୟ ଓ ବିବି ମହାବିଦ୍ୟାଳୟ ର ଏନ.ଏସ.ଏସ. ପ୍ରୋଗ୍ରାମ ଅଫିସର ମାନଙ୍କ ସହିତ୧୦୦ରୁ ଉର୍ଦ୍ଧ ସ୍ୱେଚ୍ଛାସେବୀ ଉପସ୍ଥିତ ଥିବା ବେଳେ, ମୟୁରଭଂଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କୋଷାଧକ୍ଷ ବ୍ରଜ କିଶୋରେ ଖୁଂଟିଆ, ଏଡଇଓ ଚନ୍ଦ୍ର ଶେଖର ମହାପାତ୍ର , ଅଜିତ କୁମାର ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No-(06782) 263704,267078, Fax-(06782) 267078**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo